- Vol.- 46, Issue No. 109
- Sunday, 19 July 2026
- ରବିବାର, ୧୯ ଜୁଲାଇ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ଆଡ଼ପ ମଣ୍ଡପକୁ ବିଜେ କଲେ ଚତୁର୍ଦ୍ଧା ମୂର୍ତ୍ତି

## ■ ଆଜିଠୁ ଆଡ଼ପ ଦର୍ଶନ ଓ ଅବଢ଼ା ■ ମହାପ୍ରଭୁଙ୍କୁ ଦର୍ଶନ କରି ଶ୍ରଦ୍ଧାଳୁ କୃତ୍ୟକୃତ୍ୟ



ପୁରୀ,୧୮ ।୭(ନିପ୍ର): ଶ୍ରୀଜିଉମାନେ ଶ୍ରୀଗୁଣ୍ଡିଚା ଦିନ ନବଦିନାତ୍ମକ ଯାତ୍ରାରେ ବାହାରି ଶରଧାବାଲିରେ ପହଞ୍ଚିବା ପରେ ଶରଧାବାଲି ଚଳଚଞ୍ଚଳ ହୋଇଉଠିଛି । ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ଦର୍ଶନ କରି କୃତ୍ୟକୃତ୍ୟ । ନବଦିନାତ୍ମକ ରଥଯାତ୍ରା ଉତ୍ସବରେ ଶ୍ରୀଜିଉମାନେ ଗୁଣ୍ଡିଚା ମନ୍ଦିରରେ ସପ୍ତାହେ ବ୍ୟାପୀ ଅବସ୍ଥାନ କରିବେ । ଜନ୍ମବେଦିରେ ଲୀଳା ରଚିବେ । ଯାହାକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାନବୀୟ ଲୀଳାର ଅନ୍ୟ ଏକ ନିଦର୍ଶନ। ଆଜି ରଥ ଉପରେ ସମସ୍ତ ଦୈନନ୍ଦିନ ନୀତିକାନ୍ତି ସମ୍ପନ୍ନ ହୋଇଥିଲା । ରଥରେ ବିଦ୍ୟମାନ ଶ୍ରୀଜିଉମାନଙ୍କୁ ଦର୍ଶନ କରିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଯେପରି ଭକ୍ତମାନେ ଶୃଙ୍ଖଳିତ ଦର୍ଶନ କରିପାରିବେ ସେ ବ୍ୟବସ୍ଥା ହୋଇଥିଲା । ଆଜି ରଥ ଉପରେ ସନ୍ଧ୍ୟା ଆଳତି ହେବା ପରେ ତିନି ରଥରେ ଚାରମାଳ ବନ୍ଧାଯାଇଥିଲା । ପ୍ରଥମେ ମହାଜନ ସେବକ ମଦନ ମୋହନ ଓ ରାମକୃଷ୍ଣଙ୍କୁ ଆଡପ ମଣ୍ଡପ ଦକ୍ଷିଣେ ବିଜେ କରିଥିଲେ । ଆଜି ଶ୍ରୀଜିଉମାନଙ୍କୁ ଆଡପ ମଣ୍ଡପକୁ ବିଜେ କରାଯାଇଥିଲା । ପ୍ରଥମେ ସୁଦର୍ଶନ ପରେ ବଳଭଦ୍ର ଓ ପରେ ଦେବୀ ସୁଭଦ୍ରା ଓ ପରିଶେଷରେ ଜଗନ୍ନାଥଙ୍କୁ ପହଣ୍ଡି କରି ଦଇତା ସେବାୟତମାନେ ଆଡପ ମଣ୍ଡପରେ ବିଜେ କରିଥିଲେ । ଆଜି ମଧ୍ୟାହ୍ନରୁ ପାଗ ଅନୁକୂଳ ଥିବାରୁ ଶ୍ରଦ୍ଧାଳୁମାନଙ୍କର ଭିଡ଼ ଅଧିକ ରହିଥିଲା । ପହଣ୍ଡି ଦେଖିବା ପାଇଁ ଶରଧାବାଲି ଲୋକାରଣ୍ୟ ହୋଇଥିଲା । ଶ୍ରଦ୍ଧାଳୁମାନଙ୍କ ହରିବୋଲ ଧ୍ୱନିରେ ଶରଧା ବାଲି ପ୍ରକମ୍ପିତ ହୋଇଥିଲା ଶ୍ରୀଜିଉମାନେ ଆଡପ ମଣ୍ଡପରେ ଭକ୍ତ ମାନଙ୍କୁ ଆଜିଠାରୁ ଦର୍ଶନ ଦେବେ । ଆଡପ ମଣ୍ଡପରେ ଦର୍ଶନ କଲେ କୋଟି ପୁଣ୍ୟ ମିଳିଥାଏ ବୋଲି କୁହାଯାଏ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ସମସ୍ତ ଅଞ୍ଚଳକୁ ସିସି କ୍ୟାମେରା ଅଧୀନରେ ରଖାଯାଇଛି ।

**॥ ଭାରତର ପ୍ରଥମ ଘରୋଇ କକ୍ଷପଥ ॥**

# ରକେଟ୍ ବିକ୍ରମ-୧ ଉତ୍କ୍ଷେପଣ ସଫଳ

- ପ୍ରଧାନମନ୍ତ୍ରୀ ମୋଦି ଏବଂ ମନ୍ତ୍ରୀ ଜିତେନ୍ଦ୍ର ସିଂହ ଜଣାଇଲେ ଅଭିନନ୍ଦନ
- ବିଶ୍ୱସ୍ତରୀୟ ଘରୋଇ କକ୍ଷପଥ ପ୍ରକ୍ଷେପଣ ବଜାରରେ ପ୍ରବେଶ



ନୂଆଦିଲ୍ଲୀ,୧୮ ।୭: ଭାରତର ପ୍ରଥମ ଘରୋଇ କକ୍ଷପଥ ରକେଟ୍, ବିକ୍ରମ-୧, ଶନିବାର ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ସଫଳତାର ସହ ଉତ୍କ୍ଷେପଣ କରାଯାଇଛି । ଏହି ଉତ୍କ୍ଷେପଣକୁ 'ମିଶନ ଆଗମନ' ନାମ ଦିଆଯାଇଛି। ପ୍ରାରମ୍ଭରେ ମିଶନ୍ ସକାଳ ୧୧:୩୦ ପାଇଁ ସ୍ଥିର କରାଯାଇଥିଲା, କିନ୍ତୁ ବୈଷୟିକ କାରଣରୁ ଏହାକୁ ଅପରାହ୍ନ ୧୨:୦୬ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା। ହାଇଦ୍ରାବାଦ-ଭିତ୍ତିକ ସ୍କାଏରୁଟ୍ ଏରୋସ୍ପେସ୍ ଦ୍ୱାରା ନିର୍ମିତ ବିକ୍ରମ-୧, ତିନୋଟି କଠିନ-ଇନ୍ଧନ ପର୍ଯ୍ୟାୟ ଏବଂ ଏକ ତରଳ କକ୍ଷପଥ ସମାୟୋଜନ ମଡ୍ୟୁଲ୍ ଦ୍ୱାରା ପରିଚାଳିତ। ବିକ୍ରମ-୧ର ଉତ୍କ୍ଷେପଣ ସହିତ, ଭାରତ ବିଶ୍ୱସ୍ତରୀୟ ଘରୋଇ କକ୍ଷପଥ ପ୍ରକ୍ଷେପଣ ବଜାରରେ ପ୍ରବେଶ କରିଛି। ଏହା ଭାରତର ବାଣିଜ୍ୟିକ ମହାକାଶ କ୍ଷମତାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

### ଆତ୍ମନିର୍ଭରଶୀଳ ଭାରତ ଦିଗରେ ପ୍ରମୁଖ ପଦକ୍ଷେପ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୮ ।୭: ଭାରତର ପ୍ରଥମ ଘରୋଇ କକ୍ଷପଥ ରକେଟ 'ବିକ୍ରମ-୧'ର ସଫଳ ଉତ୍କ୍ଷେପଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍କାଇରୁଟ ଏରୋସ୍ପେସକୁ ଅଭିନନ୍ଦନ ଜଣାଇଛନ୍ତି। ସେ କମ୍ପାନୀର ସହ-ପ୍ରତିଷ୍ଠାତା ପଓ୍ୱନ କୁମାର ଚାନ୍ଦନା ଏବଂ ନାଗା ଭାରତ ଡାକାଙ୍କ ସହ ଫୋନରେ କଥା ହୋଇଛନ୍ତି ଏବଂ କହିଛନ୍ତି ଯେ ସ୍କାଇ ରୁଟ୍ ଆକାଶରେ ନିଜର ମୂଳଦୁଆ ପକାଇଛି ଏବଂ ଭୂମିରେ ସେହି ମୂଳଦୁଆକୁ ମଧ୍ୟ ମଜଭୁତ କରିଛି, ଯାହା ଦେଶର ଯୁବକମାନଙ୍କୁ ପ୍ରେରଣା ଦେବ। ହାଇଦ୍ରାବାଦ ସ୍ଥିତ ଘରୋଇ କମ୍ପାନୀ ସ୍କାଇରୁଟ୍ ଏରୋସ୍ପେସ୍ ଦ୍ୱାରା ବିକଶିତ ଦେଶର ପ୍ରଥମ କକ୍ଷପଥ-ଶ୍ରେଣୀ ରକେଟ୍ 'ବିକ୍ରମ-୧' ର ସଫଳ ଉତକ୍ଷେପଣ ପରେ ଶନିବାର ଦିନ ଇସ୍ରୋର ସହ-ପ୍ରତିଷ୍ଠାତା ପଓ୍ୱନ କୁମାର ଚାନ୍ଦନାଙ୍କ ସହ ଫୋନରେ କଥାବାର୍ତ୍ତା କରି ପ୍ରଧାନମନ୍ତ୍ରୀ ଏହାକୁ ଏକ ଆତ୍ମନିର୍ଭରଶୀଳ ଭାରତ ଦିଗରେ ଏକ ପ୍ରମୁଖ ପଦକ୍ଷେପ ବୋଲି ବର୍ଣ୍ଣନା କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ସଫଳତା ଦର୍ଶାଉଛି ଯେ ଘରୋଇ କ୍ଷେତ୍ରର ଅଂଶଗ୍ରହଣ ସତ୍ତ୍ୱେ ଭାରତ ମହାକାଶ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ ସକ୍ଷମ।

### ତ୍ୱରିତ ହେବ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟ

# ଗଠନ ହେବ 'ଷ୍ଟେଟ୍ ସ୍ପେଶାଲ୍ ସେଲ୍'



ଭୁବନେଶ୍ୱର,୧୮ ।୭: ଏଣିକି ସବୁ ଭିତ୍ତିଭୂମି ପ୍ରକଳ୍ପର ହେବ ନିରନ୍ତର ସମୀକ୍ଷା । ନିର୍ଦ୍ଧାରିତ ସମୟରେ ସରିବ ପ୍ରକଳ୍ପ । ରାଜ୍ୟରେ ବୃହତ୍ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ 'ଷ୍ଟେଟ୍ ସ୍ପେଶାଲ୍ ସେଲ୍' ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ପ୍ରସ୍ତାବିତ ସେଲ ପ୍ରକଳ୍ପଗୁଡିକୁ କାର୍ଯ୍ୟକାରୀ କରିବାକୁ ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ କାମ କରିବ । ଏହି ସେଲ ବିଭିନ୍ନ ବିଭାଗ ଦ୍ୱାରା ପରିଚାଳିତ ଭିତ୍ତିଭୂମି ପ୍ରକଳ୍ପର କାର୍ଯ୍ୟକାରୀ କରିବାକୁ ଡିଜାଇନ ପ୍ରସ୍ତୁତି ଠାରୁ ଆରମ୍ଭ କରି ଡିପିଆର ପ୍ରସ୍ତୁତି ପର୍ଯ୍ୟନ୍ତ ସାହାଯ୍ୟ କରିବ। ପ୍ରକଳ୍ପଗୁଡିକୁ ନିରନ୍ତର ସମୀକ୍ଷା ଓ ମୂଲ୍ୟାୟନ କରିବ ଏହି ସେଲ । ଏହାଦ୍ୱାରା ଏହି ସେଲ ସବୁ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଏକ ସିଙ୍ଗଲ ୱିଣ୍ଡୋ ଭାବେ କାମ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଗତ ମାର୍ଚ୍ଚ ୧୮ ତାରିଖରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ପାଖକୁ ଏନେଇ ଚିଠି ଲେଖି ଏହି ନିର୍ଦ୍ଦେଶ ଦେବା ସହ ସେଲ ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ପ୍ରଶାସନ ଏ ଦିଗରେ ଆଗକୁ ବଢ଼ିଛି ।

# ଅଗଷ୍ଟରେ ଦିଲ୍ଲୀରେ ହେବ ଇନଭେଷ୍ଟର୍ସ ରୋଡ୍ ସୋ

### ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ରହିବ ମୁଖ୍ୟ

ଭୁବନେଶ୍ୱର, ୧୮ ।୭(ନିପ୍ର): ଅଗଷ୍ଟରେ ଦିଲ୍ଲୀରେ ଇନଭେଷ୍ଟର୍ସ ରୋଡ୍ ସୋ ଆୟୋଜିତ ହେବ ବୋଲି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି। ସେ ସୂଚନା ଦେଇଛନ୍ତି ଯେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରୋଡ୍ ସୋରେ ଟିମ୍ ଓଡ଼ିଶାର ନେତୃତ୍ୱ ନେବେ। ଦିଲ୍ଲୀରେ ଫୋକସର ଏରିଆ ରହିବ ଖାଦ୍ୟ ପ୍ରକ୍ରିୟାକରଣ ସେକ୍ଟର। ୨ ବର୍ଷରେ ଓଡ଼ିଶାକୁ ଅନେକ ପୁଞ୍ଜି ଆସିଛି, ଶିଳ୍ପ ମଧ୍ୟ ଆରମ୍ଭ ହୋଇଛି। ନିୟମିତ ପୁଞ୍ଜି ନିବେଶ, ଶିଳ୍ପ ପ୍ରତିଷ୍ଠା ଓ ନିଯୁକ୍ତି ଉପରେ ସମୀକ୍ଷା ହେଉଛି। ଯୁବକ ଯୁବତୀମାନେ କିପରି ଶିଳ୍ପ ବାତାନୁକୂଳ ଦକ୍ଷତା ପାଇବେ ତାହା ଉପରେ ଧ୍ୟାନ ଦେଉଛୁ।

### ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ବୈଠକରେ ମୁଖ୍ୟମନ୍ତ୍ରୀ

# ଅନ୍ତିମ ଧାଡ଼ିର ଲୋକଙ୍କ ପାଇଁ କାମ କରନ୍ତୁ

ଭୁବନେଶ୍ୱର,୧୮ ।୭(ନିପ୍ର): ଆମ ସରକାର ଆସିବା ପରେ ସମାଜର ସବୁ ବର୍ଗର ଉନ୍ନତି ପାଇଁ ପଦକ୍ଷେପ ନେବା ସହିତ ଆଦିବାସୀମାନଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନିଆଯାଇଛି। ଆମ ପାଇଁ ରାଜନୀତି କ୍ଷମତା ଭୋଗ କରିବାର ମାଧ୍ୟମ ନୁହେଁ, ବରଂ ଅନ୍ତିମ ଧାଡ଼ିରେ ଥିବା ଗରିବ ଲୋକର ସେବା କରିବାର ମାଧ୍ୟମ, ଯାହାକୁ ଆମେ ଅନ୍ତ୍ୟୋଦୟ କହୁ। ତେଣୁ, ଆପଣମାନେ ଅନ୍ତିମ ଧାଡି ପର୍ଯ୍ୟନ୍ତ ପହଞ୍ଚି, ଲୋକଙ୍କ ପାଇଁ କାମ କରନ୍ତୁ । ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନବନିଯୁକ୍ତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କୁ ପରାମର୍ଶ ଦେଇ ଏପରି କହିଛନ୍ତି। ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନବନିଯୁକ୍ତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୨୩ଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନେ ଯୋଗ ଦେଇଥିଲେ। ନବନିଯୁକ୍ତ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କ ଆଞ୍ଚଳିକ ସମସ୍ୟାଗୁଡ଼ିକୁ ଗୁରୁତ୍ୱର ସହ ଶୁଣି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ଦୃଷ୍ଟିକୁ ସମସ୍ୟା ଆଣନ୍ତୁ। ତା ସହିତ ବିଭାଗୀୟ ଅଧିକାରୀ ଓ ମନ୍ତ୍ରୀ ମଧ୍ୟ ଆପଣମାନଙ୍କ ବିଭିନ୍ନ ବିଷୟ ଉପରେ ପଦକ୍ଷେପ ନେବେ। ଜିଲ୍ଲା ସ୍ତରରେ ଆପଣମାନେ ଯେଉଁଳି ଉପଯୁକ୍ତ ସମ୍ମାନର ସହ କାମ କରିବେ, ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି। ମୁଖ୍ୟଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଥିଲେ ଯେ, ଆମର ଉନ୍ନୟନ ପରିଷଦରେ ଜଣେ ମହିଳା ଓ ଜଣେ ପୁରୁଷଙ୍କୁ ନିଯୁକ୍ତି ଦିଆଯାଇଛି, ଯାହା ଏକ ଉତ୍ତମ ମଡେଲ। ୨୦୩୬ ଭିଜନକୁ ହାସଲ କରିବାକୁ ହେଲେ, ଆମ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ହେବ ।





# ବାଣ କାରଖାନାରେ ଅଗ୍ନିକାଣ୍ଡ,୮ ମୃତ



ଅହମ୍ମଦାବାଦ,୧୮ ।୭: ଗୁଜରାଟର ଅହମ୍ମଦାବାଦ ବସ୍ତ୍ରାଲ ଅଞ୍ଚଳରେ ଶନିବାର ଅପରାହ୍ନରେ ଏକ ବାଣ କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଆଠ ଜଣଙ୍କର ଦୁଃଖଦ ମୃତ୍ୟୁ ହୋଇଛି ଏବଂ ୧୫ ଜଣ ଆହତ ହୋଇଛନ୍ତି। ସୂଚନା ପାଇବା ପରେ, ପାଞ୍ଚଟି ଅଗ୍ନିଶମ ବାହିନୀ ଗାଡ଼ି, ଆମ୍ବୁଲାନ୍ସ, ଗଜରାଜ ଏବଂ ଅନ୍ୟାନ୍ୟ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ଆରମ୍ଭ କରିଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ଅହମ୍ମଦାବାଦର ମେୟର ଏବଂ ମ୍ୟୁନିସିପାଲ କମିଶନର ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିଥିଲେ। ତଦନ୍ତରୁ ଜଣାପଡିଛି ଯେ କାରଖାନାଟି ମେହୁଲ ଡୋଡିଆ ନାମକ ଜଣେ ବ୍ୟକ୍ତି ଦ୍ୱାରା ପରିଚାଳିତ ହେଉଥିଲା। ପୋଲିସ ତାଙ୍କ ବିରୋଧରେ ବିଭିନ୍ନ ଧାରା ଅନୁଯାୟୀ ମାମଲା ରୁଜୁ କରିବା ପ୍ରକ୍ରିୟା ଆରମ୍ଭ କରିଛି, ଯେଉଁଥିରେ ହତ୍ୟା ନୁହେଁ ଦୋଷୀ ହତ୍ୟା ଅନ୍ତର୍ଭୁକ୍ତ।

### ରାସ୍ତା ନାହିଁ, ଆମ୍ବୁଲାନସ ନାହିଁ

# ୨ କି.ମି. କାଦୁଅ ରାସ୍ତାରେ ଗର୍ଭବତୀଙ୍କୁ ବୋହିଲେ



ଭବାନୀପାଟଣା,୧୮ ।୭: କଳାହାଣ୍ଡି ଜିଲ୍ଲାରୁ ଆସିଥିବା ଏକ ହୃଦୟ ବିଦାରକ ଘଟଣା ଗ୍ରାମାଞ୍ଚଳର ଦୟନୀୟ ଚିତ୍ରକୁ ସାମ୍ନାକୁ ଆଣିଛି। ଘଟଣାଟି କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ଘୁଟିଗୁଡ଼ା ଗାଁରେ ଘଟିଛି। ଗର୍ଭବତୀ ରଞ୍ଜିତା ମାଝୀ ଶୁକ୍ରବାର ବିଳମ୍ବିତ ରାତିରେ ପ୍ରସବ ବେଦନା ଅନୁଭବ କରିବାରୁ ପରିବାର ଲୋକେ ସଙ୍ଗେସଙ୍ଗେ ଜନନୀ ଏକ୍ସପ୍ରେସ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। କିନ୍ତୁ ଗାଁକୁ ସଂଯୋଗ କରୁଥିବା କାଦୁଅ ଓ ଖାଲଖମା ଭର୍ତ୍ତି ରାସ୍ତା ଯୋଗୁଁ ଆମ୍ବୁଲାନ୍ସ ଗାଁ ପର୍ଯ୍ୟନ୍ତ ପହଞ୍ଚି ପାରିନଥିଲା। ଦୀର୍ଘ ସମୟ ଅପେକ୍ଷା ପରେ ମଧ୍ୟ ସହାୟତା ନମିଳିବାରୁ ଆମ୍ବୁଲାନ୍ସ ଫେରିଯାଇଥିଲା ବୋଲି କୁହାଯାଇଛି। ଶନିବାର ସକାଳେ ପରିବାର ଲୋକେ ଏକ ଅଟୋ ଭଡ଼ା କରିଥିଲେ। ତେବେ ଅଟୋ ମଧ୍ୟ ଗାଁ ଭିତରକୁ ଯାଇପାରି ନଥିଲା। ଶେଷରେ ଗ୍ରାମବାସୀମାନେ ଏକ ଅସ୍ଥାୟୀ ଭାର ପ୍ରସ୍ତୁତ କରି ଆସନ୍ନପ୍ରସବାଙ୍କୁ କାନ୍ଧରେ ବୋହି ପ୍ରାୟ ୨ କିଲୋମିଟର କାଦୁଅ ରାସ୍ତା ଅତିକ୍ରମ କରି ମୁଖ୍ୟ ସଡ଼କରେ ପହଞ୍ଚାଇଥିଲେ। ସେଠାରୁ ଅଟୋ ଯୋଗେ ତାଙ୍କୁ ଥୁଆମୂଳ ରାମପୁର କମ୍ୟୁନିଟି ହେଲଥ୍ ସେଣ୍ଟରକୁ ନିଆଯାଇଥିଲା।

**୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷିତ**


# କାର୍ତ୍ତିକ ଆର୍ଯ୍ୟନ ଓ ମାମୁଟ୍ଟୀ ଶ୍ରେଷ୍ଠ ଅଭିନେତା

★ ୟାମୀ ଗୌତମ ଶ୍ରେଷ୍ଠ ଅଭିନେତ୍ରୀ ★ 'ଆର୍ଟିକଲ-୩୭୦'ଶ୍ରେଷ୍ଠ ଫିଚର ଚଳଚ୍ଚିତ୍ର ★ 'ଶ୍ରୀକାନ୍ତ' ଶ୍ରେଷ୍ଠ ହିନ୍ଦୀ ଚଳଚ୍ଚିତ୍ର



ନୂଆଦିଲ୍ଲୀ,୧୮ ।୭: ଭାରତୀୟ ସିନେମାର ସବୁଠାରୁ ପ୍ରତିଷ୍ଠିତ ସମ୍ମାନ '୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର' । ଏହାକୁ ନେଇ ଅପେକ୍ଷା ଅନ୍ତ ଘଟିଛି। ଶ୍ରେଷ୍ଠ ଚଳଚ୍ଚିତ୍ର ଏବଂ କଳାକାରଙ୍କୁ ସମ୍ମାନିତ କରିବା ପାଇଁ ଆଜି ବିଜୟୀମାନଙ୍କର ନାମ ଘୋଷଣା କରାଯାଇଛି। ଶନିବାର ଏହି ପୁରସ୍କାର ଘୋଷିତ ହୋଇଛି। ଏଥିରେ 'ଆର୍ଟିକଲ-୩୭୦'କୁ ଶ୍ରେଷ୍ଠ ଫିଚର ଫିଲ୍ମ ଭାବେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଦିଆଯିବାକୁ ଘୋଷଣା କରାଯାଇଛି। ଏଥିରେ ଅଭିନୟ ପାଇଁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ମନୋନୀତ ହୋଇଛନ୍ତି ୟାମୀ ଗୌତମ। ଶ୍ରେଷ୍ଠ ଅଭିନେତା ଭାବେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବାକୁ ଯୁଗ୍ମ ଭାବେ ମନୋନୀତ ହୋଇଛନ୍ତି କାର୍ତ୍ତିକ ଆର୍ଯ୍ୟନ ଓ ମାମୁଟ୍ଟୀ। କାର୍ତ୍ତିକ ଆର୍ଯ୍ୟନ ଚଳଚ୍ଚିତ୍ର 'ଚନ୍ଦୁ ଚାମ୍ପିୟନ' ପାଇଁ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ବେଳେ ମାମୁଟ୍ଟୀ 'ବ୍ରହ୍ମାୟୁଗମ' ପାଇଁ ପାଇବେ ଏହି ପୁରସ୍କାର। ତାମିଲ ଫିଲ୍ମ 'ଅମରନ' ପାଇଁ ରାଜକୁମାର ପେରିୟାସାମୀ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ପାଇବେ। ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ଭାବେ ସଞ୍ଜୟ ମିଶ୍ରା ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ବେଳେ କନ୍ନଡ଼ ଅଭିନେତ୍ରୀ ରୁପାଶ୍ରୀ ଭୋରକାଡୀ ଓ ତାମିଲ ଅଭିନେତ୍ରୀ ସଚନା ନାମିଦାସ ଯୁଗ୍ମ ଭାବେ ପାର୍ଶ୍ୱ ଅଭିନେତ୍ରୀ ପୁରସ୍କାର ପାଇବେ। 'ସ୍ତ୍ରୀ-୨' ପାଇଁ ବିଜୟ ଗାଙ୍ଗୁଲି ଶ୍ରେଷ୍ଠ କୋରିଓଗ୍ରାଫର, 'ପୁଷ୍ପା-୨' ପାଇଁ ଶୀତଲ ଶର୍ମା ଶ୍ରେଷ୍ଠ କଷ୍ଟ୍ୟୁମ ଡିଜାଇନର, ମଲାୟଲମ ଫିଲ୍ମ 'ଏଆରଏମ' ପାଇଁ ଭାଇକୋମ ବିଜୟଲକ୍ଷ୍ମୀଙ୍କୁ ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟିକା, ଅଭୟ ଯୋଧପୁରକରଙ୍କୁ ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ ଓ ଆର୍ଟିକିଲ-୩୭୦ ପାଇଁ ଶାଶ୍ୱତ ସଚଦେବଙ୍କୁ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ପୁରସ୍କାର ଘୋଷଣା କରାଯାଇଛି।

### ଓଡ଼ିଆ ଫିଲ୍ମ 'ଲହରୀ'କୁ ପୁରସ୍କାର




ନୂଆଦିଲ୍ଲୀ,୧୮ ।୭: ଝିଲିକ୍ ମୋସନ୍ ପିକଚର୍ସ ବ୍ୟାନରରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ଲହରୀ' ଶ୍ରେଷ୍ଠ ଆଞ୍ଚଳିକ ଚଳଚ୍ଚିତ୍ର ଭାବେ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ନୃତ୍ୟ ନିର୍ଦ୍ଦେଶନା ସହିତ ନିର୍ଦ୍ଦେଶନା ଭାର ସମ୍ଭାଳି ଥିଲେ ଅମର୍ତ୍ତ ଭଟ୍ଟାଚାର୍ଯ୍ୟ। ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ରରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ ପ୍ରମୁଖ ଅଭିନୟ କରିଥିଲେ। ଓଡ଼ିଶାର ଗ୍ରାମୀଣ ପରିବେଶରେ ପରମ୍ପରା ଓ ଆଧୁନିକତାର ଦ୍ୱନ୍ଦ୍ୱ, ପିତା-ପୁଅ ସମ୍ପର୍କ, ବନ୍ଧୁତ୍ୱ ଓ ଜୀବନର ପରିବର୍ତ୍ତନକୁ କେନ୍ଦ୍ର କରି ଫିଲ୍ମଟି ଗତିଶୀଳ ହୋଇଥିଲା। ଚଳଚ୍ଚିତ୍ରଟି ୨୦୨୫ ଇଣ୍ଡିଆନ ଫିଲ୍ମ ଫେଷ୍ଟିଭାଲ ଅଫ ମେଲବର୍ଣ୍ଣ (ଆଇଏଫଏଫଏମ) ଓ ତସବୀର ଦକ୍ଷିଣ ଏସୀୟ ଫିଲ୍ମ ଫେଷ୍ଟିଭାଲ ଭଳି ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ/ଚୟନ ହୋଇଥିଲା। ଗତବର୍ଷ ସେପ୍ଟେମ୍ବର ୧୨ରେ ମୁକ୍ତିଲାଭ କରିଥିଲା ।

ରବିବାର, ୧୯.୦୭.୨୬, ଭୁବନେଶ୍ୱର

# ନବପ୍ରଭାତ

ଦିନଲିପି ପୃଷ୍ଠା-୨




# ଟାହିଆଲାଗି ବେଶ

ଟାହିଆ ଲାଗି ବେଶ ଶ୍ରୀଜଗନ୍ନାଥଙ୍କ ପହଣ୍ଡିବିଜେ ସମୟରେ ଦେଖିବାକୁ ମିଳିଥାଏ । ରଥଯାତ୍ରା ପାଇଁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଧାଡି ପହଣ୍ଡିରେ ରଥ ଉପରକୁ ଆସନ୍ତି । ସେହି ସମୟରେ ପ୍ରଭୁମାନଙ୍କୁ ସୁନ୍ଦର ଟାହିହା ମାନ ପିନ୍ଧାଇ ଦିଆଯାଇଥାଏ । ଏହି ମନଲୋଭା ବେଶକୁ ଦେଖିବା ପାଇଁ ଲକ୍ଷ ଲକ୍ଷ ଭକ୍ତ ଉତ୍ସୁକ ଥାଆନ୍ତି । ଏହି ଟାହିଆ ବା ମୁକୁଟ ବେତ-ବାଉଁଶ, ସୋଲ ଓ ଫୁଲରେ ନିର୍ମିତ ହୋଇଥାଏ । ପାନପତ୍ର ଆକୃତିର ଟାହିଆଗୁଡିକର ଉଚ୍ଚତା ପ୍ରାୟ ଛଅ ଫୁଟ ଏବଂ ବ୍ୟାସ ସାଢେ ଆଠ ଫୁଟ । ସୋଲ ତିଆରି କଦମ୍ବ ଫୁଲ ଟାହିଆକୁ ସୁଦୃଶ୍ୟ କରି ଗଢିଥାଏ । ଟାହିଆ ପିନ୍ଧା ସମୟର ବେଶକୁ ଟାହିଆଲାଗି ବେଶ କୁହାଯାଏ ।

## ପ୍ରଭୁ ଶ୍ରୀନୃସିଂହ

ନନ୍ଦିଘୋଷ ରଥରେ ବିଜେ ହୋଇଛନ୍ତି ପ୍ରଭୁ ଶ୍ରୀନୃସିଂହ । ଠାକୁରଙ୍କ ନିକଟରେ ପ୍ରହଲ୍ଲାଦ ଯୋଡ଼ ହସ୍ତ ହୋଇ ଦଣ୍ଡାୟମାନ । ପ୍ରହଲ୍ଲାଦ ହେଉଛନ୍ତି ମହାପ୍ରଭୁଙ୍କ ବଡ଼ ଭକ୍ତ । ଠାକୁରଙ୍କ ପ୍ରତି ଭାବଭକ୍ତିର ମାନ ରକ୍ଷା କରିବାକୁ ପ୍ରଭୁ ନୃସିଂହ ରାକ୍ଷସ ହିରଣ୍ୟକଶିପୁକୁ ମାରିଥିଲେ । ଶ୍ରୀନୃସିଂହ ମହାପ୍ରଭୁ ଖମ୍ବରୁ ଆବିର୍ଭାବ ହେବା ସମୟରେ ସିଂହ ମୁଖ ଓ ଚାରି ହାତ ରହିଥିଲା । ଠାକୁରଙ୍କ ତୃତୀୟ ନେତ୍ର ମଧ୍ୟ ରହିଛି ।



# ଯାତ୍ରାରେ ମଠମାନଙ୍କ ଭୂମିକା

ଜଗନ୍ନାଥ ମନ୍ଦିରର ଅଧିକାଂଶ ରୀତିନୀତି ଓ ଯାନିଯାତ୍ରାଦି ସହିତ ମଠମାନଙ୍କର ସମ୍ପର୍କ ବହୁ ପ୍ରାଚୀନ କାଳରୁ ରହି ଆସିଛି। ସମ୍ପ୍ରତି ସେହି ପରମ୍ପରା କେତେକାଂଶ ଲୋପ ପାଇ ଯାଇଥିଲେ ହେଁ, କେତେକ ରୀତିନୀତି, ବେଶ, ଯାନିଯାତ୍ରାଦି ସହ ନିର୍ଦ୍ଦିଷ୍ଟ ମଠମାନଙ୍କର ସମ୍ପର୍କ ଏବେ ବି ଅକ୍ଷୁର୍ଣ୍ଣ ରହିଛି। ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ସମ୍ପ୍ରଦାୟର ମଠମାନଙ୍କ ସହିତ ଶ୍ରୀମନ୍ଦିରରେ ବିଭିନ୍ନ ପ୍ରକାର ସେବା ସମ୍ପର୍କ ରହିଛି। ଏଥି ନିମନ୍ତେ ବହୁ ବଦାନ୍ୟ ବ୍ୟକ୍ତିବିଶେଷ ମଠ ମାରଫତରେ ହଜାର ହଜାର ଏକ ଭୂ-ସମ୍ପତି ତଥା ଅମୃତ ମଣୋହି ସମ୍ପତ୍ତି ଜଗନ୍ନାଥଙ୍କ ଦୈନନ୍ଦିନ ସେବା ବିଧାନର ସୁପରିଚାଳନା ନିମନ୍ତେ ଖଞ୍ଜିଥିଲେ। ମୁଖ୍ୟତଃ ବିଗ୍ରହମାନଙ୍କ ଅମୃତ ମୋଣହି ଭୋଗଠାରୁ ଆରମ୍ଭ କରି ଜଗନ୍ନାଥଙ୍କ ବିଭିନ୍ନ ବେଶ ଓ ନୀତି ସମୟରେ ପୁଷ୍ପହାର, ପଦକ, ସୋଲ ତଥା ଜରି ଜମ୍ବୁରାରେ ନିର୍ମିତ ବେଶ ସାମଗ୍ରୀ ଯଥା (ହାତୀ ବେଶ, ପଦ୍ମ ବେଶ, ନବାଙ୍କ ବେଶ) ତ୍ରିମୁଣ୍ଡି ଚାନ୍ଦୁଆ, କନକ ମୁଣ୍ଡି ମରାମତି କରିବା, ରତ୍ନ ସିଂହାସନ ମାର୍ଜନା କରିବା, ଅଣସର ତାଟି ଓ ଚକଟା ଭୋଗ ଯୋଗାଇବା, ମଶାଲ ଜାଳିବା, ଚନ୍ଦନ କାଠ ଓ ରାଶି ତେଲ ଯୋଗାଇବା, ଠାକୁରଙ୍କ ସମସ୍ତ ପହଣ୍ଡି ବିଜେ ସମୟରେ ସୋଲ, ବାଉଁଶ ପାଲିଆ ଓ ଫୁଲ ତୁଳସୀଦ୍ୱାରା ନିର୍ମିତ ଟାହିୟା ପଠାଇବା, ଅଣସର ଓ ଅଧର ପଣା ଯୋଗାଇବା, ଦୈନନ୍ଦିନ ବଲ୍ଲଭ ଭୋଗ, ମହନ ଭୋଗ, ବାଲ ଭୋଗ, ଖଟଣି ମହାପ୍ରସାଦ, ଯାନିଯାତ୍ରା ଇତ୍ୟାଦିରେ ପନ୍ତି ଭୋଗ କରିବା, ଚାମର, ଆଲଟ ସେବା ଓ ସଂକୀର୍ତ୍ତନ କରିବା, ମଙ୍ଗଳ ଆଳତି ଓ ପହୁଡ଼ ଆଳତିରେ ଭଜନ କୀର୍ତ୍ତନ, ପହଣ୍ଡି ବିଜେର ଡୋରି ପଠାଇବା, ମାଳଚୂଳ ଯୋଗାଇବା ସହିତ ଶହଶହ ବର୍ଷ ପୂର୍ବେ ରଥ ଦଉଡ଼ି, ରଥକାଠ ବୁହା ହେବା ସମୟରେ ଶଗଡ଼ ଯୋଗାଇବା ଏବଂ ପ୍ରତ୍ୟେକ ଠାକୁରମାନଙ୍କ କୋଠ ଭୋଗ ସାମଗ୍ରୀ ତଦାରଖ ଇତ୍ୟାଦି ସେବାମାନ ରହିଥିଲା। ଏହିପରି ଏହି ସେବା ନିର୍ବାହ ନିମନ୍ତେ ସମ୍ପୃକ୍ତ ମଠର ମହନ୍ତମାନଙ୍କୁ ତତ୍କାଳୀନ ରାଜା ମହାରାଜାମାନେ ଶ୍ରୀମନ୍ଦିର ସରଘର, ରୋଷରେ ଚୁଲା, ଶ୍ରୀମନ୍ଦିରକୁ ମହନ୍ତାଇ ଶାଢ଼ି ବନ୍ଧାଇବା ଇତ୍ୟାଦି ପ୍ରଦାନ କରିଥିବାର ବହୁତ ପ୍ରମାଣ ରହିଛି। ସମ୍ପ୍ରତି ଏହି ସେବାରୁ ଅଳ୍ପ ସଂଖ୍ୟକ ମଠ ବିଚ୍ୟୁତ ହୋଇ ଯାଇଥିଲେ ହେଁ, ଏବେବି ଅନ୍ୟ କେତେକ ମଠ ଶ୍ରୀମନ୍ଦିରର ସେବାପୁଜା, ଯାନିଯାତ୍ରା ସହିତ ସଂଶ୍ଳିଷ୍ଟ ରହି ଆସୁଅଛନ୍ତି। ବିଶେଷକରି ଜଗନ୍ନାଥ ମହାପ୍ରଭୁଙ୍କର ରଥ ଓ ବାହୁଡ଼ା ଯାତ୍ରାରେ କେତେକ ନିର୍ଦ୍ଦିଷ୍ଟ ମଠମାନଙ୍କର ସେବା ଓ ଦ୍ରବ୍ୟ ଯୋଗାଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।







## ରାଘବ ଦାସ ମଠ:

ରଥଯାତ୍ରାର ଅୟମାରମ୍ଭ ପୂର୍ବରୁ ଶ୍ରୀମନ୍ଦିରର ଅଣସର ପିଣ୍ଡିରେ ଗୋଟିଏ କାଠର କନକମୁଣ୍ଡି ଓ ପ୍ରଭା ଏହି ମଠ ଯୋଗାଇଥାଏ। ଅଣସର ବିଧି ସମୟରେ ରାଘବ ଦାସ ମଠ ଠାକୁରମାନଙ୍କ ଉଦ୍ଦେଶ୍ୟରେ ପଣା ଓ ଚକଟା ଭୋଗ, (ଧୁଆ ମୁଗ, ପଣସ) ଓ ଖଞ୍ଜା ମୁତାବକ ସାତ ସେର ରାଶି ତେଲ ଯୋଗାଇଥାନ୍ତି। ଖଳିଲାଗି ଏକାଦଶୀ ଦିନ ବିଗ୍ରହମାନଙ୍କ ସର୍ବାଙ୍ଗ ନିମନ୍ତେ ୭ କିଲୋଗ୍ରାମ ଚନ୍ଦନକାଠ, କର୍ପୂର, କେଶର ଏବଂ ଭିତର ପନ୍ତି ଭୋଗ ମାନ ମଠ ତରଫରୁ ଯୋଗାଯାଇଥାଏ। ଏତଦ୍ ବ୍ୟତୀତ ଠାକୁରମାନଙ୍କ ନିମନ୍ତେ ହାତ ତନ୍ତ ବୁଣା ଲୁଗା ଏକ ଗଜ ଓସାର, ଷୋହଳ ହାତ ଲମ୍ବର ୨୪ଟି ଏବଂ ଏକୋଇଶି ହାତ ଲମ୍ବ ୨ଟି ବନ୍ଧା ଯାଇ ଏକଗୋଟି ଲେଖାଏଁ ମୋଟ ୨୭ ଗୋଟି ଗଡ଼ା ଲୁଗା ମନ୍ଦିର କାର୍ଯ୍ୟାଳୟ କିମ୍ବା ଶ୍ରୀମନ୍ଦିରସ୍ଥ ଗାରଦଠାରେ ଉକ୍ତ ମଠ ଦାଖଲ କରିଥାନ୍ତି। ନବଯୌବନ ଦର୍ଶନ ଦିନ ଅଣସର ତାଟି ଖୋଲିବା ପରେ ମଠର କର୍ମଚାରୀମାନେ ଉକ୍ତ ତାଟିକୁ ପ୍ରାପ୍ୟ ସ୍ୱରୂପ ମଠକୁ ଆଣିଥାନ୍ତି। ଶ୍ରୀଗୁଣ୍ଡିଚା ପୂର୍ବ ଦିନ ମଠ ତରଫରୁ ଜଗନ୍ନାଥ ଓ ବଳଭଦ୍ରଙ୍କ ପହଣ୍ଡିରେ ଆବଶ୍ୟକ ଦୁଇ ଗୋଟି ବିଜେ ତୁଳୀ ଦିଆଯାଏ। ଏତଦ୍ ବ୍ୟତୀତ ସେନାପଟା ଲାଗି ନୀତି ପାଇଁ ମଠ ଶୁକ୍ଳ ସଜ ଯୋଗାଇଥାନ୍ତି। ଶ୍ରୀଗୁଣ୍ଡିଚା ଦିନ ରଥକୁ ବିଜେ କରିବା ସମୟରେ ଶ୍ରୀମନ୍ଦିରର ସାତ ପାହାଚଠାରେ ଶ୍ରୀବିଗ୍ରହମାନେ ଶ୍ରୀମସ୍ତକରେ ଯେଉଁ ଟାହିୟା ଧାରଣ କରିଥାନ୍ତି, ତାହା ରାଘବ ଦାସ ମଠ ଯୋଗାଇଥାନ୍ତି। ବାଉଁଶ ପାତିଆ , ସୋଲ, ବିଭିନ୍ନ ପୁଷ୍ପ, ତୁଳସୀ , ଦୁବ ଇତ୍ୟାଦି ସାମଗ୍ରୀରେ ଏକ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ୪ ଗୋଟି ବଡ଼ ଟାହିୟା ମଠ ଯୋଗାଇଥାନ୍ତି।

## ଗୋବର୍ଦ୍ଧନ ମଠ:

ରଥଯାତ୍ରା ଦିନ ଶ୍ରୀମନ୍ଦିରର ବାଇଶି ପାହାଚ ସଲଗ୍ନ କାଶୀ ବିଶ୍ୱନାଥ ମନ୍ଦିର ନିକଟସ୍ଥ ମଠର ସରଘର (ପ୍ଲଟ ନଂ ୧୬୫) ଠାରେ ଗୋବର୍ଦ୍ଧନ ମଠ ପକ୍ଷରୁ ଶ୍ରୀବିଗ୍ରହମାନଙ୍କ ପହଣ୍ଡି ସମୟରେ ପନ୍ତି ଭୋଗ ହୋଇଥାଏ। ସେହିପରି ଗୁଣ୍ଡିଚା ମନ୍ଦିର ଓ ବାହୁଡ଼ା ପହଣ୍ଡି ସମୟରେ ମଧ୍ୟ ପନ୍ତି ଭୋଗ ହୋଇଥାଏ। ରଥଯାତ୍ରା ଦିନ ଠାକୁରମାନେ ରଥାରୂଢ଼ ହେବା ପରେ ମଠର ମଠାଧୀଶ ଜଗତ୍ ଗୁରୁ ଶଙ୍କରାଚାର୍ଯ୍ୟ ପରମ୍ପରା ଅନୁଯାୟୀ ରଥ ଉପରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରିଥାନ୍ତି।

## ଶଙ୍କରାନନ୍ଦ ମଠ:

ରଥଯାତ୍ରା ଓ ନୀଳାଦ୍ରି ବିଜେ ପହଣ୍ଡି ସମୟରେ ମଠ ତରଫରୁ ଶ୍ରୀମନ୍ଦିରର ଭିତର ବେଢ଼ାରେ ଠାକୁରମାନଙ୍କ ଉଦ୍ଦେଶ୍ୟରେ ପନ୍ତି ଭୋଗ କରାଯାଇଥାଏ। ସେହିପରି ବାହୁଡ଼ା ଦିନ ଶ୍ରୀଗୁଣ୍ଡିଚା ମନ୍ଦିରର ନାକଚଣା ଦ୍ୱାରଠାରେ ମଠ ପକ୍ଷରୁ ୪ଟି ପନ୍ତି ଭୋଗ ହୋଇଥାଏ।

## ଜଗନ୍ନାଥବଲ୍ଲଭ ମଠ:

ରଥଯାତ୍ରା ଓ ବାହୁଡ଼ା ଯାତ୍ରା ସମୟରେ ଜଗନ୍ନାଥବଲ୍ଲଭ ମଠ ତରଫରୁ ବିଭିନ୍ନ ସ୍ଥାନରେ ସର୍ବମୋଟ ୨୩ ଗୋଟି ପନ୍ତି ଭୋଗ ହୋଇଥାଏ। ତନ୍ମଧ୍ୟରେ ଶ୍ରୀଗୁଣ୍ଡିଚା ଯାତ୍ରାଦିନ ଶ୍ରୀମନ୍ଦିର ଭିତରେ ୪ଟି, ରଥ ଚାଲିବା ସମୟରେ ମଠର ବିଜେସ୍ଥଳୀଠାରେ ୩ଟି, ଠାକୁରମାନେ ଗୁଣ୍ଡିଚା ମନ୍ଦିରରେ ପ୍ରବେଶ କରିବା ସମୟରେ ୪ଟି, ହେରାପଞ୍ଚମୀ ଦିନ ଶ୍ରୀମନ୍ଦିରରୁ ଲକ୍ଷ୍ମୀ ଠାକୁରାଣୀ ରଥ ଭାଙ୍ଗୀ ବାହୁଡ଼ା ବିଜେ କରିବା ସମୟରେ ମଠର ବିଜେସ୍ଥଳୀଠାରେ ଗୋଟିଏ, ବାହୁଡ଼ା ଦିନ ମଠ ବିଜେ ସ୍ଥଳୀଠାରେ ୩ଟି ଓ ନୀଳାଦ୍ରି ବିଜେ ଦିନ ଶ୍ରୀମନ୍ଦିରର ପରିସରରେ ୪ଟି ପନ୍ତି ଭୋଗ ହୋଇଥାଏ। ଏହା ବ୍ୟତୀତ ରଥ ଉପରକୁ ମଠ ତରଫରୁ ଠାକୁରମାନଙ୍କ ଲାଗି ଉଦ୍ଦେଶ୍ୟରେ ମାଳ, ଚୂଳ ଇତ୍ୟାଦି ପଠାଯାଇଥାଏ।

## ଜଟିଆ ବାବାଜୀ ମଠ:

ପ୍ରତ୍ୟେକ ବର୍ଷ ଶ୍ରୀମନ୍ଦିର କାର୍ଯ୍ୟାଳୟ ତରଫରୁ ବାରାଣସୀସ୍ଥ ଶ୍ରୀ ବିଜୟକୃଷ୍ଣ ମଠର ସଭାପତିଙ୍କ ନିକଟକୁ ଠାକୁରମାନଙ୍କ ପହଣ୍ଡି ନୀତି ପାଇଁ ୪ଟି ବିଜେ ଡୋରି ଯୋଗାଇବା ପାଇଁ ପତ୍ର ଲେଖା ଯାଇଥାଏ। ଉକ୍ତ ମଠ ପୁରୀର ଜଟିଆ ବାବା ମଠ ଜରିଆରେ ୨ଟି ବିଜେ ଡୋରି ପ୍ରତିବର୍ଷ ରଥଯାତ୍ରା ପୂର୍ବରୁ ପ୍ରଦାନ କରିଥାନ୍ତି।

## ବଡ଼ ଓଡ଼ିଆ ମଠ:

ରାଘବ ଦାସ ମଠ ଭଳି ବଡ଼ ଓଡ଼ିଆ ମଠ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରାରେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହିଥାନ୍ତି। ଅଣସର ବିଧି ସମୟରେ ବଡ଼ ଓଡ଼ିଆ ମଠ ତରଫରୁ ଚକଟା ଭୋଗ ଓ ଅଣସର ପଞ୍ଚମୀ ବା ଫୁଲୁରି ଲାଗି ନୀତି ପାଇଁ ୨ଟି କୁଡୁଆରେ ୫ ସେର ରାଶି ତେଲ ଯୋଗାଇଥାନ୍ତି। ସ୍ୱତ୍ୱଲିପି ଅନୁଯାୟୀ ନେତ୍ରୋତ୍ସବ ଦିନ ବଡ଼ ଓଡ଼ିଆ ମଠ ଅଧିକାରୀଙ୍କ ଶାଢ଼ି ବନ୍ଧାକୁ ବାର ଲାଗି ଶାଢ଼ି (ପାଟ ବସ୍ତ୍ର) ମନ୍ଦିର ପ୍ରଶାସନ ତରଫରୁ ପ୍ରଦାନ କରାଯାଇଥାଏ। ପରମ୍ପରା ଅନୁଯାୟୀ ଗୁଣ୍ଡିଚା ଘରଠାରେ ପନ୍ତି ଚାଳି କରିବା ପାଇଁ ଏହି ମଠକୁ ମନ୍ଦିର କାର୍ଯ୍ୟାଳୟ ତରଫରୁଅନୁମତି ଦିଆଯାଏ। ଧୂଳିଆ ଗୁଣ୍ଡିଚା ଦିନ ଆଡ଼ପ ବିଜେ ସମୟରେ ଓ ବାହୁଡ଼ାଯାତ୍ରା ଦିନ ଏହି ମଠ ତରଫରୁ ପନ୍ତିଭୋଗ ହୋଇଥାଏ। ଗୁଣ୍ଡିଚା ଘରେ ଷଷ୍ଠୀ ଦିନ ସର୍ବାଙ୍ଗ ନୀତି ନିମନ୍ତେ ଆବଶ୍ୟକୀୟ ଚନ୍ଦନ ଇତ୍ୟାଦି ସାମଗ୍ରୀ ବଡ଼ ଓଡ଼ିଆ ମଠ ଯୋଗାଇଥାଏ। ଆଷାଢ଼ ଶୁକ୍ଳ ଦ୍ୱାଦଶୀ ତିଥିରେ ରଥ ଉପରେ ଅନୁଷ୍ଠିତ ହେଉଥିବା ଅଧରପଣା ସମଗ୍ରୀ ଏହି ମଠ ଯୋଗାଇଥାନ୍ତି। ପରମ୍ପରା ପ୍ରକାରେ ଓଡ଼ିଆ ମଠ ରତ୍ନସିଂହାସନ ଉପରେ ବନ୍ଧା ହେବା ପାଇଁ ପ୍ରତିବର୍ଷ ନୂତନ ଭାବେ ତ୍ରିମୁଣ୍ଡି ଚାନ୍ଦୁଆ ଓ ଚକା ଅପସର ନୀତି ପାଇଁ ପାଟ କନା ଯୋଗାଇଥାନ୍ତି। କନକମୁଣ୍ଡି ମରାମତି କରିବା କାର୍ଯ୍ୟ ଏହି ମଠର ଦାୟିତ୍ୱ ଅଟେ। ନୀଳାଦ୍ରି ବିଜେ ଦିନ ମଠ ତରଫରୁ ରତ୍ନସିଂହାସନ ମାର୍ଜନା କରାଯାଏ ଓ ନୀଳଚକ୍ରରେ ନୂତନ ଧ୍ୱଜା ବନ୍ଧାଯାଏ। ଗୁଣ୍ଡିଚା ଓ ଅନ୍ୟ ପକ୍ଷରେ ରଥଯାତ୍ରା ଦିନ ପ୍ରବଳ ବର୍ଷା ହୋଇ ରାସ୍ତା କାଦୁଅ ହେଲେ ସେଦିନର ଯାତ୍ରାକୁ କାଦୁଆ ଗୁଣ୍ଡିଚା ନାମରେ କଥିତ ହୋଇଥାଏ।

# ୨୩ ବର୍ଷ ପରେ ମହାସଂଯୋଗ

ହିନ୍ଦୁ ଧର୍ମରେ ଶ୍ରାବଣ ମାସର ଏକ ସ୍ୱତନ୍ତ୍ର ମହତ୍ତ୍ୱ ରହିଛି । ଚଳିତବର୍ଷ ଶ୍ରାବଣ ମାସରେ ଏକ ଅତ୍ୟନ୍ତ ବିରଳ ଏବଂ ପବିତ୍ର ମହାସଂଯୋଗ ସୃଷ୍ଟି ହେବାକୁ ଯାଉଛି । ଅଗଷ୍ଟ ୧୭ ତାରିଖରେ ନାଗପଞ୍ଚମୀ ପାଳିତ ହେବ ଏବଂ ସେହିଦିନ ଶ୍ରାବଣ ମାସର ତୃତୀୟ ସୋମବାର ମଧ୍ୟ ପଡୁଥିବାରୁ ଏହା ଅତ୍ୟନ୍ତ ଶୁଭ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଦୀର୍ଘ ୨୩ ବର୍ଷ ପରେ ଏଭଳି ଏକ ଅଦ୍ଭୁତ ସଂଯୋଗ ସୃଷ୍ଟି ହେବାକୁ ଯାଉଛି ଯେଉଁଠି ମହାଦେବ ଏବଂ ତାଙ୍କ ଗଳାର ଭୂଷଣ ସର୍ପ ଦେବତାଙ୍କ ପୂଜା ଏକାସଙ୍ଗେ ଗୋଟିଏ ଦିନରେ କରାଯିବ । ଏହାପୂର୍ବରୁ ଏପରି ବିରଳ ସଂଯୋଗ ୨୦୦୩ ମସିହାରେ ଦେଖିବାକୁ ମିଳିଥିଲା । ଧାର୍ମିକ ମାନ୍ୟତା ଅନୁଯାୟୀ, ନାଗପଞ୍ଚମୀ ତିଥିରେ ସର୍ପ ଦେବତାଙ୍କ ପୂଜା ଅତ୍ୟନ୍ତ ମଙ୍ଗଳଦାୟକ ହୋଇଥାଏ । ତେବେ ଦେବାଧିଦେବ ମହାଦେବଙ୍କର ଅତି ପ୍ରିୟ ମାସ ଶ୍ରାବଣରେ ଏବଂ ଖାସ୍ କରି ସୋମବାର ଦିନ ଏହି ପର୍ବ ପଡୁଥିବାରୁ ଏହାର ମହତ୍ତ୍ୱ ଦ୍ୱିଗୁଣିତ ହୋଇଯାଇଛି । ଶାସ୍ତ୍ର ଅନୁସାରେ, ଯେଉଁ ବ୍ୟକ୍ତିଙ୍କ ଜାତକରେ 'କାଳସର୍ପ ଦୋଷ' କିମ୍ବା ରାହୁ-କେତୁ ଜନିତ ସମସ୍ୟା ରହିଥାଏ, ସେମାନଙ୍କ ପାଇଁ ଏହି ଦିନଟି ଏକ ମହାର୍ଘ ସୁଯୋଗ । ଚଳିତ ବର୍ଷ ଅଗଷ୍ଟ ୧୭ ତାରିଖ ସକାଳ ୫:୪୧ ରୁ ୮:୨୩ ପର୍ଯ୍ୟନ୍ତ ପୂଜାର ଶୁଭ ମୁହୂର୍ତ୍ତ ରହିଛି ଯେଉଁ ସମୟରେ ପୂଜାର୍ଚ୍ଚନା କଲେ ଶୁଭଫଳ ମିଳିବ । ଏହି ଶୁଭ ଦିନରେ ବ୍ରତ ଏବଂ ପୂଜା କରିବା ଦ୍ୱାରା ସୁଫଳ ମିଳିଥାଏ । ଭକ୍ତମାନେ ସକାଳୁ ସ୍ନାନ କରି ଶିବଲିଙ୍ଗରେ କ୍ଷୀର ଓ ଜଳାଭିଷେକ କରିବା ସହ ବେଲପତ୍ର ଏବଂ ଦୁଦୁରା ଫୁଲ ଅର୍ପଣ କରନ୍ତି। ଏହାସହିତ ନାଗ ଦେବତାଙ୍କ ପ୍ରତିମା ସ୍ଥାପନ କରି କ୍ଷୀର, ହଳଦୀ, ଚନ୍ଦନ ଲଗାଇ ପୂଜା କରିବା ନିୟମ ଅଛି। ଏହି ଦିନ 'ଓଁ ଭୁଜଙ୍ଗେଶାୟ ବିଦ୍ମହେ, ସର୍ପରାଜାୟ ଧୀମହି, ତନ୍ନୋ ନାଗଃ ପ୍ରଚୋଦୟାତ୍' ମନ୍ତ୍ର କିମ୍ବା ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କଲେ ସମସ୍ତ ନକାରାତ୍ମକ ଶକ୍ତି ଦୂର ହୋଇଥାଏ। ପୌରାଣିକ କଥା ଅନୁସାରେ, ସମୁଦ୍ର ମନ୍ଥନ ସମୟରେ ବାହାରିଥିବା ବିଷାକ୍ତ ହଳାହଳ ବିଷକୁ ପାନ କରି ଭଗବାନ ଶିବ ସୃଷ୍ଟିକୁ ରକ୍ଷା କରିଥିଲେ। ସେହି ବିଷର ଜ୍ୱାଳାକୁ ଶାନ୍ତ କରିବା ପାଇଁ ଦେବତାମାନେ ତାଙ୍କ ଉପରେ ଜଳ ଢାଳିଥିଲେ ଏବଂ ସେବେଠାରୁ ଶ୍ରାବଣ ମାସରେ ଜଳାଭିଷେକର ପରମ୍ପରା ଆରମ୍ଭ ହେଲା। ଅନ୍ୟପଟେ, ନାଗପଞ୍ଚମୀ ଦିନ ମହାଭାରତର ରାଜା ଜନମେଜୟଙ୍କ 'ସର୍ପ ସତ୍ର' ଯଜ୍ଞ ଋଷି ଆସ୍ତିକଙ୍କ ଦ୍ୱାରା ବନ୍ଦ ହୋଇଥିଲା ଯାହାଫଳରେ ନାଗ ବଂଶ ରକ୍ଷା ପାଇଥିଲା।



# ■ ଚଉଦ ପ୍ରକାରର ଦୁର୍ଗୁଣ

# ଯାହା ମୃତ୍ୟୁ ଅଟେ..

ଶାସ୍ତ୍ରର ଅନୁସାରେ ଚଉଦ ପ୍ରକାରର ଦୁର୍ଗୁଣ ଯାହା ମୃତ୍ୟୁ ଅଟେ । ଅଙ୍ଗଦ ଏହି ଚଉଦ ପ୍ରକାରର ମୃତ୍ୟୁ ବତେଇ ଥିଲେ । କାମ ବଶଃ- ଯେଉଁ ବ୍ୟକ୍ତି ଅତ୍ୟନ୍ତ ଭୋଗୀ ହେବ,କାମନା ବାସନାରେ ଲିପ୍ତ ରହିଥିବ, ଯିଏ ସଂସାରରେ ଭୋଗରେ ମାତିଥାଏ, ସେ ମୃତ ସମାନ ଅଟେ । ବାମମାର୍ଗୀ-ଯେଉଁ ବ୍ୟକ୍ତି ପୁରା ଦୁନିଆରୁ ଓଲଟା ଚାଲେ । ଯିଏ ସଂସାରର ପ୍ରତ୍ୟେକ କଥାରୁ ପଛରେ ନକାରାତ୍ମକ ଖୋଜିଥାଏ । ନିୟମ,ପରମ୍ପରା ଆଉ ଲୋକ ବ୍ୟବହାର ବିରୋଧରେ ଚାଲିଥାଏ,ତାହାକୁ ବାମମାର୍ଗୀ କୁହାଯାଏ । ଏମିତି କାମ କରିବା ବାଲା ମୃତ୍ୟୁର ସମାନରେ ଗଣାଯାଏ । କୃପଣ-ଅତି କୃପଣ ବ୍ୟକ୍ତି ମଧ୍ୟ ମୃତର ସମାନ । ଧର୍ମର କାର୍ଯ୍ୟ କରିବାରେ,ଆର୍ଥିକ ରୂପରେ କୌଣସି କଲ୍ୟାଣ କାର୍ଯ୍ୟରେ ଭାଗ ନେବାରେ ଅଣଦେଖା କରିଥାଏ । ଦାନ କରିବାରୁ ବଞ୍ଚିଥାଏ । ଅତି ଦରିଦ୍ର-ଗରିବ ସବୁଠୁ ବଡ ଅଭିଶାପ ଅଟେ । ଯେଉଁ ବ୍ୟକ୍ତି ଧନ,ଆତ୍ମ-ବିଶ୍ୱାସ,ସମ୍ମାନ ଆଉ ସାହସରୁ ହୀନ ହୋଇଥାଏ,ସେ ମଧ୍ୟ ମୃତ ହିଁ ଅଟେ । ବିମୁଢ-ଅତ୍ୟନ୍ତ ମୂଢ ଅର୍ଥାତ୍ ମୂର୍ଖ ବ୍ୟକ୍ତି ମଧ୍ୟ ମୃତ୍ୟୁର ପରି ହୋଇଥାଏ । ଯାହାର ପାଖରେ ବିବେକ,ବୁଦ୍ଧି ନାହିଁ,ଯିଏ ଦୃଢ ନିର୍ଣ୍ଣୟ ନେଇ ପାରେନି । ଯଶହୀନ-ଯେଉଁ ବ୍ୟକ୍ତିକୁ ସଂସାରରେ ତିରସ୍କାର ମିଳିଥାଏ, ସେ ମଧ୍ୟ ମୃତ ସମାନ । ଯିଏ ଘର, ପରିବାର, କୁଟୁମ୍ବ, ସମାଜ କୌଣସି ଠାରେ ମଧ୍ୟ ସମ୍ମାନ ପାଏ ନାହିଁ,ସେହି ବ୍ୟକ୍ତି ମୃତ ସମାନ ହୋଇଥାଏ । ସଦା ରୋଗବଶ-ଯେଉଁ ବ୍ୟକ୍ତି ନିରନ୍ତର ରୋଗୀ ରହିଥାଏ,ସେ ମଧ୍ୟ ମୃତ ସମାନ । ସୁସ୍ଥ ଶରୀରର ଅଭାବରେ ମନ ବିଚଳିତ ରହିଥାଏ । ନକାରାତ୍ମକ ଭାବନା ତା' ମୁଣ୍ଡରେ ପଶିଯାଏ । ବ୍ୟକ୍ତି ମୁକ୍ତିର କାମନାରେ ଲାଗି ପଡିଥାଏ । କୁହାଯାଏ ଅତ୍ୟନ୍ତ ବୃଦ୍ଧ ବ୍ୟକ୍ତି ମଧ୍ୟ ମୃତ ସମାନ ହୋଇଥାନ୍ତି । କାହିଁକି ସେ ଅନ୍ୟଲୋକଙ୍କ ଉପରେ ଆଶ୍ରିତ ହୋଇଥାନ୍ତି । ଶରୀର ଆଉ ବୁଦ୍ଧି ଅକ୍ଷମ ହୋଇଯାଆନ୍ତି । ସତତ କ୍ରୋଧୀ-ଚବିଶ ଘଣ୍ଟା କ୍ରୋଧରେ ରହିବା ବାଲା ମଧ୍ୟ ମୃତର ସମାନ ହୋଇଥାଏ । ପ୍ରତ୍ୟେକ ଛୋଟ-ବଡ କଥା ଉପରେ କ୍ରୋଧ କରିବା ଏମିତି ଲୋକଙ୍କର କାମ ହୋଇଥାଏ । କ୍ରୋଧର କାରଣ ମନ ଆଉ ବୁଦ୍ଧି ଦୁହେଁ ତା'ର ନିୟନ୍ତ୍ରଣର ବାହାରେ ହୋଇଥାନ୍ତି । ଯେଉଁ ବ୍ୟକ୍ତି ପାପ କର୍ମରେ ଅର୍ଜିତ ଧନରେ ନିଜର ଆଉ ପରିବାରର ପାଳନ- ପୋଷଣ କରିଥାଏ, ସେହି ବ୍ୟକ୍ତି ମଧ୍ୟ ମୃତର ସମାନ । ତା'ର ସହିତ ରହିବା ବାଲା ଲୋକ ମଧ୍ୟ ତାହାର ସମାନ ହୋଇଯାଆନ୍ତି । ବ୍ୟକ୍ତି ଯିଏ ପୂରାପୂରି ଆତ୍ମ ସନ୍ତୁଷ୍ଟି ଆଉ ନିଜର ସ୍ୱାର୍ଥ ପାଇଁ ଜୀଇଁ ଥାଏ,ସଂସାରର କୌଣସି ଅନ୍ୟ ପ୍ରାଣୀର ପାଇଁ ତା' ମନରେ କୌଣସି ସମ୍ବେଦନ ନଥିବ ଏମିତି ବ୍ୟକ୍ତି ମଧ୍ୟ ମୃତ ସମାନ । ନିନ୍ଦକ-ଅକାରଣ ନିନ୍ଦା କରିବା ବାଲା ବ୍ୟକ୍ତି ମଧ୍ୟ ମୃତ ସମାନ ହୋଇଥାଏ । ଯିଏ ଅନ୍ୟଠାରେ କେବଳ ଦୋଷ ଦେଖିଥାଏ । ପରମାତ୍ମା ବିମୁଖ-ଯେଉଁ ବ୍ୟକ୍ତି ପରମାତ୍ମାଙ୍କ ବିରୋଧୀ ଅଟେ, ସେ ମଧ୍ୟ ମୃତ ସମାନ । ଯେଉଁ ବ୍ୟକ୍ତି ଏହା ଭାବି ନିଏ କି କୌଣସି ପରମତତ୍ତ୍ୱ ନାହିଁ । ଆମେ ଯାହା କରୁଛେ,ତାହା ହିଁ ହୋଇଥାଏ । ସଂସାରକୁ ଆମେ ହିଁ ଚଳଉଛେ । ଶ୍ରୁତି, ସନ୍ଥ ବିରୋଧୀ-ଯିଏ ସନ୍ଥ, ଗ୍ରନ୍ଥ, ପୁରାଣର ବିରୋଧୀ ଅଟନ୍ତି, ସେମାନେ ମଧ୍ୟ ମୃତ ସମାନ ହୋଇଥାନ୍ତି । ଶ୍ରୁତି ଆଉ ସନ୍ଥ ବ୍ରେକର କାମ କରନ୍ତି । ଯଦି ଗାଡିରେ ବ୍ରେକ ନଥିବ ତାହେଲେ ଆକ୍ସିଡେଣ୍ଟ ହେବ । ସେହିପରି ସମାଜକୁ ସନ୍ଥଙ୍କ ଭଳି ବ୍ରେକର ଆବଶ୍ୟକ ଅଛି । ନହେଲେ ତ ସମାଜରେ ଅନାଚାର ବ୍ୟାପିବ ।



*ମନୋଜ କୁମାର ବେହେରା, ଫୋନ୍-୭୯୭୮୮୩୦୬୧୧*

## ୧୮ କୋଟି ବ୍ୟୟବରାଦରେ ହେବ ଗୃହ ନିର୍ମାଣ
### ଭିତ୍ତିଭୂମି ଶିଳାନ୍ୟାସ କଲେ ସାଂସଦ ଓ ବିଧାୟକ

ପିପିଲି,(ନିପ୍ର): ପୁରୀ ଜିଲ୍ଲାର ମଙ୍ଗଳପୁର ସରକାରୀ ଡାକ୍ତରଖାନା ପରିସର ମଧ୍ୟରେ ନିର୍ମାଣ ହେବାକୁ ଯାଉଛି ନୂତନ ଗୃହ। ଏଥିରେ ବ୍ୟୟବରାଦ ରହିଛି ୧୮ କୋଟି ।




ଏହି ଗୃହ ନିର୍ମାଣକୁ ଶନିବାର ଅନୁଷ୍ଠାନିକ ଭାବରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ପୁରୀ ଜିଲ୍ଲା ସାଂସଦ ଡ଼. ସମ୍ବିତ ପାତ୍ର ଏବଂ ପିପିଲି - ଡେଲାଙ୍ଗ ନିର୍ବାଚନ ମଣ୍ଡଳୀର ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ସମାଜସେବୀ ପ୍ରଦୀପ ସାହୁ ଏହି ସମୟରେ ମଙ୍ଗଳପୁର ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ। ସ୍ଥାନୀୟ ପଞ୍ଚାୟତ ସମିତି ସଭ୍ୟ ସରପଞ୍ଚ ଏବଂ ଭାରତୀୟ ଜନତା ପାର୍ଟିର ନେତୃତ୍ୱମାନେ ଯୋଗ ଦେଇ ଥିବା ବେଳେ ଶତାଧିକ କର୍ମୀ ଯୋଗ ଦେଇଥିଲେ। ସର୍ବ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଥିବା ବେଳେ ସ୍ଥାନୀୟ ଲୋକଙ୍କ ଆନ୍ଦୋଳନ କ୍ରମେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ହୋଇଥିଲା। ଅଞ୍ଚଳର ଗରିବ ନିରୀହ ରୋଗୀମାନଙ୍କୁ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସ୍ଥାନୀୟ ବିଧାୟକ ଶ୍ରୀ ପଟ୍ଟନାୟକ ଆବଶ୍ୟକ ଓ ଏହାର ଭିତ୍ତିଭୂମିକୁ ସୁଦୃଢ ଓ ବିକଶିତ କରିବା ପାଇଁ ୧୮ କୋଟି ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଯାଉଥିବା ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି।

## ଦିବ୍ୟଦର୍ଶନ ସଂଘର ଗୁରୁ ଜୟନ୍ତୀ

ଗୁଣପୁର,(ନିପ୍ର): ସଦ୍‌ଗୁରୁ ଶ୍ରୀ ଅର୍ଜୁନଙ୍କ ପ୍ରତିଷ୍ଠିତ ଦିବ୍ୟ ଦର୍ଶନ ସଂଘ ଗୁରୁ ତୀର୍ଥ ଗୁଡିଆ ବନ୍ଧ ଶାଖା ଆନୁକୂଲ୍ୟରେ ଅନ୍ତରଝୋଲି ଦିବ୍ୟ ଜ୍ଞାନ ମନ୍ଦିର ପରିସର ମଧ୍ୟରେ ଦିବ୍ୟ ଦର୍ଶନ ସଂଘର ପ୍ରତିଷ୍ଠାତା ସଦ ଗୁରୁ ଶ୍ରୀ ଅର୍ଜୁନଙ୍କ ୯୪ ଜୟନ୍ତୀ ପାଳନ ଅବସରରେ ମହାନ୍ ଜ୍ଞାନ ଯଜ୍ଞର ଆୟାଜନ କରାଯାଇଥିଲା। ଉକ୍ତ ଜ୍ଞାନ ଯଜ୍ଞରେ ଦିବ୍ୟଦର୍ଶନ ସଂଘର କେନ୍ଦ୍ରୀୟ କମିଟିର ଦିବ୍ୟ -- ସଭାପତି ରବୀନ୍ଦ୍ରନାଥ ମହାନ୍ତି, ଦିବ୍ୟ ସମ୍ପାଦକ କେଶବ ସେଠୀ, ସଦସ୍ୟ ବାସିନୀ ଭୁଜଙ୍ଗ ରାଓ, ରାମକୃଷ୍ଣ ହୋତା ଯୋଗଦାନ କରି ଶୋଭା ବର୍ଦ୍ଧନ କରି ଗୁରୁ ଜୟନ୍ତୀ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଦିବ୍ୟ ପ୍ରବଚନ ମାଧ୍ୟମରେ ଗୁରୁଙ୍କର ଜୀବନ ଦର୍ଶନ ଉପରେ ଆଲୋକ ପାତ କରି ପ୍ରକାଶ କରିଥିଲେ ଯେ ସଦ ଗୁରୁ ଶ୍ରୀ ଅର୍ଜୁନ ସତ୍ୟ ନିତ୍ୟ ଲୋକରୁ ଅବତରଣ କରି ଧରାଧାମରେ ଆସି ଗୁରୁତୀର୍ଥ ଗୁଡିଆ ବନ୍ଧ ଗ୍ରାମରେ ଜନ୍ମ ଗ୍ରହଣ କରି ସମଗ୍ର ମାନବ ସମାଜକୁ ଅଜ୍ଞାନ ଅନ୍ଧକାର କବଳରୁ ଉଦ୍ଧାର କରି ଦିବ୍ୟ ଜ୍ଞାନାଲୋକରେ ଆଲୋକିତ କରିଛନ୍ତି। ମାନବ ସମାଜକୁ ଜଡ କବଳରୁ ଉଦ୍ଧାର କରି ଚୈତନ୍ୟ ମୟ ସ୍ଥିତିରେ ପହଞ୍ଚାଇବା ପାଇଁ ତାଙ୍କର ଦିବ୍ୟ ଆହ୍ୱାନ ଦେଇଥିଲେ।

## ଇଣ୍ଡିଆ ବୁକ ଅଫ୍ ରେକର୍ଡରେ ଶ୍ରୀହୀତା




ଆସିକା (ନିପ୍ର): ଆସିକା କଲେଜ ଛକ ବାସିନ୍ଦା ଆଇନଜୀବି ଦ୍ୱାରିକା ନାଥ ପରିଡା ଓ ଭାରତୀ ପ୍ରଧାନଙ୍କ ଝିଅ ଶ୍ରୀହୀତା ଶ୍ରୀୟାନଭୀ ପରିଡା ଇଣ୍ଡିଆ ବୁକ ଅଫ ରେକର୍ଡରେ ନିଜ ପ୍ରତିଭା ପାଇଁ ପୁରସ୍କୃତ ହୋଇଛନ୍ତି। ଶ୍ରୀହୀତା ମାତ୍ର ୧ବର୍ଷ ୮ମାସରେ ବୟସରେ ଏକା ଥରରେ ୨୮ଟି ରାଜ୍ୟର ରାଜଧାନୀ, ୧୨ଟି ସାଧାରଣ ଜ୍ଞାନ, ଇଂରାଜୀ ବର୍ଣ୍ଣମାଳା, ଓଡ଼ିଆ ବର୍ଣ୍ଣମାଳା, ୭ବାରର ନାମ, ୧୨ମାସର ନାମ, ୧-୩୦ଓଡ଼ିଆରେ ଗଣନା, ୧-୧୦ଇଂରାଜୀ ରେ ଗଣନା, ନିଜ ସାଇକେଲର ୧୦ଟି ପାର୍ଟ୍ସର ନାମ, ନିଜ ଶରୀରର ୧୯ଟି ଅଙ୍ଗ ର ନାମ, ୧୮ଟି ଫ୍ଲାସ କାର୍ଡର ନାମ, ୭ଟି ରଙ୍ଗର ନାମ, ୪ଟି ଅଳଙ୍କାରର ନାମ, ୧୦ଟି ଶିଶୁବୋଧ ଗୀତ, ୧୦ଟି ପଶୁ ପକ୍ଷୀର ସ୍ୱର କହି ଗତ ମାର୍ଚ୍ଚ ୨ତାରିଖରେ ଆର ବି ଆଇ ମୁଖ୍ୟ ସମ୍ପାଦକ ଡ଼ ବି ଆର ଚୌଧୁରୀଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି।ଶ୍ରୀହୀତାଙ୍କ ନାମ ଆର ବି ଆଇ ୱେବସାଇଟରେ ଉପଲବ୍ଧ ହୋଇ ଆର ବି ଆଇ ଇନ୍‌ଷ୍ଟଗ୍ରାମ, ଫେସବୁକ ପେଜ୍ ରେ ମଧ୍ୟ ଉପଲବ୍ଧ ହୋଇପାରିଛି। ଶ୍ରୀ ହିତାଙ୍କ ନାମରେ ଏକ ସର୍ଟ ଡାକମେଣ୍ଟ୍ରି ମଧ୍ୟ ଇଣ୍ଡିଆ ଟିଭିରେ ପ୍ରସାରିତ ହେବାକୁ ଯାଉଛି।ଶ୍ରୀହୀତାଙ୍କ ନାମ ଆର ବି ଆଇ ହିରୋସରେ ଚୟନ ହୋଇଛି। ଏହି ସଫଳତା ପାଇବା ପରେ ଶ୍ରୀହୀତାଙ୍କ ପାଖକୁ ଶୁଭେଚ୍ଛା ର ସୁଅ ଛୁଟିବାକୁ ଲାଗିଛି।

## କଣ୍ଟିଲୋରେ ଦମକଳ କେନ୍ଦ୍ର ଦାବି

କଣ୍ଟିଲୋ(ନିପ୍ର): କଣ୍ଟିଲୋ, ବାଣପୁର, ସିଧାମୂଳା, ପଥରଚକଡା, ମାଧପୁର, ନୂଆଗାଁ, ଧାନ ଚାଙ୍ଗଡ଼ା ଆଦି ପଞ୍ଚାୟତ ର ଅଧିବାସୀ ମାନେ ଖଣ୍ଡପଡ଼ା, ଭାପୁର କିମ୍ବା ଗଣିଆ ରେ ଥିବା ଦମକଳ କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ସେମାନେ ଖବର ପାଇ ଆସିଲା ବେଳକୁ ସବୁ କିଛି ଶେଷ ହୋଇଯାଇଥାଏ। ତେଣୁ ଏ ସମସ୍ତ ସମସ୍ୟା ର ତ୍ୱରିତ ସମାଧାନ ନିମନ୍ତେ କଣ୍ଟିଲୋ ଠାରେ ରାଜ୍ୟ ସରକାରଙ୍କ ତରଫରୁ ଜମି ଅଧିଗ୍ରହଣ କରି ଏକ ଦମକଳ କେନ୍ଦ୍ର ପ୍ରତିଷ୍ଠା କରିବାପାଇଁ ବିଧାୟକ ଓ ଜିଲ୍ଲା ପ୍ରଶାସନ ନିକଟରେ ଏ ସମସ୍ତ ୭ଟି ପଞ୍ଚାୟତ ର ଜନସାଧାରଣ ଓ ଲୋକପ୍ରତିନିଧି ମାନେ ଦାବି ଜଣାଇଛନ୍ତି।

### ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ
## ରାଉରକେଲା ବିମଳାଗଡ଼ ରେଳଷ୍ଟେସନ ଉଦ୍‌ଘାଟିତ

ରାଉରକେଲା,(ନିପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ମହତ୍ୱାକାଂକ୍ଷୀ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ପୁନଃବିକଶିତ ବିମଳାଗଡ଼ ରେଳ ଷ୍ଟେସନକୁ ଭର୍ଚୁଆଲ୍ ମୋଡରେ ଉଦ୍ଘାଟନ କରିଛନ୍ତି। ସୁନ୍ଦରଗଡ ଜିଲ୍ଲା ତଥା ରାଉରକେଲା ଓ ଭୁବନେଶ୍ୱର ମଧ୍ୟରେ ରେଳ ଭିତ୍ତିଭୂମିକୁ ଆଧୁନିକୀକରଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।



ଦେଶର ବିଭିନ୍ନ ସ୍ଥାନରେ ପୁନଃବିକଶିତ ରେଳ ଷ୍ଟେସନର ଶୁଭାରମ୍ଭ ସହିତ ଏହି ଉଦ୍ଘାଟନ ଏକକାଳୀନ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିକଳ୍ପିତ ଅମୃତ ଭାରତ ଷ୍ଟେସନ ଯୋଜନା ହେଉଛି ଭାରତୀୟ ରେଳବାଇର ସବୁଠାରୁ ମହତ୍ତ୍ୱାକାଂକ୍ଷୀ ଷ୍ଟେସନ ପୁନଃବିକାଶ ପଦକ୍ଷେପ ମଧ୍ୟରୁ ଏହା ଗୋଟିଏ ଯାହା ପ୍ରତ୍ୟେକ ଅଞ୍ଚଳର ସାଂସ୍କୃତିକ ଏବଂ ସ୍ଥାପତ୍ୟ ପରିଚୟକୁ ସଂରକ୍ଷଣ କରି ରେଳ ଷ୍ଟେସନଗୁଡ଼ିକୁ ଆଧୁନିକ, ସ୍ଥାୟୀ ଏବଂ ଯାତ୍ରୀ-ଅନୁକୂଳ ପରିବହନ ହବରେ ପରିଣତ କରିବା ଲକ୍ଷ୍ୟରେ କରାଯାଇଛି।

ବିମଳାଗଡ଼ରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲା ବେଳେ ଏଥିରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗ ଦେଇଥିଲେ। ବିଭାଗୀୟ ରେଳ ପ୍ରବନ୍ଧକ ତରୁଣ ହୁରିଆ, ଜନପ୍ରତିନିଧି, ଜିଲ୍ଲା ପ୍ରଶାସନ ଅଧିକାରୀ, ରେଳ ଅଧିକାରୀ, ଗଣମାଧ୍ୟମ କର୍ମଚାରୀ, ଛାତ୍ର ଏବଂ ବହୁ ସଂଖ୍ୟକ ସ୍ଥାନୀୟ ବାସିନ୍ଦା ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

କାର୍ଯ୍ୟକ୍ରମରେ ସମାବେଶକୁ ସମ୍ବୋଧିତ କରି, ସମ୍ମାନିତ ବ୍ୟକ୍ତିମାନେ କହିଥିଲେ ଯେ ବିମଳାଗଡ଼ ରେଳ ଷ୍ଟେସନର ପୁନଃବିକାଶ ଏବଂ ରେଳ ସଂଯୋଗୀକରଣର ଉନ୍ନତି, ଯାତ୍ରୀ ସୁବିଧା ବୃଦ୍ଧି ଏବଂ ସାମାଜିକ-ଆର୍ଥିକ ଅଭିବୃଦ୍ଧିରେ ଯୋଗଦାନ ସହିତ ବଣାଇ ଅଞ୍ଚଳ ପାଇଁ ବିକାଶର ଏକ ନୂତନ ଯୁଗର ଆରମ୍ଭ କରିବ।

ଉନ୍ନତ ରେଳ ଷ୍ଟେସନରେ ବର୍ତ୍ତମାନ ଏକ ଆଧୁନିକ ଷ୍ଟେସନ କୋଠା, ପ୍ରଶସ୍ତ ପ୍ରେକ୍ଷାଳୟ ହଲ୍, ଉନ୍ନତ ସଞ୍ଚାଳନ କ୍ଷେତ୍ର, ଉନ୍ନତ ଆଲୋକୀକରଣ, ଡିଜିଟାଲ୍ ଯାତ୍ରୀ ସୂଚନା ବ୍ୟବସ୍ଥା, ଉନ୍ନତ ଯାତ୍ରୀ ସୁବିଧା, ଉତ୍ସର୍ଗୀକୃତ ପାର୍କିଂ ସୁବିଧା, ଭୂଦୃଶ୍ୟ ପରିବେଶ, ସୌନ୍ଦର୍ଯ୍ୟପୂର୍ଣ୍ଣ ସୌନ୍ଦର୍ଯ୍ୟକରଣ ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସହଜ ପ୍ରବେଶ ସୁନିଶ୍ଚିତ କରିବା ପାଇଁ ପ୍ରତିବନ୍ଧକମୁକ୍ତ ଭିତ୍ତିଭୂମି ରହିଛି। କାର୍ଯ୍ୟକ୍ରମ ସ୍ଥାନୀୟ କଳାକାର ଏବଂ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଞ୍ଚଳର ସମୃଦ୍ଧ ଆଦିବାସୀ ଐତିହ୍ୟ ପ୍ରଦର୍ଶନ କରି ରଙ୍ଗାରଙ୍ଗ ସାଂସ୍କୃତିକ ପ୍ରଦର୍ଶନ କରିବା ସହିତ ଆରମ୍ଭ ହୋଇଥିଲା। ସମ୍ମାନିତ ବ୍ୟକ୍ତିମାନେ ଉଦ୍ଘାଟନ ଅବସରରେ ଏକ ସ୍ମାରକୀ ଫଳକ ମଧ୍ୟ ଉନ୍ମୋଚନ କରାଯାଇଥିଲା। ଉଦ୍ଘାଟନ ସମାରୋହକୁ ଏକ ସ୍ମରଣୀୟ ଅବସର କରିବାରେ ଉତ୍ସାହୀଙ୍କ ଅଂଶଗ୍ରହଣ ଏବଂ ସମର୍ଥନ ପାଇଁ ରେଳ ଅଧିକାରୀମାନେ କେନ୍ଦ୍ରମନ୍ତ୍ରୀ, ବିଧାୟକ, ଜନପ୍ରତିନିଧି, ଜିଲ୍ଲା ପ୍ରଶାସନ, ଗଣମାଧ୍ୟମ, ଛାତ୍ର, ରେଳ ବ୍ୟବହାରକାରୀ ଏବଂ ସ୍ଥାନୀୟ ନାଗରିକଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ।

## ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

ଭଦ୍ରକ,(ନିପ୍ର): ଆମ ମାତୃଭାଷା ପରିଷଦର କର୍କଟ ସଂକ୍ରାନ୍ତି ଆସର ସାମରାଇପୁର କଲ୍ୟାଣୀନଗରସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ପ୍ରାକ୍ତନ ଅଧ୍ୟକ୍ଷ କମଳାକାନ୍ତ ସ୍ୱାଇଁ ଉଦଘାଟନ କରିଥିଲେ । 'ରଥଯାତ୍ରା, ଜାତି ଧର୍ମ ଚେତନାର ଅନେକ ଉଦ୍ଧ୍ୱର୍ରେ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ପଣ୍ଡିତ ନରହରି ଦାଶ, ମୁଖ୍ୟବକ୍ତା ପ୍ରାକ୍ତନ ଅଧ୍ୟକ୍ଷ ଶିବଚରଣ ଖାମୁରାଇ, ସମ୍ମାନିତ ଅତିଥି ଅଧ୍ୟାପକ ମାଧବ ଚନ୍ଦ୍ର ଜେନା, ଶିକ୍ଷାବିତ୍ ଗୟାଧର ପଣ୍ଡା, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୌରାଙ୍ଗ ବାରିକ ରଥଯାତ୍ରା ସମସ୍ତ ଧର୍ମ, ଜାତି, ବର୍ଣ୍ଣ ନିର୍ବିଶେଷରେ ଏକତା ଓ ପ୍ରେମ ଭାବର ଉଦ୍ରେକ କରେ । ରଥଯାତ୍ରାରେ ଯେ ପହଂଚିଯାଏ ସେ ମହାସମୁଦ୍ରରୂପୀ ଲୋକାରଣ୍ୟରେ ତା'ର ହିଂସା, ଅହଙ୍କାର, କ୍ରୋଧଭାବ ଦୂରୀଭୂତ ହୋଇ ପ୍ରଭୁ ପ୍ରେମରେ ଲୀନ ହୋଇଯାଏ । ସେ ସେହିଠାରେ ଚିନ୍ତାକରେ ଯେ ପ୍ରଭୁ ପାଦ ହିଁ ଶ୍ରେଷ୍ଠ ସ୍ଥାନ ଆଉ ସବୁ, ମାୟାଭାବ ବୋଲି ମତବ୍ୟକ୍ତ କରିଥିଲେ ।

ଶିକ୍ଷାବିତ୍ ପଣ୍ଡିତ ଅଜୟ କୁମାର କର ଓ ପ୍ରାକ୍ତନ ପୋଲିସ୍ ଅଧିକାରୀ ରମେଶ ଚନ୍ଦ୍ର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ଉମେଶ ଚନ୍ଦ୍ର ମହାପାତ୍ର, ସାବିତ୍ରୀ ବାନାର୍ଜୀ, ବିପ୍ଳବ କୁମାର ହୋତା, ଅଜୟ ଚନ୍ଦ୍ର ମହାପାତ୍ର, କୈଳାସ ଦାସ, ମୋନାଲିସା ସାହୁ, ନିରଞ୍ଜନ ନାୟକ, ଶିଶୁ କବି ଅଂଶୁମାନ ସ୍ୱାଇଁ, ରାଖାଲ୍ ଚନ୍ଦ୍ର ସ୍ୱାଇଁ, ରମାକାନ୍ତ ପାଳ, ଡ. ପୂଜାରାଣୀ ଘୋଷ, ଶ୍ରଦ୍ଧାଞ୍ଜଳି ମିଶ୍ର, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବିଜୟ କୁମାର ବହଳୀ, ସୁରେଶ କୁମାର ସାହୁ, ଶେକ୍ ଅବଦୁଲ ଦୟାନ୍, ମୁସ୍ତାକ୍ ଗହ୍ୱର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଅଧିବକ୍ତା ମନୋରଞ୍ଜନ ଦାସ ମଂଚ ଆହ୍ୱାନ ଓ ଅତିଥି ପରିଚୟ କରିଥିଲେ । ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ଅନିଲ କୁମାର ଦାଶ ପ୍ରାରମ୍ଭିକ ଭଜନ ପରିବେଷଣ ଓ ସମ୍ପାଦକୀୟ ପାଠ କରିଥିଲେ । କବି ମିନତି ବାରିକ ଭଜନ ପରିବେଷଣ କରି ପୁରସ୍କୃତ ହୋଇଥିଲେ ।

## ଗୋପ-ନୟାହାଟ ମୁଖ୍ୟ ରାସ୍ତାରେ ଜମୁଛି ବର୍ଷାପାଣି
### ନାଳ ଖୋଲା ହୋଇ ପଡ଼ିଥିବାରୁ ବଢୁଛି ଦୁର୍ଘଟଣା, ଜନଜୀବନ ଅସ୍ତବ୍ୟସ୍ତ

ଚାରିଛକ,(ନିପ୍ର): ଚାରିଛକ ନିକଟସ୍ଥ ଗୋପ ବଜାର ସହିତ ନୟାହାଟ ମୁଖ୍ୟ ରାସ୍ତାରେ ସାମାନ୍ୟ ବର୍ଷାରେ ଆଣ୍ଠୁଏ ପାଣି ଜମି ରହୁଛି। ପାଣି ନିଷ୍କାସନର ସୁଚାରୁ ବ୍ୟବସ୍ଥା ନଥିବାରୁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।ବର୍ତ୍ତମାନ ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଚାଲିଥିବା ବେଳେ ଏହି ରାସ୍ତା ଦେଇ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ପୁରୀ ଅଭିମୁଖେ ଯାତ୍ରା କରୁଛନ୍ତି। କିନ୍ତୁ ପ୍ରଶାସନର ଚରମ ଅବହେଳା ଯୋଗୁଁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଭିଯୋଗ ଅନୁଯାୟୀ, ରଥଯାତ୍ରା ପୂର୍ବରୁ ପ୍ରସ୍ତୁତି ନକରି ଏବେ 'ବାହାଘର ବେଳେ ବାଇଗଣ ରୋଇବା' ସଦୃଶ ଡ୍ରେନେଜ୍ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ମାତ୍ର ସେହି କାମକୁ ମଧ୍ୟ ଅଧାପାନ୍ତରିଆ ଭାବେ ବନ୍ଦ କରିଦିଆଯାଇଛି। ଫଳରେ ବର୍ଷା ପାଣି ନିଷ୍କାସିତ ନହୋଇ ରାସ୍ତା ଉପରେ ଲହଡ଼ି ମାରୁଛି। ଅନେକ ପର୍ଯ୍ୟଟକଙ୍କ ଗାଡ଼ି ଖୋଳାଯାଇଥିବା ନାଳରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। ସେହିପରି ନୟାହାଟ ବଜାର ହେଉଛି ଏକ ବୃହତ ବ୍ୟବସାୟିକ ପେଣ୍ଠସ୍ଥଳ। ଏଠାକୁ ଜଗତସିଂହପୁର, କଟକ ଓ ପୁରୀ ଜିଲ୍ଲାର ଶତାଧିକ ବ୍ୟବସାୟୀ ବେପାର ବଣିଜ ପାଇଁ ଆସୁଥିବା ବେଳେ କାକଟପୁର ମା' ମଙ୍ଗଳାଙ୍କ ଦର୍ଶନ ପାଇଁ ଆସୁଥିବା ପର୍ଯ୍ୟଟକମାନେ ମଧ୍ୟ ଏହି ବଜାର ଉପରେ ନିର୍ଭର କରନ୍ତି। ବଜାର ସାରା ବର୍ଷା ପାଣି ଜମି ରହିଥିବାରୁ ବ୍ୟବସାୟୀ, ହାଟୁଆ ଓ ସାଧାରଣ ଗ୍ରାହକମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। ଏହି ଦୁଇ ପ୍ରମୁଖ ବଜାର ତଥା ମୁଖ୍ୟ ରାସ୍ତାର ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଅଧାପଡ଼ିଥିବା ଡ୍ରେନ୍ କାର୍ଯ୍ୟ ଶେଷ କରିବା ସହ ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଦାବି କରିଛନ୍ତି।



## କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ

କଟକ(ନିପ୍ର): କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଶନିବାର ପୂର୍ବାହ୍ନରେ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ, ଭିତ୍ତିଭୂମି ବିକାଶ, ପାନୀୟ ଜଳ, ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ଏବଂ ଅନ୍ୟାନ୍ୟ ଜନକଲ୍ୟାଣମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା । ବିଭିନ୍ନ ବିଭାଗର ଅଧିକାରୀମାନେ ନିଜ ନିଜ ବିଭାଗର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ପରମହଂସ ମନ୍ଦିରର ବିକାଶ ଓ ସୌନ୍ଦର୍ଯ୍ୟକରଣ ସହ ଅନ୍ୟାନ୍ୟ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସେହିପରି ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦ ପୀଠରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରାଯାଇଥିଲା ।

### ବିକାଶର ବିକଳ ଚିତ୍ର
## କାଦୁଅ ପଚପଚ ରାସ୍ତା ଯୋଗୁଁ ଅଧାବାଟରୁ ଫେରିଗଲା ଆମ୍ବୁଲାନ୍ସ




ରେଢ଼ାଖୋଲ,(ନିପ୍ର): ରାଜ୍ୟ ସରକାର ଗ୍ରାମାଞ୍ଚଳର ଗମନାଗମନ ଓ ଉନ୍ନତି ସକାଶେ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସରକାର ରାସ୍ତାଘାଟକୁ ସଦାସର୍ବଦା ଯେତେ ଅଧିକ ଗୁରୁତ୍ୱ ଦେଉଥିଲେ ହେଁ ଏବେ ବି ଅନେକ ଗାଁର ରାସ୍ତା ରହିଛି, ଯେଉଁଠି ଆଜି ବି ସରକାରୀ ଯୋଜନା ଠିକ ଭାବରେ ପହଞ୍ଚି ପାରୁନଥିବା ସ୍ପଷ୍ଟ ପରିଲକ୍ଷିତ ହେଉଛି । ଅନେକ ଗାଁ ଏବେ ମଧ୍ୟ ଦେଖିବାକୁ ମିଳିଛି ଯେଉଁଠି କି ରାସ୍ତା ଅଗମ୍ୟ ହୋଇ ରହିଛି । ବର୍ଷା ଦିନରେ ବଣ, ଜଙ୍ଗଲ ଭିତରେ ଆଣ୍ଠୁଏ କାଦୁଅ ପଚପଚ ରାସ୍ତାରେ ଅତିକ୍ରମ କରି ନିଜ କାର୍ଯ୍ୟ ପାଇଁ ପଞ୍ଚାୟତ, ବସ୍ ଷ୍ଟପ୍ ତଥା ବ୍ଲକ କାର୍ଯ୍ୟାଳୟ, ବ୍ୟାଙ୍କ, କଲେଜ, ସ୍କୁଲ, ଏବଂ ଡାକ୍ତରଖାନାକୁ ଯିବାକୁ ପଡୁଛି। ଗାଁ କୁ ରାସ୍ତା ନଥିବାରୁ ରୋଗି ଆଣିବାକୁ ଯାଇ ପାରିଲାନି ଆମ୍ବୁଲାନ୍ସ । ଅଧାବାଟରୁ ଆମ୍ବୁଲାନ୍ସ ଫେରିଆସିଥିବା ଦେଖିବାକୁ ମିଳିଛି । ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ରେଢ଼ାଖୋଲ ବ୍ଲକ୍ ତ୍ରିବଣପୁର ପଞ୍ଚାୟତ ଅନ୍ତର୍ଗତ ତୁମ୍ବାମାଲ ଗାଁ ରେ । ଶନିବାର ଦିନ ୪ଘଟିକା ସମୟରେ ଗାଁ ର ଜଣେ ବୃଦ୍ଧାଙ୍କ ଦେହ ଅଧିକ ଅସୁସ୍ଥ ହେବାରୁ ୧୦୮ କୁ ଫୋନ୍ କରି ଡକାଇଥିଲେ ଗ୍ରାମବାସୀ। ଆମ୍ବୁଲାନ୍ସ ଆସିଲା କିନ୍ତୁ ଗାଁ ରାସ୍ତା ଖରାପ୍ ଯୋଗୁଁ ଗାଁ କୁ ଆସି ପାରିଲାନି ୧୦୮ ଗାଡ଼ି। ଯାହାଫଳରେ ଅଧା ବାଟରେ ପାଖାପାଖି ୧ଘଣ୍ଟା ଅଟକିଲା ଆମ୍ବୁଲାନ୍ସ ଗାଡ଼ି । ଅନ୍ୟପଟେ ରୋଗିକୁ ବାଇକ ଯୋଗେ ଆଣିବାକୁ ମଧ୍ୟ ଯାଇଥିଲେ କର୍ମଚାରୀ କିନ୍ତୁ ରୋଗିଙ୍କ ଅବସ୍ଥା ଗୁରୁତର ହେବାରୁ ବାଇକ୍ କିମ୍ବା ବୁହା ହୋଇ ଏତେ ବାଟ ଆସିବାକୁ ନାରାଜ ରୋଗି । ଶେଷରେ ଫେରିଆସି ଥିଲେ ଆମ୍ବୁଲାନ୍ସ କର୍ମଚାରୀ । ଏହି ରାସ୍ତା ବର୍ଷା ୪ମାସ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଗାଁ ଟି ଉଭୟ କଦଳୀ ଗଡ ଓ ତ୍ରିବଣ ପୁର ଗ୍ରାମ ପଞ୍ଚାୟତ ର ମଝିରେ ଥିବାରୁ ସାନ ରେଙ୍ଗାଲି ଛକ ଠାରୁ ଦୀର୍ଘ ୮କିମି ରାସ୍ତା ବର୍ଷା ଦିନ ଅତି ଶୋଚନୀୟ ହୋଇ ପଡୁଛି। ଯାହା ଫଳରେ ଦୁର୍ଦିନ ଅବସ୍ଥା ଭୋଗୁଛନ୍ତି ଏଠାକାର ଗ୍ରାମବାସୀ ସମେତ ଆଖପାଖ ୫ଟି ଗାଁ ର ୩ ହଜାର ଲୋକ । ଏନେଇ ବିଭାଗୀୟ ଅଧିକାରୀ ତଥା ନେତା ମନ୍ତ୍ରୀଙ୍କୁ ମଧ୍ୟ ବହୁ ବାର କହିଲା ପରେ ମଧ୍ୟ ହେଉନି କାମ। ଏହାକୁ ନେଇ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଏହି ରାସ୍ତା ଅନେକ ଦିନରୁ ଏମିତି ଅବସ୍ଥାରେ ଲୋକେ ଜିବା ଆସିବା କରୁଛନ୍ତି। ହେଲେ ଏଥି ପ୍ରତି କାହାରି ବି ଦୃଷ୍ଟି ନାହିଁ । ତେଣୁ ଆଗକୁ ସରକାର ତଥା ସ୍ଥାନୀୟ ପ୍ରଶାସନ ଦୃଷ୍ଟି ନଦେଲେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ ସହ ରାସ୍ତା ରୋକ କରିବୁ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

## ବନ ମହୋତ୍ସବରେ ସବୁଜ ସାଥି ଓ ମା ପାଇଁ ଗଛଟିଏ
### ପରିବେଶ ସୁରକ୍ଷାର ବାର୍ତ୍ତା ଦେଇ ଶତାଧିକ ଚାରାରୋପଣ

କେନ୍ଦୁଝର,(ନିପ୍ର): ପରିବେଶ ସୁରକ୍ଷା, ସବୁଜ ପରିବେଶ ଗଠନ ଏବଂ ବୃକ୍ଷରୋପଣ ପ୍ରତି ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଇଞ୍ଚୋଳ ବିକାଶ ମଞ୍ଚ ଓ ନୂଆରମ୍ଭ ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ଇଞ୍ଚୋଳ-ନୂଆରମ୍ଭ ସଂଯୋଗୀକରଣ ରାସ୍ତାରେ ବନ ମହୋତ୍ସବ ଉତ୍ସାହ ସହ ପାଳିତ ହୋଇଯାଇଛି। ଏହି ଅବସରରେ ବଉଳ, ନିମ୍ବ, ବର, ଅଶ୍ୱତ୍ଥ, ପେସ୍ତା ସମେତ ବିଭିନ୍ନ ପ୍ରଜାତିର ଫଳଜ, ଔଷଧୀୟ ଓ ଛାୟାପ୍ରଦାନକାରୀ ଚାରା ରୋପଣ କରାଯାଇଥିଲା। ବିଭିନ୍ନ ବର୍ଗର ବ୍ୟକ୍ତିତ୍ୱ ଯଥା ନୃସିଂହ ଚରଣ ପଣ୍ଡା , ବିଶ୍ୱନାଥ ଜେନା, ଧନେଶ୍ୱର ରାଉତ ପ୍ରମୁଖ ଯୋଗଦାନ କରି କେବଳ ବୃକ୍ଷରୋପଣରେ ସୀମିତ ନ ରହି ରୋପିତ ଚାରାଗୁଡ଼ିକର ସୁରକ୍ଷା, ନିୟମିତ ପରିଚର୍ଯ୍ୟା ଓ ସଂରକ୍ଷଣ ପାଇଁ ଉପସ୍ଥିତ ସମସ୍ତେ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ । ଉପସ୍ଥିତ ସମସ୍ତେ ଜଳବାୟୁ ପରିବର୍ତ୍ତନ, ଅସହ୍ୟ ଗ୍ରୀଷ୍ମପ୍ରବାହ ଓ ପରିବେଶ ପ୍ରଦୂଷଣ ଭଳି ବିଶ୍ୱବ୍ୟାପୀ ସମସ୍ୟାର ମୁକାବିଲା ପାଇଁ ବୃକ୍ଷରୋପଣ ହେଉଛି ସବୁଠାରୁ ସହଜ ଓ ପ୍ରଭାବଶାଳୀ ଉପାୟ। ତେଣୁ ପ୍ରତ୍ୟେକ ନାଗରିକ ବର୍ଷକୁ ଅତି କମ୍‌ରେ ଗୋଟିଏ ଗଛ ଲଗାଇ ତାହାର ସୁରକ୍ଷା କରିବାକୁ ଆଗେଇ ଆସିବା ଉଚିତ ବୋଲି ଆଲୋଚନାର ନିଷ୍କର୍ଷ ହୋଇଥିଲା । ଶେଷରେ ଆୟୋଜକମାନେ କହିଥିଲେ ଯେ, କେବଳ ଗୋଟିଏ ଦିନର ବୃକ୍ଷରୋପଣ ନୁହେଁ, ବରଂ ବର୍ଷସାରା ବୃକ୍ଷର ସୁରକ୍ଷା ଓ ପରିବେଶ ସଂରକ୍ଷଣ ପାଇଁ ସମସ୍ତଙ୍କ ସହଭାଗିତା ହିଁ ବନ ମହୋତ୍ସବର ପ୍ରକୃତ ସାର୍ଥକତା। ।



## ଖଣ୍ଡପଡ଼ା ପଞ୍ଚାୟତ ସମିତିର ସାଧାରଣ ବୈଠକ

କଣ୍ଟିଲୋ,(ନି.ପ୍ର) ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତିର ୧୨ ତମ ସାଧାରଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ, ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ବିଭିନ୍ନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସମେତ ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ଟି ପଞ୍ଚାୟତର ଜନ ପ୍ରତିନିଧିମାନେ ଯୋଗ ଦେଇ ଥିଲେ। ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ସମସ୍ୟା, ଜଙ୍ଗଲ ଓ ମୃତ୍ତିକା ସଂରକ୍ଷଣ ବିଭାଗ, ବିଦ୍ୟୁତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଉଦ୍ୟାନ ଓ କୃଷି ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗର କାର୍ଯ୍ୟଶୈଳୀ ସହ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା।ସେହିପରି ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିମାନେ ସେମାନଙ୍କ ଅଞ୍ଚଳର ଅଭାବ, ଅସୁବିଧା ଓ ସମସ୍ୟା ଗୁଡ଼ିକ ସଂପର୍କରେ ପ୍ରଶାସନିକ ଅଧିକାରୀ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ଅତିରିକ୍ତ ତହସିଲଦାର ରୀନାରାଣୀ ସ୍ୱାଇଁ, ଜିଲ୍ଲା ପରିଷଦ ସଦସ୍ୟା ଉଜ୍ଜଳ ମହାରଣାଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।ଖଣ୍ଡପଡା ବ୍ଲକର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।ସୂଚନାଯୋଗ୍ୟ ନିୟମିତ ଭାବେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହେଉ ନ ଥିବାରୁ ପଞ୍ଚାୟତ ଜନପ୍ରତିନିଧିମାନେ ଏ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ।



## ରାସ୍ତାରୁ ଧୋଇ ହୋଇଗଲା କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ କାର୍ଯ୍ୟ

ଭାପୁର (ନିପ୍ର): ଭାପୁର ବଜାର ଠାରୁ ବିଜିପୁର ଗ୍ରାମକୁ ସଂଯୋଗ କରୁଥିବା ୩.୫ କିମି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ନିର୍ମାଣ କାର୍ଯ୍ୟକୁ ଠିକାଦାର ମେଣ୍ଟାଲ ଓ ଡଷ୍ଟ ବିଛାଇ ଦୀର୍ଘ ଦିନହେଲା କାର୍ଯ୍ୟ ବନ୍ଦ କରି ରଖିଥିବାରୁ ଲଗାଣ ବର୍ଷାରେ ସବୁ ଧୋଇ ହୋଇଯାଇଛି। ଏପରିକି, ରାସ୍ତାର ଉଭୟ ପାର୍ଶ୍ୱ ଖୋଳାଯାଇ ପଥର ଡଷ୍ଟ ପଡିଥିଲା ତାହା ମଧ୍ୟ ସବୁ ଧୋଇ ହୋଇଯାଇଛି। ଫଳରେ, ରାସ୍ତା ସାରା ଖାଲଢିପ ହୋଇଥିବାରୁ ଜନସାଧାରଣ ଯାତାୟାତରେ ସମସ୍ୟା ଦେଖାଦେଇଛି। ଏ ଯେଉଁ କ୍ଷତି ହେଲା ତାହାକୁ ଭରଣା କରିବ କିଏ ସେ ? ବର୍ଷାଦିନ ଆସିଥିବାରୁ ଆଉ ୩/୪ ମାସ ପର୍ଯ୍ୟନ୍ତ କାର୍ଯ୍ୟ ହୋଇପାରିବ ନାହିଁ। ଏହି ସାଢେ ୩.୫ କିମି ରାସ୍ତା ନିର୍ମାଣ ପାଇଁ ପ୍ରାୟ ୩ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି ଏବଂ ୫. ୫ ଫୁଟ ଓସାରରେ ରାସ୍ତା ନିର୍ମାଣ କରାଯିବ। ଖଣ୍ଡପଡା ବିଧାୟକ ପ୍ରାୟ ୯ ମାସ ପରେ ଜିଲ୍ଲା ପ୍ରଶାସନର ଚାପ ପ୍ରୟୋଗ ପରେ ଠିକାଦାର କାର୍ଯ୍ୟ ଆରମ୍ଭ କରି ଅଧାପନ୍ତରିଆ ଭାବରେ କାର୍ଯ୍ୟ ବନ୍ଦ କରିଦେଇଥିବାରୁ ଯାହା ସମସ୍ତ କାର୍ଯ୍ୟ ହୋଇଥିଲା ସବୁ ଧୋଇ ହୋଇଯାଇଛି।ଫଳରେ, ରାସ୍ତାରେ ଯାତାୟାତ କରୁଥିବା ୪/୫ ଗୋଟି ପଞ୍ଚାୟତର ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ତିଥି :(ଷଷ୍ଠୀ): (ଉତ୍ତରାଫାଃ ସିଂହ)
ଅମୃତ ବେଳା: ଦିବା ଘ ୬।୯ ଗତେ ଘ ୯।୨୧ ମଧ୍ୟେ

## ଆଜିର ଅନୁଚିନ୍ତନ

ହେ ଭରତବଂଶଜ ଅର୍ଜୁନ! ଯେଉଁ ଯେଉଁ ସମୟରେ ଧର୍ମର ହାନି ହୁଏ ଓ ଅଧର୍ମ ବୃଦ୍ଧି ହୁଏ, ସେତେବେଳେ ହିଁ ମୁଁ ନିଜକୁ ସାକାରରୂପରେ ପ୍ରକଟ କରେ।। - ଶ୍ରୀମଦ୍ ଭଗବଦ୍ ଗୀତା

# ୱାଙ୍ଗଚୁକ ପ୍ରସଙ୍ଗ

ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ଓ ନିଟ୍ ପ୍ରଶ୍ନପତ୍ର ପ୍ରଘଟ ମାମଲା ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଦିଲ୍ଲୀସ୍ଥିତ ଯନ୍ତରମନ୍ତର ଠାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନ ଚଳାଇଥିବା ଶିକ୍ଷାବିତ୍ ତଥା ପାଣିପାଗ ଆକ୍ଟିଭିଷ୍ଟ ସୋନମ ୱାଙ୍ଗଚୁକଙ୍କ ପ୍ରତିବାଦର ସ୍ୱର ୨୧ଦିନରେ ପହଞ୍ଚିଥିଲା। ତେବେ ସ୍ୱାସ୍ଥ୍ୟବସ୍ଥାରେ ଅବନତି ଘଟିଥିବାକୁ ନେଇ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶମତେ ତାଙ୍କୁ ସଫଦରଜଙ୍ଗ ହସପିଟାଲକୁ ସ୍ଥାନାନ୍ତରଣ କରାଯାଇଛି। ଉଲ୍ଲେଖ କରାଯାଇପାରେ ଯେ ଦିଲ୍ଲୀ ହାଇକୋର୍ଟ ୱାଙ୍ଗଚୁକଙ୍କ 'ଆବଶ୍ୟକ ମେଡିକାଲ ଯତ୍ନ' ଉପରେ ପୂର୍ବରୁ ଗୁରୁତ୍ୱାରୋପ କରିଥିଲେ। ତେବେ ଅନଶନର ନିରନ୍ତରତାକୁ ବଜାୟ ରଖିବା ପାଇଁ କକ୍‌ରୋଚ ଜନତା ପାର୍ଟି ପ୍ରତିଷ୍ଠାତା ଅଭିଜିତ ଦୀପକେ ଅନଶନ ଆରମ୍ଭ କରିଦେଇଛନ୍ତି। ଯନ୍ତରମନ୍ତର ଠାରେ ଏ ସମଗ୍ର ଘଟଣାବଳୀକୁ କେବଳ ଦେଶବାସୀ ନୁହେଁ, ଦେଶ ବାହାରେ ମଧ୍ୟ ଲୋକେ ନଜର ରଖିଛନ୍ତି। ସ୍ଥିତି ପରଖୁଛନ୍ତି କେଉଁ ଆଡ଼କୁ ଯାଉଛି, ୱାଙ୍ଗଚୁକଙ୍କ ଦାବିକୁ ଶୁଣାଯାଉଛି କି ନାହିଁ ।

ମହାତ୍ମା ଗାନ୍ଧୀଙ୍କ ପ୍ରବର୍ତ୍ତିତ ଅନଶନ ଭଳି ଅହିଂସ ମାର୍ଗ , ଅନ୍ୟାୟ ବିରୋଧରେ ସବୁଠି ଶକ୍ତିଶାଳୀ ସାଧନ ବା ଅସ୍ତ୍ର। ବ୍ରିଟିଶ ରାଜତ୍ୱ ବିରୋଧରେ ନିଜେ ମହାତ୍ମା ଗାନ୍ଧୀ ବହୁବାର ଅନଶନ କରିଥିବା ଇତିହାସ କହେ। ଅନଶନ ଅସ୍ତ୍ର ଯାହାଙ୍କ ପାଇଁ ଉଦ୍ଦିଷ୍ଟ ତାଙ୍କ ପାଇଁ ଶାରୀରିକ ଭାବରେ କ୍ଷତି ପହଞ୍ଚାଇ ନ ଥାଏ। କିନ୍ତୁ ପ୍ରେକ୍ଷାପଟ୍ଟର ରୁଦ୍ଧ ଦ୍ୱାରରେ ଧାଁଧପଡ଼, ଲୁଚିବା ଓ ତଥାକଥିତ ଘୋଡ଼ଣି ତଳେ ଲୁଚି ରହି କଥାବାର୍ତ୍ତା ଓ ଆଲୋଚନା ଲାଗି ମାର୍ଗ ଅନ୍ୱେଷଣର ରଣନୀତି ଜାରି ରହିଥାଏ। ତାହା ଆଲୋଚ୍ୟ ଅନଶନ ପରିପ୍ରେକ୍ଷୀରେ ହେଉଥିବା ଅନୁମାନ କରାଯାଏ। ଯାହାର ଆଭାସ ହୁଏତ ଦିଲ୍ଲୀ ହାଇକୋର୍ଟ ଜରିଆରେ ପ୍ରତିଫଳିତ ହେଉଥିବା ଅନୁମାନକୁ ଅନେକ ଇଙ୍ଗିତ କରୁଛନ୍ତି।

ୱାଙ୍ଗଚୁକଙ୍କ ଅନଶନ ପରେ ଲକ୍ଷ୍ୟ କରାଯାଇଛି ଯେ ଦେଶର ଏକ ବଡ଼ ଭାଗ ସାଧାରଣ ଜନତା ତାଙ୍କୁ ଅନଶନରୁ ଓହରି ଆସିବାକୁ ଆହ୍ୱାନ ଦେଇନାହାନ୍ତି କିମ୍ବା ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ପରିଲକ୍ଷିତ ହୋଇନାହିଁ। ଅତୀତରେ କିଛି ବ୍ୟକ୍ତିତ୍ୱ ଅନଶନ ଜରିଆରେ ପ୍ରତିବାଦ ଚଳାଇବା ବେଳେ ସେମାନଙ୍କ ଜୀବନ ମଧ୍ୟ ଯାଇଛି,ସୁତରାଂ ଏହା ଏକ ସମ୍ବେଦନଶୀଳ ଦିଗ। ତେବେ ଆଲୋଚ୍ୟ ଅନଶନ କାଳରେ ଅଖିଳେଶ ଯାଦବ, ମମତା ବାନାର୍ଜୀ, କାନିମୋଝି, ଅରବିନ୍ଦ କେଜରିୱାଲ ଭଳି କିଛି ନେତା ତାଙ୍କୁ ସମର୍ଥନ କରିବା ଗୁରୁତ୍ୱ ରଖେ। ମହାତ୍ମା ଗାନ୍ଧୀ ଏକଦା ଉଲ୍ଲେଖ କରିଥିଲେ ତରବାରୀ ବଦଳେ ଅନଶନ ହେଉଛି ଶେଷ ଆଶ୍ରୟ। ଅନେକ ମଧ୍ୟ ଆଶଙ୍କା କରୁଛନ୍ତି ଆଲୋଚ୍ୟ ଅନଶନକୁ ଭଣ୍ଡୁର କରିବା ପାଇଁ ଅପଉଦ୍ୟମ ଆରମ୍ଭ ହୋଇଯାଇଛି। କାଳେ ଅନଶନଙ୍କୁ ଭାଙ୍ଗିଦେବେ ଏ ପରିପ୍ରେକ୍ଷୀରେ ୱାଙ୍ଗଚୁକଙ୍କ ପତ୍ନୀ ସଫା ସଫା ଶୁଣାଇଛନ୍ତି ତାଙ୍କୁ ଖାଇବା ଆକାରରେ ହେଉ କିମ୍ବା ଇଂଜେକ୍ସନ ମାଧ୍ୟମରେ କୌଣସି ଖାଦ୍ୟ ଦିଆନଯାଉ, ତାହା କେତେ ଦୂର ପରିପାଳନ ହେବ ତାହା ସମୟ କହିବ। ତେବେ ୱାଙ୍ଗଚୁକଙ୍କ ଅନଶନ ଇତିହାସର ଏକ ଦୃଷ୍ଟାନ୍ତ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ୨୦୨୪ରେ ଦୀର୍ଘ ୨୧ ଦିନ ଧରି ସାମାନ୍ୟ ଲୁଣ ଓ ପାଣି ପିଇ ୧୧ହଜାର ୫ଶହ ଫୁଟ୍ ଉଚ୍ଚରେ ବାହ୍ୟ ପରିବେଶରେ ପ୍ରତିକୂଳ ପରିସ୍ଥିତିରେ ସମୟ ବିତାଇଥିଲେ। ସେତେବେଳେ ତାଙ୍କ ଦାବି ଥିଲା ତାଙ୍କ ଅଞ୍ଚଳର ବିଭିନ୍ନ ପ୍ରାକୃତିକ ସମ୍ବଳ ସୁରକ୍ଷା ଦିଗରେ ଆଇନଗତ ଅଧିକାର ଦିଆଯାଉ। ଏବେ ଅବଶ୍ୟ ତାଙ୍କ ଦାବି ଜାତୀୟସ୍ତରରେ ପହଞ୍ଚିଛି। ଅନ୍ତତଃପକ୍ଷେ ତାଙ୍କ ଦାବିକୁ ସରକାର ବିଚାର ଆଲୋଚନା ପୂର୍ବକ ଉଚିତ ପଦକ୍ଷେପ ନେବା ଦରକାର।

# ଡିଜିଟାଲ କ୍ରାନ୍ତି ବନାମ ସତ୍ୟ ସୂଚନା

## ଗୋପାଳ ମହାପାତ୍ର

ଡିଜିଟାଲ କ୍ରାନ୍ତି ସୂଚନାକୁ ଲୋକତାନ୍ତ୍ରିକ କରିଦେଇଛି। ଏବେ ସୂଚନା ବା ଖବର ଜାଣିବା ପାଇଁ କୌଣସି ଖବରକାଗଜ ଦେଖିବା ବା ପଢ଼ିବାର ଆବଶ୍ୟକତା ନାହିଁ। ପକେଟରେ ଥିବା ମୋବାଇଲ ଫୋନ ସାରା ଦୁନିଆର ପ୍ରତିଟି ଗୁରୁତ୍ୱପୂର୍ଣ୍ଣ ଖବର ଆମ ପାଖରେ ପହଞ୍ଚାଇ ଦେଇ ପାରୁଛି। ସମୟ ଥିଲା ସୂଚନା /ସମ୍ବାଦଙ୍କୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଦିନ ଦିନ ଲାଗୁଥିଲା ହେଲେ ଏବେ ଗୋଟିଏ ସେକେଣ୍ଡରେ ସାରା ବିଶ୍ୱର ସୂଚନା ମିଳିଯାଉଛି। ନିଃସନ୍ଦେହ ଭାବେ ଏହା ମାନବ ଇତିହାସର ଏକ ବଡ଼ ଉପଲବ୍ଧି। କିନ୍ତୁ ଉପଲବ୍ଧି ମଧ୍ୟ ଏକ ଗୁରୁତର ବିରୋଧାଭାସକୁ ଜନ୍ମଦେଇଛି। ମାନବ ଇତିହାସରେ ବୋଧହୁଏ ପ୍ରଥମ ଥର ପାଇଁ ଏତେ ଅଧିକ ସୂଚନା ଉପଲବ୍ଧ ହେଉଛି, ତଥାପି ସତ୍ୟକୁ ନେଇ ଅନିଶ୍ଚିତତା ରହିଛି। ବିଡ଼ମ୍ବନା ହେଉଛି ଆଜିର ସଙ୍କଟ ସୂଚନାର ଅଭାବକୁ ନେଇ ନୁହେଁ ବରଂ ସୂଚନାର ପ୍ରାମାଣିକତାକୁ ନେଇ। କଥା ଏତିକିରେ ସରି ନାହିଁ ଯେ ସୂଚନା ବା ସମ୍ବାଦ କେଉଁ ସୂତ୍ରରୁ ବା କେଉଁଠାରୁ ମିଳିଲା ବରଂ କଥା ହେଉଛି ଅସଂଖ୍ୟ ସୂଚନା, ଦାବି, ଭିଡିଓ, ପୋଷ୍ଟ ଏବଂ ମନ୍ତବ୍ୟ ଭିତରୁ କେଉଁଟା ସତ୍ୟ ସେ କଥା ଜାଣିବା କେମିତି ?

ଏକଦା ସୂଚନା ଦୁର୍ଲଭ ଥିଲା କିନ୍ତୁ ଏବେ ସୂଚନା ସର୍ବତ୍ର। ଏହି ପରିବର୍ତ୍ତନ ଗଣମାଧ୍ୟମର ଭୂମିକାକୁ ମଧ୍ୟ ବଦଳାଇ ଦେଇଛି। ପ୍ରଶ୍ନ ଏବେ ନୁହେଁ ଯେ ପ୍ରଥମେ ସୂଚନା/ସମ୍ବାଦ କିଏ ଦେଇଛି ବରଂ ପ୍ରଶ୍ନ ହେଉଛି କିଏ ବିଶ୍ୱସନୀୟ ସୂଚନା ଦେଇଛି ବା ଦେଉଛି। ଏଠାରେ ହିଁ ମୁଦ୍ରିତ ଗଣମାଧ୍ୟମର ପ୍ରାସଙ୍ଗିକତାର ପ୍ରଶ୍ନ ଆରମ୍ଭ ହୋଇଥାଏ। ଡିଜିଟାଲ ମାଧ୍ୟମ ଏବଂ ସାମାଜିକ ଗଣ ମାଧ୍ୟମ ସୂଚନାର ପ୍ରବାହକୁ ଗତି ଦେଇଛି। ଏମାନେ ସୂଚନା / ସମ୍ବାଦକୁ ଅଧିକ ଖୋଲା ଏବଂ ସହଭାଗିତା ପୂର୍ଣ୍ଣ କରିଦେଇଛନ୍ତି। ପରନ୍ତୁ ଏମାନେ ସମ୍ବାଦ, ମତ, ପ୍ରଚାର, ମନଗଢ଼ା କାହାଣୀ ଏବଂ ଅପପ୍ରଚାର ମଧ୍ୟରେ ସୀମାକୁ ଧୂଆଁଳିଆ କରି ଦେଇଛନ୍ତି। ଏବେ ଏକ ଅସତ୍ୟ ଅବା ଅର୍ଦ୍ଧସତ୍ୟ ସମ୍ବାଦ ଲକ୍ଷ ଲକ୍ଷ ଲୋକଙ୍କ ନିକଟରେ ପହଞ୍ଚି ପାରିଛି। ଭ୍ରାମକ ଭିଡ଼ିଓ ଜନମତକୁ ପ୍ରଭାବିତ କରି ପାରୁଛି ଏବଂ ଏକ ମିଥ୍ୟା ସୂଚନା ସାମାଜିକ ସଂଘର୍ଷର କାରଣ ମଧ୍ୟ ହୋଇପାରିବ ନୁହେଁ ,ହୋଇପାରୁଛି। ସୂଚନାର ଲୋକତାନ୍ତ୍ରିକକରଣ ହୋଇଛି କିନ୍ତୁ ସତ୍ୟର ନୁହେଁ। ଏଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ - ଯଦି ପ୍ରତି ବ୍ୟକ୍ତି ପ୍ରକାଶକ ତେବେ ସମ୍ପାଦକ ? ଏଭଳି କାରଣ ମୁଦ୍ରିତ ଗଣମାଧ୍ୟମକୁ ବିଶିଷ୍ଟ କରିଦେଇଛି। ଖବରକାଗଜର ଶକ୍ତି କେବଳ କାଗଜରେ ଛାପିବାରେ ନ ଥାଏ, ଶକ୍ତି ତାର ସମ୍ପାଦକୀୟ ପ୍ରକ୍ରିୟାରେ ନିହିତ ରହିଛି। ରିପୋର୍ଟିଂ, ତଥ୍ୟର ତର୍ଜମା, ତଥ୍ୟର ସ୍ରୋତ, ଆଇନଗତ ପରୀକ୍ଷଣ ଏବଂ ସମ୍ପାଦକୀୟ ଉତ୍ତର ଦାୟିତ୍ୱ ଏସବୁ ପ୍ରକ୍ରିୟା ମିଶି ସୂଚନାକୁ ସମ୍ବାଦରେ ଏବଂ ସମ୍ବାଦକୁ ବିଶ୍ୱସନୀୟ ସାର୍ବଜନିକ ଜ୍ଞାନରେ ପରିବର୍ତ୍ତିତ କରିଥାଏ। ଡିଜିଟାଲ ଯୁଗରେ ଏହି ପ୍ରକ୍ରିୟା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି।

ଭାରତୀୟ ସାମ୍ବାଦିକତାର ଇତିହାସ ମଧ୍ୟ ଏହି ତଥ୍ୟକୁ ପୁଷ୍ଟ କରିଥାଏ। ସ୍ୱାଧୀନତା ଆନ୍ଦୋଳନ ବେଳେ ଖବର କାଗଜ ସୂଚନାର ମାଧ୍ୟମ ନ ଥିଲା ବରଂ ରାଷ୍ଟ୍ରୀୟ ଚେତନାର ବାହକ ଥିଲା। ସ୍ୱାଧୀନ ଭାରତରେ ଗଣମାଧ୍ୟମର ଭୂମିକାର କଠିନ ପରୀକ୍ଷା ୧୯୭୫ର ଜରୁରୀକାଳୀନ ପରିସ୍ଥିତି ବେଳେ ହୋଇଥିଲା। ସେ ସମୟରେ ସୂଚନା ଉପରେ ନିୟନ୍ତ୍ରଣ ପାଇଁ ଉଦ୍ୟମ କରାଯାଇଥିଲା। ଖବରକାଗଜର ପ୍ରକାଶନ ଉପରେ ସେନସରସିପ ଲାଗୁ କରାଯାଇଥିଲା ଏବଂ ଅଭିବ୍ୟକ୍ତିର ସ୍ୱାଧୀନତାକୁ ସୀମିତ କରି ଦିଆ ଯାଇଥିଲା। ଅନେକ ସମ୍ପାଦକ / ସମ୍ବାଦିକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସତ୍ୟ ପରିବେଷଣରେ ବ୍ରତୀ ଥିଲେ, କିନ୍ତୁ ମଜାଦାର କଥା ହେଉଛି ଆଜିର ସଙ୍କଟ ସେଇ ଜରୁରୀକାଳୀନ ପରିସ୍ଥିତି ସମୟର ସଙ୍କଟ ଠାରୁ ଭିନ୍ନହେଲେ ମଧ୍ୟ ତାହା ସହ ଯୋଡି ହୋଇଛି। ୧୯୭୫ରେ ସୂଚନାକୁ ରୋକା ଯାଉଥିଲା ଏବେ ସୂଚନାର ବଢ଼ି ମାଡ଼ିଚାଲିଛି। ସେତେବେଳେ ଲୋକଙ୍କୁ ସତ୍ୟ ଜାଣିବାକୁ ଦିଆଯାଉନଥିଲା କିନ୍ତୁ ଏବେ ସୂଚନାର ସାଗର ମଧ୍ୟରେ ବାସ୍ତବିକ ସତ୍ୟ କେଉଁଟା ତାକୁ ଜାଣିବା ମୁସ୍କିଲ ହୋଇ ପଡୁଛି। ପରିସ୍ଥିତି ବଦଳିଛି କିନ୍ତୁ ପ୍ରଶ୍ନ ହେଉଛି - ଲୋକଙ୍କ ପାଖରେ ବିଶ୍ୱସନୀୟ ସୂଚନା ପହଞ୍ଚିବ କେମିତି ?

ଏଠାରେ ମୁଦ୍ରିତ ଗଣମାଧ୍ୟମର ସମକାଳୀନ ପ୍ରାସଙ୍ଗିକତା ନିହିତ ରହିଛି। ଏମାନେ ଡିଜିଟାଲ ମାଧ୍ୟମ ଭଳି ଗତିଶୀଳ ନୁହନ୍ତି। କିନ୍ତୁ ଏମାନେ ବିଶ୍ୱସନୀୟତା, ଉତ୍ତରଦାୟିତ୍ୱ ଏବଂ ସମ୍ପାଦକୀୟ ଅନୁଶାସନର ପରମ୍ପରାର ପ୍ରତିନିଧିତ୍ୱ କରୁଛନ୍ତି ଯାହାର ଆବଶ୍ୟକତା ସୂଚନାର ଉପଲବ୍ଧତାରେ ନୁହେଁ ବରଂ ବିଶ୍ୱସନୀୟ ସୂଚନାର ଉପଲବ୍ଧତାରେ ସୁଦୃଢ଼ ହୋଇଥାଏ। ଗଣମାଧ୍ୟମ ତାର ପରମ୍ପରା, ସମ୍ପାଦକୀୟ ସଂସ୍କୃତି ଏବଂ ସାର୍ବଜନିକ ଉତ୍ତରଦାୟିତ୍ୱ ବଜାୟ ରଖିଲେ ଏହାର ଗୁରୁତ୍ୱ କମିବ ନାହିଁ ବରଂ ବଢ଼ିବ ଓ ଲୋକତନ୍ତ୍ରକୁ ସୁଦୃଢ଼ କରିବାରେ ସହାୟକ ହେବ।

ରାମଚନ୍ଦ୍ରପୁର,ରଣପୁର, ମୋ: ୯୪୩୮୪୮୫୦୯୪

# 'ଇସ୍ରୋ' ରୁ ବୈଜ୍ଞାନିକଙ୍କ ଇସ୍ତଫା : ଏକ ସାଂଗଠନିକ ସଂକଟ !

## ଅସିତ ମହାନ୍ତି

**"ଭାରତର ଘରୋଇ ମହାକାଶ କମ୍ପାନୀଗୁଡ଼ିକ ଏବେ ସାଟେଲାଇଟ୍ ନିର୍ମାଣ, ପ୍ରକ୍ଷେପଣ ସେବା ଏବଂ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟାରେ ଦ୍ରୁତ ଗତିରେ ଅଗ୍ରଗତି କରୁଛନ୍ତି, ଯାହା ବୈଜ୍ଞାନିକମାନଙ୍କ ପାଇଁ ନୂତନ ସୁଯୋଗ ପ୍ରଦାନ କରୁଛି। କ୍ୟାରିଅର ଅଭିବୃଦ୍ଧି ଏବଂ ସୁଯୋଗର ଅଭାବ - ଇସ୍ରୋର ପଦୋନ୍ନତି ଏବଂ କ୍ୟାରିଅର ଅଭିବୃଦ୍ଧିର ପ୍ରକ୍ରିୟା ଧୀର ଏବଂ ସୀମିତ। ଅନେକ ବରିଷ୍ଠ ବୈଜ୍ଞାନିକ ବର୍ଷ ବର୍ଷ ଧରି ସମାନ ପଦବୀରେ ଫସି ରହିଛନ୍ତି। ବିପରୀତରେ, ଘରୋଇ କମ୍ପାନୀଗୁଡ଼ିକ ଦ୍ରୁତ ଗତିରେ ବୃଦ୍ଧି ପାଉଛନ୍ତି ଏବଂ ନେତୃତ୍ୱ ଭୂମିକା ସହଜରେ ଉପଲବ୍ଧ। ଏହା ଯୁବ ବୈଜ୍ଞାନିକମାନଙ୍କ ପାଇଁ ଅଧିକ ଆକର୍ଷଣୀୟ।**

'ଇସ୍ରୋ'(ଭାରତୀୟ ମହାକାଶ ଗବେଷଣା ସଂଗଠନ) ରୁ ୧୦୦ ରୁ ଅଧିକ ବରିଷ୍ଠ ବୈଜ୍ଞାନିକଙ୍କ ଇସ୍ତଫା ସମଗ୍ର ଦେଶକୁ ଚକିତ କରିଛି। ଏହାର ମୁଖ୍ୟ କାରଣ ହେଉଛି କମ୍ ଦରମା, ସୀମିତ କ୍ୟାରିୟର ସୁଯୋଗ, ପ୍ରଶାସନିକ ବାଧା ଏବଂ ଘରୋଇ ମହାକାଶ କମ୍ପାନୀଗୁଡ଼ିକରେ ଲାଭଜନକ ସୁଯୋଗ। ଏହି ପରିସ୍ଥିତି ଭାରତର ମହତ୍ତ୍ୱାକାଂକ୍ଷୀ ମିଶନ ଯେପରିକି ଗଗନଯାନ, ଚନ୍ଦ୍ରଯାନ- ୪ ଏବଂ ପ୍ରସ୍ତାବିତ ଭାରତୀୟ ମହାକାଶ ଷ୍ଟେସନକୁ ପ୍ରଭାବିତ କରିପାରେ।

ଭାରତୀୟ ମହାକାଶ ଗବେଷଣା ସଂଗଠନର ପରମ୍ପରା ଏବଂ ଗର୍ବ କେବଳ ବୈଜ୍ଞାନିକ ସଫଳତାର ଇତିହାସ ନୁହେଁ, ବରଂ ଏକ ଜାତୀୟ ଭାବନାର ପ୍ରତୀକ ଯାହା ସୀମିତ ସମ୍ବଳ ସତ୍ତ୍ୱେ ଅସମ୍ଭବକୁ ସମ୍ଭବ କରିଥିଲା। ୧୯୬୦ ଏବଂ ୭୦ ଦଶକରେ ଭାରତ ଯେତେବେଳେ ଏହାର ମହାକାଶ ଅନୁସନ୍ଧାନ ଯାତ୍ରା ଆରମ୍ଭ କରିଥିଲା, ସେତେବେଳେ ଆମ ପାଖରେ ପର୍ଯ୍ୟାପ୍ତ ପ୍ରଯୁକ୍ତିବିଦ୍ୟା ସମ୍ବଳ କିମ୍ବା ଆର୍ଥିକ ଶକ୍ତି ନ ଥିଲା। ତଥାପି, ସେମାନଙ୍କର ଚତୁରତା ଏବଂ ନିଷ୍ଠା ମାଧ୍ୟମରେ, ବୈଜ୍ଞାନିକମାନେ ଏପରି ସଫଳତା ହାସଲ କରିଥିଲେ ଯାହା ଏବେ ବି ବିଶ୍ୱକୁ ଚକିତ କରେ। ଚନ୍ଦ୍ରଯାନ-୩ ର ସଫଳତା ଏହାର ସର୍ବଶେଷ ଉଦାହରଣ। ଯେତେବେଳେ ଭାରତ ଚନ୍ଦ୍ର ପୃଷ୍ଠରେ ଏକ ନରମ ଅବତରଣ ହାସଲ କରିଥିଲା, ଏହା କେବଳ ଏକ ପ୍ରଯୁକ୍ତିବିଦ୍ୟା ବିଜୟ ନ ଥିଲା, ବରଂ ଦଶନ୍ଧି ଧରି ବୈଜ୍ଞାନିକମାନଙ୍କ ମନରେ ପୋଷଣ କରାଯାଇଥିବା ଧୈର୍ଯ୍ୟ ଏବଂ ବିଶ୍ୱାସର ବିଜୟ ମଧ୍ୟ ଥିଲା। ମଙ୍ଗଳୟାନ ମିଶନ ମଧ୍ୟ ଏହି ଗୌରବର ଏକ ଅଂଶ, ଯାହା ଭାରତକୁ ମଙ୍ଗଳ ଗ୍ରହରେ ସଫଳତାର ସହିତ ପହଞ୍ଚିଥିବା କିଛି ବଛା ବଛା ଦେଶ ମଧ୍ୟରେ ସ୍ଥାନିତ କରିଛି। ଏହି ସଫଳତାଗୁଡ଼ିକ କେବଳ ଭାରତର ବୈଜ୍ଞାନିକ କ୍ଷମତାକୁ ପ୍ରମାଣିତ କରିନାହିଁ ବରଂ ଏହା ମଧ୍ୟ ଦର୍ଶାଇଛି ଯେ ସୀମିତ ବଜେଟ୍ ଏବଂ ସମ୍ବଳ ସହିତ ମଧ୍ୟ, ଇଚ୍ଛାଶକ୍ତି ଏବଂ ସମର୍ପଣ ସହିତ ମହାନ ଲକ୍ଷ୍ୟ ହାସଲ କରାଯାଇପାରିବ।

ଇସ୍ରୋରେ କାମ କରିବା ସର୍ବଦା ବୈଜ୍ଞାନିକମାନଙ୍କ ପାଇଁ ଏକ ସ୍ୱପ୍ନ ହୋଇଆସିଛି। ଏଠାରେ ଚାକିରି କେବଳ ଏକ କ୍ୟାରିୟର ପସନ୍ଦ ନୁହେଁ ବରଂ ଜାତୀୟ ସେବାର ପ୍ରତୀକ ଭାବରେ ବିବେଚନା କରାଯାଏ। ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ ସେମାନଙ୍କର କଠିନ ପରିଶ୍ରମ ଏବଂ ଗବେଷଣା ଦେଶର ସମ୍ମାନ ବୃଦ୍ଧି କରିବ ଏବଂ ଭବିଷ୍ୟତ ପିଢ଼ିକୁ ପ୍ରେରଣା ଦେବ। ଏହି କାରଣରୁ, ବର୍ଷ ବର୍ଷ ଧରି, ବୈଜ୍ଞାନିକମାନେ କମ୍ ଦରମା ଏବଂ ସୀମିତ ସୁବିଧା ସତ୍ତ୍ୱେ ସେମାନଙ୍କ କାମକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଥିଲେ।

କିନ୍ତୁ ଆଜି, ଏହି ପ୍ରତିଷ୍ଠିତ ପ୍ରତିଷ୍ଠାନ ଏକ ଗମ୍ଭୀର ସଙ୍କଟର ସମ୍ମୁଖୀନ ହେଉଛି। ସମ୍ପ୍ରତି ବହୁ ସଂଖ୍ୟକ ବୈଜ୍ଞାନିକଙ୍କ ଇସ୍ତଫା ଏହି ପ୍ରଶ୍ନ ଉଠାଇଛି ଯେ କାହିଁକି ଏକ ପ୍ରତିଷ୍ଠାନ ଯାହା ଥରେ ଜାତୀୟ ସେବାର ପ୍ରତୀକ ଥିଲା, ଏବେ ନିଜର ପ୍ରତିଭାଶାଳୀ ବ୍ୟକ୍ତିମାନଙ୍କୁ ବଜାୟ ରଖିପାରୁନାହିଁ। ଉତ୍ତର କେବଳ ଆର୍ଥିକ କାରଣରେ ନୁହେଁ, ବରଂ ପରିବର୍ତ୍ତିତ ସାମାଜିକ ଏବଂ ରାଜନୈତିକ ଦୃଶ୍ୟପଟ୍ଟରେ ମଧ୍ୟ ରହିଛି, ଯେଉଁଠାରେ ଘରୋଇ କ୍ଷେତ୍ର ଦ୍ରୁତ ଗତିରେ ବିସ୍ତାର କରୁଛି ଏବଂ ବୈଜ୍ଞାନିକମାନଙ୍କୁ ଅଧିକ ସ୍ୱାଧୀନତା ଏବଂ ସୁଯୋଗ ପ୍ରଦାନ କରୁଛି। ତଥାପି, ଏହି ସଙ୍କଟ ମଧ୍ୟରେ, ଇସ୍ରୋର ପରମ୍ପରା ଏବଂ ପ୍ରତିଷ୍ଠାକୁ ଭୁଲିଯାଇପାରିବ ନାହିଁ। ଏହି ପ୍ରତିଷ୍ଠାନ କେବଳ ବୈଜ୍ଞାନିକ ସଫଳତାର କେନ୍ଦ୍ର ନୁହେଁ ବରଂ ଜାତୀୟ ଆତ୍ମବିଶ୍ୱାସର ଏକ ମୂଳଦୁଆ ମଧ୍ୟ। ଯେତେବେଳେ ଜଣେ ଭାରତୀୟ ପିଲା ଚନ୍ଦ୍ରାୟଣ କିମ୍ବା ମଙ୍ଗଳୟାନର ସଫଳତା ବିଷୟରେ ଶୁଣେ, ସେତେବେଳେ ଏହା ସେମାନଙ୍କ ଭିତରେ ଏହି ବିଶ୍ୱାସ ସୃଷ୍ଟି କରେ ଯେ ସେମାନେ ମଧ୍ୟ ବଡ଼ ସ୍ୱପ୍ନ ଦେଖିପାରିବେ ଏବଂ ସେଗୁଡ଼ିକୁ ହାସଲ କରିପାରିବେ। ଏହା ହେଉଛି ଇସ୍ରୋର ପ୍ରକୃତ ଶକ୍ତି - ଏହା କେବଳ ମହାକାଶରେ ନୁହେଁ ବରଂ ଲୋକଙ୍କ ହୃଦୟରେ ମଧ୍ୟ ଉଡ଼ି ଉଡ଼େ।



ଆଜି, ଇସ୍ତଫା ଏବଂ ଅସନ୍ତୋଷର ରିପୋର୍ଟ ପ୍ରକାଶ ପାଇବା ସହିତ, ଏହି ପ୍ରତିଷ୍ଠାନର ଗୌରବମୟ ପରମ୍ପରାକୁ ମନେ ରଖିବା ଏବଂ ଏହାକୁ ସଂରକ୍ଷଣ କରିବା ପାଇଁ ଠୋସ୍ ପଦକ୍ଷେପ ନେବା ଆହୁରି ଜରୁରୀ ହୋଇପଡ଼େ। କାରଣ ଯଦି ଇସ୍ରୋର ଆତ୍ମା ଦୁର୍ବଳ ହୁଏ, ତେବେ ଏହା କେବଳ ଏକ ବୈଜ୍ଞାନିକ ସଂକଟ ଆଡ଼କୁ ନେଇଯିବ ନାହିଁ ବରଂ ଜାତୀୟ ଆତ୍ମବିଶ୍ୱାସର ପତନ ମଧ୍ୟ ଆଣିବ। ତେଣୁ, ଇସ୍ରୋର ପରମ୍ପରା ଏବଂ ଗୌରବକୁ ବୁଝିବା କେବଳ ଇତିହାସ ଅଧ୍ୟୟନର ବିଷୟ ନୁହେଁ, ବରଂ ଏହାର ଭବିଷ୍ୟତ ଗତିପଥ ପ୍ରସ୍ତୁତ କରିବା। ଆମକୁ ନିଶ୍ଚିତ କରିବାକୁ ପଡିବ ଯେ ଏହି ପ୍ରତିଷ୍ଠାନ କେବଳ ଏହାର ବୈଜ୍ଞାନିକ ସଫଳତା ନୁହେଁ ବରଂ ଏହାର ବୈଜ୍ଞାନିକମାନଙ୍କ ସ୍ୱପ୍ନ ଏବଂ ଆକାଂକ୍ଷାକୁ ମଧ୍ୟ ସଂରକ୍ଷଣ କରିବ। ସେତେବେଳେ ହିଁ ଏହି ଗୌରବମୟ ପରମ୍ପରା ଜାରି ରହିବ, ଏବଂ ଭାରତ ମହାକାଶ ଗବେଷଣାରେ ନୂତନ ଉଚ୍ଚତାରେ ପହଞ୍ଚିପାରିବ। ଇସ୍ତଫା ପଛରେ ଆର୍ଥିକ କାରଣ - ସବୁଠାରୁ ବଡ଼ କାରଣ ହେଉଛି ସରକାରୀ ଦରମା ଗଠନ। ଇସ୍ରୋ ବୈଜ୍ଞାନିକମାନଙ୍କୁ ଦିଆଯାଉଥିବା ଦରମା ବିଶ୍ୱ ମାନଦଣ୍ଡଠାରୁ ବହୁତ କମ୍। ଯେତେବେଳେ ଘରୋଇ କମ୍ପାନୀ ଏବଂ ବିଦେଶୀ ପ୍ରତିଷ୍ଠାନଗୁଡ଼ିକ ଯଥେଷ୍ଟ ଅଧିକ ଦରମା ଏବଂ ସୁବିଧା ପ୍ରଦାନ କରିବା ଆରମ୍ଭ କଲେ, ସେତେବେଳେ ପ୍ରତିଭାବାନ ବ୍ୟକ୍ତିମାନେ ଆକର୍ଷିତ ହେବା ସ୍ୱାଭାବିକ ଥିଲା।

ଭାରତର ଘରୋଇ ମହାକାଶ କମ୍ପାନୀଗୁଡ଼ିକ ଏବେ ସାଟେଲାଇଟ୍ ନିର୍ମାଣ, ପ୍ରକ୍ଷେପଣ ସେବା ଏବଂ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟାରେ ଦ୍ରୁତ ଗତିରେ ଅଗ୍ରଗତି କରୁଛନ୍ତି, ଯାହା ବୈଜ୍ଞାନିକମାନଙ୍କ ପାଇଁ ନୂତନ ସୁଯୋଗ ପ୍ରଦାନ କରୁଛି। କ୍ୟାରିଅର ଅଭିବୃଦ୍ଧି ଏବଂ ସୁଯୋଗର ଅଭାବ - ଇସ୍ରୋର ପଦୋନ୍ନତି ଏବଂ କ୍ୟାରିଅର ଅଭିବୃଦ୍ଧିର ପ୍ରକ୍ରିୟା ଧୀର ଏବଂ ସୀମିତ। ଅନେକ ବରିଷ୍ଠ ବୈଜ୍ଞାନିକ ବର୍ଷ ବର୍ଷ ଧରି ସମାନ ପଦବୀରେ ଫସି ରହିଛନ୍ତି। ବିପରୀତରେ, ଘରୋଇ କମ୍ପାନୀଗୁଡ଼ିକ ଦ୍ରୁତ ଗତିରେ ବୃଦ୍ଧି ପାଉଛନ୍ତି ଏବଂ ନେତୃତ୍ୱ ଭୂମିକା ସହଜରେ ଉପଲବ୍ଧ। ଏହା ଯୁବ ବୈଜ୍ଞାନିକମାନଙ୍କ ପାଇଁ ଅଧିକ ଆକର୍ଷଣୀୟ।

ଅମଲାତନ୍ତ୍ର ଏବଂ ପ୍ରଶାସନିକ ବାଧା - ସମ୍ପ୍ରତି, ସରକାର ଇସ୍ତଫା ରୋକିବା ପାଇଁ ନିୟମ କଡ଼ାକଡ଼ି କରିଛନ୍ତି। ବର୍ତ୍ତମାନ, କେନ୍ଦ୍ର ସରକାରଙ୍କ ସିଧାସଳଖ ଅନୁମୋଦନ ବିନା ଜଣେ ବୈଜ୍ଞାନିକଙ୍କ ଇସ୍ତଫା ଗ୍ରହଣ କରାଯାଇପାରିବ ନାହିଁ। ଏହି ପଦକ୍ଷେପ ବୈଜ୍ଞାନିକମାନଙ୍କୁ ଆହୁରି ଅସନ୍ତୁଷ୍ଟ କରୁଛି, କାରଣ ସେମାନେ ଭାବୁଛନ୍ତି ଯେ ସେମାନଙ୍କ ସ୍ୱାଧୀନତା ଛଡ଼ାଇ ନିଆଯାଉଛି। ଘରୋଇ କ୍ଷେତ୍ରର ଉତ୍ଥାନ - ଭାରତରେ ଘରୋଇ ମହାକାଶ କ୍ଷେତ୍ର ଅଭୂତପୂର୍ବ ଭାବରେ ବିସ୍ତାର ହେଉଛି। ଷ୍ଟାର୍ଟ-ଅପ୍ ଏବଂ ବଡ଼ କମ୍ପାନୀଗୁଡ଼ିକ ସାଟେଲାଇଟ୍ ଯୋଗାଯୋଗ, ମହାକାଶ ପ୍ରୟୋଗ ଏବଂ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟାରେ ନିବେଶ କରୁଛନ୍ତି। ଏଠାରେ ବୈଜ୍ଞାନିକମାନେ କେବଳ ଅଧିକ ଦରମା ପାଆନ୍ତି ନାହିଁ ବରଂ ନବସୃଜନ କରିବାର ସ୍ୱାଧୀନତା ମଧ୍ୟ ପାଆନ୍ତି। ଇସ୍ରୋର ଗଠନ ତୁଳନାତ୍ମକ ଭାବରେ କଠୋର, ଯେତେବେଳେ ଘରୋଇ କମ୍ପାନୀଗୁଡ଼ିକ ପରୀକ୍ଷଣ ଏବଂ ବିପଦ ଗ୍ରହଣକୁ ଉତ୍ସାହିତ କରନ୍ତି। ଜାତୀୟ ମିଶନ ଉପରେ ପ୍ରଭାବ - ଏହି ଇସ୍ତଫା ଭାରତର ମହତ୍ତ୍ୱାକାଂକ୍ଷୀ ମିଶନକୁ ବିପଦରେ ପକାଇଥାଏ। ଗଗନଯାନ ମାନବ ମହାକାଶ ଉଡ଼ାଣ, ଚନ୍ଦ୍ରଯାନ ୪, ମଙ୍ଗଳୟାନ ୨, ଏବଂ ଭାରତୀୟ ମହାକାଶ ଷ୍ଟେସନ ଭଳି ପ୍ରକଳ୍ପଗୁଡ଼ିକ ଅଭିଜ୍ଞ ବୈଜ୍ଞାନିକଙ୍କ ଉପରେ ନିର୍ଭର କରେ। ଯଦି ଏହି ବ୍ରେନ୍ ଡ୍ରେନ୍ ଜାରି ରହେ, ତେବେ ଏହି ମିଶନଗୁଡ଼ିକ ମନ୍ଥର ହୋଇପାରେ। ଏହାକୁ ରୋକିବା ପାଇଁ ସରକାର ପ୍ରଶାସନିକ ପ୍ରତିବନ୍ଧକ ସୃଷ୍ଟି କରିଛନ୍ତି, କିନ୍ତୁ ଏହି ସମାଧାନ ଏବେ ବି ଅପହଞ୍ଚ।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

# ମାନବ ସଭ୍ୟତା : ହଜିଯାଉଛି ମଣିଷତ୍ୱ !

## ଶ୍ରୀଧର ବେହେରା

**"ଆମେ ବିଜ୍ଞାନରେ ଚନ୍ଦ୍ରରେ ପହଞ୍ଚିଲୁ, କିନ୍ତୁ ପଡ଼ୋଶୀର ହୃଦୟକୁ ଛୁଇଁ ପାରିଲୁ ନାହିଁ। ଆମେ କୃତ୍ରିମ ବୁଦ୍ଧିମତ୍ତା ସୃଷ୍ଟି କଲୁ, କିନ୍ତୁ ନିଜ ବୁଦ୍ଧିକୁ ହରାଇ ବସିଲୁ। ଆମେ ସୂଚନାର ସମୁଦ୍ରରେ ବୁଡ଼ିଲୁ, କିନ୍ତୁ ଜ୍ଞାନର ଗୋଟିଏ ବୁନ୍ଦା ପାଇଲୁ ନାହିଁ। ଯେଉଁଦିନ ମଣିଷ ନିଜ ମଧ୍ୟରୁ ଆଦି ମାନବର ସାହସ ଆଉ ମଣିଷର ବିବେକୁ ଏକାଠି କରି ପାରିବ, ସେଦିନ ହିଁ ଏହି ସମାଜର ପୁନଃନିର୍ମାଣ ହେବ। ସେଦିନ ଆମେ ଟଙ୍କା ନୁହେଁ, ମଣିଷକୁ ମୂଲ୍ୟ ଦେବୁ। ଧର୍ମ ନୁହେଁ, ଧର୍ମୟତାକୁ ମୂଲ୍ୟ ଦେବୁ। ଜାତି ନୁହେଁ, ମାନବତାକୁ ମୂଲ୍ୟ ଦେବୁ। ନଚେତ୍ ଆମେ ଆଉ ଥରେ ପାଷାଣ ଯୁଗକୁ ଫେରିଯିବୁ।**

କାଳର ଅନାଦି ସ୍ରୋତରେ ଯେତେବେଳେ ଆଦି ମାନବ ପ୍ରକୃତିର କ୍ରୋଡ଼ରୁ ଉଠି ଠିଆ ହୋଇଥିଲା, ସେ ନିର୍ମଳ ଥିଲା। ତା ଭିତରେ କପଟ ନ ଥିଲା, କେବଳ କ୍ଷୁଧା ଥିଲା। ଗୁମ୍ଫା ଥିଲା ତାର ଆଶ୍ରୟ, ପଥର ଥିଲା ତାର ଅସ୍ତ୍ର, ଆଉ ଅଗ୍ନି ଥିଲା ତାର ପ୍ରଥମ ଆବିଷ୍କାର। ସେ ସଂଘର୍ଷ କଲା, କିନ୍ତୁ ମିଛ କହିଲା ନାହିଁ। ଯେତେବେଳେ ସେ ଶିକାର କଲା, କେବଳ ପେଟ ପାଇଁ କଲା। ଯେତେବେଳେ ସେ ବଜ୍ରକୁ ଦେଖିଲା, ଭୟରେ ମୁଣ୍ଡ ନୁଆଁଇଲା, କିନ୍ତୁ ଧୋକା ଦେଲା ନାହିଁ। ଆଜିର ମଣିଷ ସମାଜ ସେହି ଆଦି ମାନବର ବିବର୍ତ୍ତିତ ରୂପ ନୁହେଁ, ଏହା ବିକୃତିର ଚରମ ସୋପାନ। ସଭ୍ୟତାର ଚାକଚକ୍ୟ ତଳେ ଆମେ ଗୋଟିଏ ମହାନ ଭଣ୍ଡାମୀକୁ ଆଶ୍ରୟ ଦେଇ ବସିଛୁ। ଆମେ ନିଜକୁ ବିବେକବାନ କହୁ, କିନ୍ତୁ ଆମ ବିବେକ ଏବେ ବଜାର ଦ୍ରବ୍ୟ। ଯେଉଁଠି ଲାଭ ଅଧିକ, ସେଇଠି ଆମ ବିବେକ ବିକ୍ରି ହୁଏ। ଆମେ ନୀତିର କଥା କହୁ, ଆଉ ଅନୀତିର ବ୍ୟବସାୟ କରୁ।

ମଣିଷ ସମାଜ ନିଜକୁ ଶୃଙ୍ଖଳାର ପ୍ରତୀକ ବୋଲି ଘୋଷଣା କରେ। କିନ୍ତୁ ଏହି ଶୃଙ୍ଖଳା କାହା ପାଇଁ ? ଯେ ଦୁର୍ବଳ, ତାକୁ ଆହୁରି ଦଳିବା ପାଇଁ। ଯେ ଶକ୍ତିଶାଳୀ, ତା ପାଇଁ ନୀତି ନମନୀୟ। ଆମେ ସମ୍ବିଧାନର ବଡ଼ ବଡ଼ ଧାରା ଆଉରି, ଆଉ ଗଳି କୂଳିରେ ମଣିଷତ୍ୱର ହତ୍ୟା ହୁଏ। ଆମେ ଧର୍ମର ଉପଦେଶ ଦେଉ, ଆଉ ସେହି ଧର୍ମର ନାମରେ ବିଦ୍ୱେଷର ବିଷ ବୁଣୁ। ମନ୍ଦିରର ଘଣ୍ଟା ବାଜେ, ଆଉ ସେହି ସମୟରେ ପଡ଼ୋଶୀର ଘରେ କ୍ଷୁଧାରେ ପିଲା କାନ୍ଦେ। ଆମେ ପ୍ରାର୍ଥନା କରୁ ଶାନ୍ତି ପାଇଁ, ଆଉ ବଜାରରୁ ଫେରି ଅସ୍ତ୍ର କିଣୁ ନିରାପତ୍ତା ପାଇଁ। ଆମେ ଶିକ୍ଷାକୁ ବ୍ୟବସାୟ କଲୁ। ଜ୍ଞାନ ଆଉ ବିଦ୍ୟା ନୁହେଁ, ଏବେ ଏହା ଏକ ପ୍ୟାକେଜ। ଯେତେ ଟଙ୍କା, ସେତେ ଡିଗ୍ରୀ। ଯେତେ ଡିଗ୍ରୀ, ସେତେ ସମ୍ମାନ। କୌଣସି ଶିଶୁର କୌତୂହଳ ମରିଯାଉ, କିନ୍ତୁ ମାର୍କ କମ୍ ହେବା ଉଚିତ ନୁହେଁ। ଚିକିତ୍ସାକୁ ଆମେ ଲାଭର କାରବାର କଲୁ। ଜୀବନ ବଞ୍ଚାଇବା ଆଉ ଧର୍ମ ନୁହେଁ, ଏବେ ଏହା ବିଲ୍‌ର ଅଙ୍କ। ଗରିବ ରୋଗୀ ଦ୍ୱାରରେ ଠିଆ ହୁଏ, ଆଉ ଆମେ ତାକୁ କହୁ -ପ୍ରଥମେ ଟଙ୍କା ଜମା କରନ୍ତୁ। ସମ୍ପର୍କ ଆମେ ସ୍ୱାର୍ଥର ନେଣଦେଣରେ ପରିଣତ କଲୁ। ବନ୍ଧୁତା ଏବେ ନେଟୱର୍କିଂ, ବିବାହ ଏବେ ଚୁକ୍ତି, ଆଉ ପ୍ରେମ ଏବେ ସୁବିଧା। କରୁଣା ଆଉ ଗୁଣ ନୁହେଁ, ଏବେ ଏହା ଏକ ଦୁର୍ବଳତା। ଯେ ଦୟା କରେ ତାକୁ ଆମେ ବୋକା କହୁ। ଯେ ଠକେ ତାକୁ ଆମେ ଚତୁର କହୁ।

ଆଜିର ମଣିଷ ସମାଜ ଏକ ଦ୍ୱିମୁଖୀ ଜନ୍ତୁ। ଦିନେ ସେ ସାମାଜିକ ଗଣମାଧ୍ୟମରେ ସମାନତାର ଲମ୍ବା ଲେଖା ଲେଖେ, ଆଉ ରାତିରେ ନିଜ ଘର କାମ କରୁଥିବା ଲୋକଟିକୁ ଅସ୍ପୃଶ୍ୟ ଭାବେ ଦେଖେ। ଆମେ ପ୍ରକୃତିକୁ ନିର୍ମମ ଭାବେ ଦୋହନ କରି ତାକୁ 'ଉନ୍ନତି' ଆଖ୍ୟା ଦେଉ। ନଦୀକୁ ନାଳ କରୁ, ପର୍ବତକୁ କାଟି ତା ଉପରେ ଆକାଶଛୁଆଁ ଅଟ୍ଟାଳିକା ତିଆରି କରି ତାକୁ 'ପ୍ରଗତି' କହୁ। ଜଙ୍ଗଲ ଉଜାଡ଼ି ଆମେ କଂକ୍ରିଟର ଜଙ୍ଗଲ ସୃଷ୍ଟି କଲୁ, ଆଉ ତାକୁ ସମୃଦ୍ଧିର ନାମ ଦେଲୁ। ଗଛ କାଟି ଆମେ କାଗଜ ତିଆରି କଲୁ, ଆଉ ସେହି କାଗଜରେ ଲେଖୁ 'ପରିବେଶ ବଞ୍ଚାଅ'। ଆମେ ଜୀବନର ମୂଲ୍ୟ ଟଙ୍କାରେ ମାପୁ, ଆଉ ଆତ୍ମାର ମୂଲ୍ୟ ଫଲୋଅର ଓ ଲାଇକରେ ମାପୁ। ଯାହାର ବ୍ୟାଙ୍କ ବାଲାନ୍ସ ଅଧିକ, ସେ ସମ୍ମାନର ଅଧିକାରୀ। ଯାହାର ନାହିଁ, ସେ ଅଦୃଶ୍ୟ। ରାସ୍ତାରେ ପଡ଼ିଥିବା ବୃଦ୍ଧକୁ ଆମେ ଡେଇଁ ଯାଉ, ଆଉ ଘରେ ବସି ବୃଦ୍ଧାଶ୍ରମ ବିରୋଧରେ ପୋଷ୍ଟ କରୁ।

ଏହି ସମାଜ ମଣିଷକୁ ଖଣ୍ଡ ଖଣ୍ଡ କଲା। ଜାତିର କାନ୍ଥ, ଧର୍ମର ପ୍ରାଚୀର, ଦେଶର ସୀମାରେଖା ଆଉ ଶ୍ରେଣୀର ବିଭେଦ ମଧ୍ୟରେ ମଣିଷତ୍ୱ ଛଟପଟ ହେଉଛି। ଆମେ ମଣିଷକୁ ପ୍ରଥମେ ବିଭକ୍ତ କଲୁ, ତାପରେ ଶାସନ କଲୁ। ଯିଏ ପ୍ରତିବାଦ କରେ ସେ 'ବିଶୃଙ୍ଖଳାକାରୀ', ଯିଏ ପ୍ରଶ୍ନ କରେ ସେ 'ରାଷ୍ଟ୍ରଦ୍ରୋହୀ'। ନୀରବତାକୁ ଆମେ ସଦ୍‌ଗୁଣ କହୁ, ଆଉ ନ୍ୟାୟର ଦାବିକୁ ଅପରାଧ କହୁ। ସତ କହିଲେ ତାକୁ ଦମନ କରୁ। ଏହି ସମାଜରେ ନୀତି କଥା କେବଳ ଭାଷଣରେ ଶୁଭେ, କାର୍ଯ୍ୟରେ ନୁହେଁ। ଆମେ ନାରୀ ସଶକ୍ତୀକରଣର ସ୍ଲୋଗାନ ଦେଉ, ଆଉ ଘରେ ଝିଅକୁ ବୋଝ ଭାବୁ। ଆମେ ଗଣତନ୍ତ୍ର ଗୁଣ ଗାଉ, ଆଉ ଭୋଟ କିଣିବା ବିକିବାକୁ ବ୍ୟବସାୟ କରୁ। ଆଦି ମାନବ ଗୁମ୍ଫାରେ ରହୁଥିଲା, କିନ୍ତୁ ତାର ମନ ମୁକ୍ତ ଥିଲା।

ଆମେ ଶୀତତାପ ନିୟନ୍ତ୍ରିତ ଘରେ ରହୁ, କିନ୍ତୁ ଆମର ମନ କାରାଗାର। ଆମେ ଭିଡ଼ ମଧ୍ୟରେ ଏକାକୀ, ସମ୍ପର୍କର ମରୁଭୂମିରେ ତୃଷାର୍ତ୍ତ। ହଜାର ବନ୍ଧୁ ଆମ ସୋସିଆଲ ମିଡିଆରେ, କିନ୍ତୁ ଦୁଃଖ ବେଳେ ଗୋଟିଏ କାନ୍ଧ ନାହିଁ। ଆମେ ଅନ୍ୟର ଯନ୍ତ୍ରଣା ଦେଖି ରିଲ ସ୍କ୍ରୋଲ କରୁ, ଆଉ ନିଜର ଦୁଃଖକୁ ଷ୍ଟାଟସରେ ପ୍ରକାଶ କରୁ। ସମ୍ବେଦନଶୀଳତା ଆମ ପାଇଁ ଏବେ ଏକ ପୁରାତନ ଶବ୍ଦ। ମଣିଷ ସମାଜ ଆମକୁ ଶିଖାଇଲା କିପରି ଜିତିବାକୁ ହୁଏ, କିନ୍ତୁ ଶିଖାଇଲା ନାହିଁ କିପରି ମଣିଷ ହେବାକୁ ହୁଏ। ଏଠାରେ ସଫଳତାର ମାପଦଣ୍ଡ ହେଲା ସମ୍ପତ୍ତି, ଆଉ ବିଫଳତାର ଦଣ୍ଡ ହେଲା ଅପମାନ। ଆମେ ଶିଶୁକୁ ପ୍ରତିଯୋଗିତା ଶିଖାଉ, କିନ୍ତୁ ସହାନୁଭୂତି ଶିଖାଉ ନାହିଁ। ଆମେ ଯୁବକକୁ କ୍ୟାରିୟର ଶିଖାଉ, କିନ୍ତୁ ଚରିତ୍ର ଶିଖାଉ ନାହିଁ। ଆମେ ବୃଦ୍ଧକୁ ଅବହେଳା କରୁ, ଆଉ ଇତିହାସରୁ ଶିକ୍ଷା ନେବାକୁ ମନା କରୁ।

ଏହି ଲେଖନୀ କୌଣସି ବ୍ୟକ୍ତିର ନିନ୍ଦା ନୁହେଁ, ଏହା ସମଗ୍ର ବ୍ୟବସ୍ଥାର ପ୍ରତିବାଦ। ଏହା ସେହି ନୀରବ ଚିତ୍କାର ଯାହା ଆମ ଆତ୍ମାର ଗଭୀରୁ ଉଠୁଛି।

ଆମେ ବିଜ୍ଞାନରେ ଚନ୍ଦ୍ରରେ ପହଞ୍ଚିଲୁ, କିନ୍ତୁ ପଡ଼ୋଶୀର ହୃଦୟକୁ ଛୁଇଁ ପାରିଲୁ ନାହିଁ। ଆମେ କୃତ୍ରିମ ବୁଦ୍ଧିମତ୍ତା ସୃଷ୍ଟି କଲୁ, କିନ୍ତୁ ନିଜ ବୁଦ୍ଧିକୁ ହରାଇ ବସିଲୁ। ଆମେ ସୂଚନାର ସମୁଦ୍ରରେ ବୁଡ଼ିଲୁ, କିନ୍ତୁ ଜ୍ଞାନର ଗୋଟିଏ ବୁନ୍ଦା ପାଇଲୁ ନାହିଁ।

ଯେଉଁଦିନ ମଣିଷ ନିଜ ମଧ୍ୟରୁ ଆଦି ମାନବର ସାହସ ଆଉ ମଣିଷର ବିବେକୁ ଏକାଠି କରି ପାରିବ, ସେଦିନ ହିଁ ଏହି ସମାଜର ପୁନଃନିର୍ମାଣ ହେବ। ସେଦିନ ଆମେ ଟଙ୍କା ନୁହେଁ, ମଣିଷକୁ ମୂଲ୍ୟ ଦେବୁ। ଧର୍ମ ନୁହେଁ, ଧର୍ମୟତାକୁ ମୂଲ୍ୟ ଦେବୁ। ଜାତି ନୁହେଁ, ମାନବତାକୁ ମୂଲ୍ୟ ଦେବୁ। ନଚେତ୍ ଆମେ ଆଉ ଥରେ ପାଷାଣ ଯୁଗକୁ ଫେରିଯିବୁ।

ସେତେବେଳେ ପଥର ନ ଥିବ, ଥିବ କେବଳ କଠିନ ହୃଦୟ। ଜଙ୍ଗଲ ନଥିବ, ଥିବ କେବଳ ସ୍ୱାର୍ଥର ଘଞ୍ଚ ଅରଣ୍ୟ। ଆମେ ବାହ୍ୟ ସଭ୍ୟତାର ଶିଖରରେ ପହଞ୍ଚି ମଧ୍ୟ ଆଭ୍ୟନ୍ତରୀଣ ବର୍ବରତାର ଗର୍ତ୍ତରେ ପଡ଼ିଯିବୁ। ମଣିଷ ହେବା ପାଇଁ ଡିଗ୍ରୀ ଦରକାର ନାହିଁ, ଦରକାର ସତ୍ୟନିଷ୍ଠା, ଦରକାର କରୁଣା, ଦରକାର ଅନ୍ୟର ଯନ୍ତ୍ରଣାକୁ ନିଜର କରି ଅନୁଭବ କରିବାର ସାମର୍ଥ୍ୟ। ଯେତେଦିନ ପର୍ଯ୍ୟନ୍ତ ଆମେ ସେହି ପଥରେ ନ ଚାଲୁ, ସେତେଦିନ ପର୍ଯ୍ୟନ୍ତ ଆମେ କେବଳ ଦ୍ୱିପଦ ଜୀବ ହୋଇ ରହିବୁ - ମଣିଷ ହୋଇ ପାରିବା ନାହିଁ।

ଗୌରାଙ୍ଗପାଟଣା, ରମ୍ଭା,ଗଞ୍ଜାମ
ମୋ- ୯୩୯୧୫୯୪୭୯୭

## ଯୁବ ବ୍ୟବସାୟୀଙ୍କ ମହାନତା
## ରାସ୍ତାରୁ ପାଇଥିବା ଟଙ୍କା ବ୍ୟାଗ୍ ଫେରାଇଲେ

ପିପିଲ,୧୮।୭ (ନିପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ହରିପୁର ନିକଟସ୍ଥ ଜଗନ୍ନାଥପୁର ଛକର ଜଣେ ଯୁବ ବ୍ୟବସାୟୀ ରାସ୍ତାରୁ ପାଇଥିବା ଟଙ୍କା ଥିବା ଏକ ବ୍ୟାଗ୍‌କୁ ହଜିଥିବା ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କୁ ଫେରାଇ ନିଜର ମହାନତା ଦେଖାଇଛନ୍ତି। ସୂଚନା ମୁତାବକ ଜଗତସିଂହପୁର ଜିଲ୍ଲା ଓସକଣା ଗ୍ରାମର ବସନ୍ତ ମହାପାତ୍ର ଗୁରୁବାର ବାଇକ ଯୋଗେ ନିମାପଡାରୁ ଭୁବନେଶ୍ୱର ଯାଉଥିଲେ। ବର୍ଷା ହେଉଥିବାରୁ ବସନ୍ତ ଏକ ବ୍ୟାଗରେ ୧୫ହଜାର ଟଙ୍କା ଓ ତାଙ୍କର ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ରକୁ




ରଖି ବାଇକ୍ ପଛରେ ରଖିଥିଲେ। ଜଗନ୍ନାଥପୁର ଛକରେ ଥିବା ଯୁବ ବ୍ୟବସାୟୀ ସୁଦର୍ଶନ ବେହେରାଙ୍କ ଦୋକାନ ସାମ୍ନାରେ ବ୍ୟାଗଟି ଖସି ପଡିଥିବା ବେଳେ ବସନ୍ତ ଜାଣି ପାରିନଥିଲେ। ସୁଦର୍ଶନ ତୁରନ୍ତ ଯାଇ ବ୍ୟାଗଟିକୁ ଆଣି ନିଜ ପାଖରେ ରଖିବା ସହ ସେଥିରେ ଥିବା ବସନ୍ତଙ୍କ ଠିକଣା ଅନୁସାରେ ତାଙ୍କ ଫୋନ ନମ୍ବରକୁ ଯୋଗାଯୋଗ କରିଥିଲେ। ବସନ୍ତ ବ୍ୟାଗ୍ ମିଳିବା ଜାଣି ଖୁସି ହେବା ସହ ସୁଦର୍ଶନଙ୍କୁ ତାଙ୍କର ମହାନତା ପାଇଁ ଧନ୍ୟବାଦ ଜଣାଇଥିଲେ। ଶୁକ୍ରବାର ବସନ୍ତଙ୍କ ଜ୍ୱାଇଁ ସୁଦର୍ଶନଙ୍କ ନିକଟରେ ପହଞ୍ଚିବା ପରେ ସୁଦର୍ଶନ ବ୍ୟାଗଟିକୁ ତାଙ୍କୁ ପ୍ରଦାନ କରିଥିଲେ। ସୁଦର୍ଶନଙ୍କ ଏଭଳି ମହାନ କାର୍ଯ୍ୟ ପାଇଁ ସାଧାରଣରେ ପ୍ରଶଂସା କରାଯାଉଛି।

## ରାସ୍ତା କଡରୁ ମୋବାଇଲ ପାଇ ଯୁବକଙ୍କୁ ଫେରାଇଲେ ସାମ୍ବାଦିକ

ଖଣ୍ଡପଡ଼ା,୧୮।୭ (ନିପ୍ର); ଖଣ୍ଡପଡ଼ା ସହରର ଏନଏସି କାର୍ଯ୍ୟାଳୟ ସମ୍ମୁଖସ୍ଥ ରାସ୍ତା ପାର୍ଶ୍ୱରେ ଏକ ଦାମୀ ମୋବାଇଲଟିଏ ପଡିଥିବା ନେଇ ସାମ୍ବାଦିକ ଶିବ ନାରାୟଣ ଦାସଙ୍କ ନଜରକୁ ଆସିଥିଲା। ଗୁରୁବାର ରାତିରେ ଶିବ ଘରକୁ ଫେରୁଥିବା ବେଳେ ରାସ୍ତା ପାର୍ଶ୍ୱରୁ ଉକ୍ତ ମୋବାଇଲଟି ପାଇ ଘରକୁ ନେଇ ଯାଇଥିଲେ। ପରେ ସାମାଜିକ ଗଣମାଧ୍ୟମରେ ମୋବାଇଲ ସଂପର୍କରେ ସାମ୍ବାଦିକ ଶ୍ରୀ ଦାସ ସବିଶେଷ ସୂଚନା ଦେଇଥିଲେ। ସାମାଜିକ ଗଣମାଧ୍ୟମରୁ ହଜିଥିବା ମୋବାଇଲ ସଂପର୍କରେ ଅବଗତ ହେବା ପରେ ଖଣ୍ଡପଡ଼ା ସହର ୧୨ ନଂ ୱାର୍ଡ ଅଧୀନ ତ୍ରିନାଥ ଛକ ଅଞ୍ଚଳର ଜନୈକ ଯୁବକ ସାମ୍ବାଦିକଙ୍କ ସହ ଯୋଗାଯୋଗ କରି ହଜିଥିବା ତାଙ୍କର ମୋବାଇଲଟିକୁ ଫେରି ପାଇଥିବା ଜଣାପଡିଛି।ଏହି ଘଟଣା ଏବେ ଖଣ୍ଡପଡ଼ା ସହର ସାରା ଆଲୋଚନା ହେଉଥିବା ବେଳେ ଏଥି ନିମନ୍ତେ ସଂପୃକ୍ତ ସାମ୍ବାଦିକଙ୍କୁ ସାମ୍ବାଦିକ ସଂଘ ପକ୍ଷରୁ ଓ ବୁଦ୍ଧିଜୀବୀ ମହଲରୁ ପ୍ରଶଂସା କରାଯାଇଛି।

## ପାରିକୁଦ ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉ

କୃଷ୍ଣପ୍ରସାଦ,୧୮।୭ (ନିପ୍ର): ଘୋଷଯାତ୍ରା ଅବସରରେ ବିଗ୍ରହମାନେ ଗୁଣ୍ଡିଚା ମନ୍ଦିରରେ ଆସି ପହଁଚିବା ପରେ ପାରମ୍ପରିକ ପ୍ରଥା ଅନୁଯାୟୀ ଦୈନିକ ସକାଳ ଧୂପ, ଭୋଗଲାଗି, ସନ୍ଧ୍ୟା ଧୂପ ଆଦି ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ଚାଲିଛି । ପାରିକୁଦ ଗଡ଼ର ଚନ୍ଦନ ପଡ଼ିଆ ସ୍ଥିତ ଗୁଣ୍ଡିଚା ମନ୍ଦିରରେ ବିଗ୍ରହଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି । ବରିଷ୍ଠ ପୂଜକ ପ୍ରସନ୍ନ କୁମାର ପଣ୍ଡା, ପଣ୍ଡିତ ନୀଳକଣ୍ଠ ତ୍ରିପାଠୀ ବିଗ୍ରହମାନଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରିଥାନ୍ତି । ଭକ୍ତ ଓ ଭଗବାନଙ୍କର ଏକ ଅପୂର୍ବ ମିଳନ ପର୍ବ ଏହି ଅବସରରେ ଦେଖିବାକୁ ମିଳିଥାଏ । ପାରିକୁଦ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିର ପୁରୀ ଶ୍ରୀମନ୍ଦିର ସହ ବିଭିନ୍ନ କ୍ଷେତ୍ରରେ ସାମଞ୍ଜସ୍ୟ ରଖୁଥିବା ବହୁ ପୁରୁଖା ଲୋକ ମତ ଦେଉଛନ୍ତି । ଶ୍ରୀକ୍ଷେତ୍ରରେ ୧୨ମାସରେ ୧୩ପର୍ବ ଅନୁଷ୍ଠିତ ହେଉଥିବାବେଳେ ଅନୁରୂପ ଭାବେ ପାରିକୁଦ ଗଡ଼ର ଜଗନ୍ନାଥ ମନ୍ଦିରରେ ବିଗ୍ରହ ମାନଙ୍କର ନୀତିକାନ୍ତି ସମ୍ପନ୍ନ ହୋଇଥାଏ । ନବଦିନ ବ୍ୟାପୀ ବିଗ୍ରହ ମାନେ ଗୁଣ୍ଡିଚା ଘରେ ରହିବା ପରେ ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବାହୁଡ଼ା ଯାତ୍ରାରେ ବିଗ୍ରହମାନେ ମନ୍ଦିରକୁ ରଥରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡ଼ିଛି। ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପାରିକୁଦ ଗଡ଼ରେ ଅନୁଷ୍ଠିତ ରଥଯାତ୍ରାରେ ୩ ବିଗ୍ରହଙ୍କ ସହ ସୁଦର୍ଶନ ଗୋଟିଏ ରଥରେ ବିଜେ କରିଥାନ୍ତି ।

## ବନ୍ୟା ଜଳରେ ଜଳମଗ୍ନ ଧାମନଗରର ଦୁଇ ବିଦ୍ୟାଳୟ
## ପାଠପଢ଼ା ବ୍ୟାହତ, ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଚିନ୍ତା

ଧାମନଗର,୧୮।୭ (ନିପ୍ର); ଧାମନଗର ବ୍ଲକ ଅଞ୍ଚଳରେ ରେବ ନଦୀର ଉଛୁଳା ପାଣି ସ୍ଥାନୀୟ ଶିକ୍ଷା ବ୍ୟବସ୍ଥାରେ ବଡ଼ ଧରଣର ବ୍ୟାଘାତ ସୃଷ୍ଟି କରିଛି। ବନ୍ୟା ଜଳ ପ୍ରବେଶ କରିବା ଫଳରେ ଧାମନଗର ବ୍ଲକର ଭଗବାନପୁର ପଞ୍ଚାୟତର ତପନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାପୀଠ ଏବଂ ଇଛଦା-ତପନେଶ୍ୱର ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବେ ଜଳବନ୍ଦୀ ହୋଇପଡ଼ିଛି।ବିଦ୍ୟାଳୟ ପରିସର ସମେତ ଶ୍ରେଣୀଗୃହ ଭିତରେ ବନ୍ୟା ଜଳ ପଶିଯାଇଥିବାରୁ ପାଠପଢ଼ା ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ବେଞ୍ଚ, ଡେସ୍କ ଓ ଶିକ୍ଷଣ ସାମଗ୍ରୀ ପାଣିରେ ବୁଡ଼ି ରହିଥିବା ବେଳେ ଛାତ୍ରଛାତ୍ରୀମାନେ ଶ୍ରେଣୀଗୃହ ଭିତରକୁ ପ୍ରବେଶ କରିପାରୁନାହାନ୍ତି। ବିଦ୍ୟାଳୟର ରୋଷେଇ ଘରେ ବନ୍ୟା ଜଳ ପ୍ରବେଶ କରିଥିବାରୁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପରିସ୍ଥିତି ଏପରି ହୋଇଛି ଯେ, କୁନି କୁନି ପିଲାମାନେ ନିରାପଦ ଆଶ୍ରୟ ଅଭାବରୁ ବାଧ ହୋଇ ବିଦ୍ୟାଳୟ ବାରଣ୍ଡା ଓ ଗଛମୂଳରେ ବସି ଖାଉଥିବା ଦେଖିବାକୁ ମିଳିଛି। ଏହାଠାରୁ ଅଧିକ ଚିନ୍ତାର ବିଷୟ ହେଉଛି, ବନ୍ୟା ଜଳ ସହ ସାପ ଓ ଅନ୍ୟାନ୍ୟ ବିଷଧର ଜୀବଜନ୍ତୁ ବିଦ୍ୟାଳୟ ପରିସରରେ ବୁଲୁଥିବାରୁ ଅଭିଭାବକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ଥିବାରୁ ସ୍ଥାନୀୟ ବାସିନ୍ଦା ଓ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତୁରନ୍ତ ବିଦ୍ୟାଳୟ ପରିସରରୁ ବନ୍ୟା ଜଳ ନିଷ୍କାସନ ସୁନିଶ୍ଚିତ କରିବା ସହ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରାଯାଇଛି। ପିଲାଙ୍କ ଶିକ୍ଷାଦାନ ଯେପରି ବାଧାପ୍ରାପ୍ତ ନହୁଏ, ସେଥିପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ମଧ୍ୟ ସାଧାରଣରେ ଦାବି ହେଉଛି।

## ଗୁଣିଗାରେଡ଼ି ସନ୍ଦେହକୁ ନେଇ ପଡ଼ୋଶୀଙ୍କ ଉପରେ ଆକ୍ରମଣ

ପାରଳାଖେମୁଣ୍ଡି,୧୮।୭ (ନିପ୍ର); ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ କୁଜାସିଂ ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହକୁ କେନ୍ଦ୍ର କରି ଏକ ପରିବାର ଓ ସେମାନଙ୍କ ପଡ଼ୋଶୀଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୁକ୍ତଙ୍କ ଧମକ ଯୋଗୁଁ ନିଜ ଗାଁକୁ ଫେରି ପାରୁ ନ ଥିବାରୁ ପୀଡ଼ିତ ଦୁଇ ପରିବାର ଶୁକ୍ରବାର ଗଜପତି ଏସ୍‌ପିଙ୍କ ନିକଟରେ ସୁରକ୍ଷା ଓ ନ୍ୟାୟ ଦାବି କରିଛନ୍ତି । ଅଭିଯୋଗ ଅନୁସାରେ, ଗତ ୧୪ ତାରିଖରେ କୁଜାସିଂ ଗ୍ରାମର ନୀଳମାଧବ ନାମକ ଜଣେ ଯୁବକ ଗୁଣିଗାରେଡ଼ି ସନ୍ଦେହରେ ନୀଳରାୟ ନାମକ ଜଣେ ବୟସ୍କ ବ୍ୟକ୍ତିଙ୍କୁ ମାରଣାନ୍ତକ ଭାବେ ଆକ୍ରମଣ କରିଥିଲେ । ନୀଳରାୟ ଅଚେତ ହେବା ପର୍ଯ୍ୟନ୍ତ ମାଡ଼ ମାରିଥିବା ବେଳେ ତାଙ୍କୁ ବଞ୍ଚାଇବାକୁ ଆସିଥିବା ପତ୍ନୀ ଓ ବୋହୂଙ୍କୁ ମଧ୍ୟ ଅଭିଯୁକ୍ତ ନିସ୍ତୁକ ପ୍ରହାର କରିଥିବା ଅଭିଯୋଗ ହୋଇଛି । ସେହିପରି ଘଟଣାକୁ ରୋକିବାକୁ ଆଗକୁ ଆସିଥିବା ପଡ଼ୋଶୀ ଶାନ୍ତିଲତା ବିଶ୍ୱାଳ ଓ ତାଙ୍କ ସ୍ୱାମୀଙ୍କୁ ମଧ୍ୟ ନୀଳମାଧବ ଆକ୍ରମଣ କରିଥିବା ପୀଡ଼ିତମାନେ କହିଛନ୍ତି । ଏହାପରେ ଉଭୟ ପରିବାର ସେରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ହେଲେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କରି କେବଳ ପଚରାଉଚରା କରି ଛାଡ଼ି ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି । ମାଡ ଖାଇଥିବା ଦୁଇପରିବାରଙ୍କ କହିବା ଅନୁସାରେ, ଘଟଣା ପରଠାରୁ ଅଭିଯୁକ୍ତ ସେମାନଙ୍କୁ ପ୍ରାଣରେ ମାରିଦେବାକୁ ଧମକ ଦେଉଥିବାରୁ ଦୁଇ ପରିବାର ନିଜ ଗ୍ରାମକୁ ଫେରି ପାରୁନାହାନ୍ତି । ବର୍ତ୍ତମାନ ସେମାନେ ପାରଳାଖେମୁଣ୍ଡିରେ ଆଶ୍ରୟ ନେଇ ରହୁଥିବା ବେଳେ ଶୁକ୍ରବାର ଗଜପତି ଏସ୍‌ପିଙ୍କୁ ଭେଟି ସୁରକ୍ଷା ବ୍ୟବସ୍ଥା ସହ ଘଟଣାର ନିରପେକ୍ଷ ତଦନ୍ତ ଓ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏ ନେଇ ଗଜପତି ଏସପି ପ୍ରହଲ୍ଲାଦ ସହାଇ ମିନାଙ୍କ କହିବା ହେଲା ପୀଡିତଙ୍କ ଠାରୁ ସମସ୍ତ ଅଭିଯୋଗ ଶୁଣିବା ପରେ ସେରଙ୍ଗ ଥାନା ଅଧିକାରୀଙ୍କ ସହ ମାମଲାର ସମସ୍ତ ତଥ୍ୟ ପଚାରି ବୁଝିଛନ୍ତି ଏବଂ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ହାତୀ ଆକ୍ରମଣରେ ଜଣକ ମୃତ୍ୟୁ ସନ୍ଦେହ, ପୋଲିସ ଓ ବନ ବିଭାଗର ଅନୁସନ୍ଧାନ ଆରମ୍ଭ

ରାୟଗଡ଼ା୧୮/୭(ନି:ପ୍ର) ହାତୀ ଆକ୍ରମଣରେ ଜଣକ ମୃତ୍ୟୁ ସନ୍ଦେହ କରାଯାଉଛଇ। ପୋଲିସ ଓ ବନ ବିଭାଗ ଏନେଇ ଅନୁସନ୍ଧାନ ଆରମ୍ଭ କରିଛି। ରାୟଗଡା ବନଖଣ୍ଡ ଅଧୀନ କଲ୍ୟାଣସିଂପୁର ବନାଞ୍ଚଳରେ ଦିନକୁ ଦିନ ହାତୀପଲଙ୍କ ଉପଦ୍ରବ ବା ଦୌରାତ୍ମ୍ୟ ଅସହ୍ୟ ହେବାରେ ଲାଗିଛି। ଲୋକେ ଅତିଷ୍ଠ। ଦୀର୍ଘ ବର୍ଷେ ହେବ ପ୍ରାୟ ୩୦ ଟିକିଆ ହାତୀପଲ ନିୟମଗିରି ବାହାରେ ବୁଲି ବୁଲି କ୍ୟାମ୍ପ ଭାଙ୍ଗିରୁଜି ଦଳିଚକଟି ନଷ୍ଟ କରିବା ସହ ଲୋକଙ୍କ ପ୍ରାଣ ନେଇଥିବା ମଧ୍ୟ ନଜିର ରହିଛି। ଗତ କିଛିଦିନ ହେଲା ନାରୀଙ୍ଗତୋଳା ଅଞ୍ଚଳରେ ହାତୀପଲ ବୁଲୁ ଥିବାରୁ ଲୋକେ ଭୟରେ ତାଟି କବାଟ ପକେଇ ଦେଉଥିବା ଦେଖିବାକୁ ମିଳିଛି। ଗତ କିଛିଦିନ ପୂର୍ବେ ପତଲମ୍ବା ଅଞ୍ଚଳରେ ଗୋଟିଏ ଦନ୍ତା ହାତୀ ବୁଲୁଥିବା ଦେଖିବାକୁ ମିଳିଥିଲା, ଆଉ ଏହି ଦନ୍ତା ହାତୀଟି ଗ୍ରାମର ନିକଟସ୍ଥ ନାଳ ନିକଟରେ ଲୋକଙ୍କୁ ପଚା ଗନ୍ଧ ଆସିବାରୁ କିଛି ଲୋକ ଦେଖିବାକୁ ଯାଇଥିଲେ। ସେଠାରେ ଗୋଟିଏ ଲୋକର ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଏହି ମୃତକଙ୍କୁ ଲୋକେ ଦେଖିବା ପରେ ବନ ବିଭାଗ ଓ ପୋଲିସକୁ ଖବର ଦେଇଥିଲେ। ଖବର ପାଇବା ପରେ ପୋଲିସ ଅଧିକାରୀ ଅଜିତ ପରିଡା ଓ ବନପାଳ ବରଖା ପାତ୍ର ଭଗବାନ ସାରାକଙ୍କ ସହ ହାତୀ ଗାର୍ଡ ଓ ପାରା ଗାର୍ଡ ମିଶି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଜଣକ ମୃତ୍ୟୁ ହୋଇଥିବାରୁ ଅଞ୍ଚଳର ଆଖପାଖ ଗ୍ରାମର ଲୋକଙ୍କୁ ବୁଝାବୁଝି କରିଥିଲେ ମଧ୍ୟ ଏହି ଦଶ ଦିନ ମଧ୍ୟରେ କାହାର ମୃତ୍ୟୁ ହୋଇନାହିଁ କି କେହି ନିଖୋଜ ହୋଇନଥିବା ଖବରରୁ ଜଣାପଡିଛି।

## ଅମୃତ ଭାରତ ଯୋଜନାରେ ଲୋକାର୍ପିତ ପାରଳାଖେମୁଣ୍ଡି ରେଳ ଷ୍ଟେସନ
## ମହାରାଜା ଗୌରଚନ୍ଦ୍ରଙ୍କୁ ସମ୍ମାନ ନେଇ ଉଠିଲା ପ୍ରଶ୍ନ, ରେଳ ମନ୍ତ୍ରାଳୟକୁ ଚିଠି ଲେଖିବ ପ୍ରଶାସନ

ପାରଳାଖେମୁଣ୍ଡି,୧୮।୭ (ନିପ୍ର); ବହୁ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଅମୃତ ଭାରତ ଷ୍ଟେସନ ଯୋଜନାରେ ନବରୂପ ପାଇଥିବା ଐତିହାସିକ ପାରଳାଖେମୁଣ୍ଡି ରେଳ ଷ୍ଟେସନ ଶୁକ୍ରବାର ଲୋକାର୍ପିତ ହୋଇଛି। ପ୍ରାୟ ୧୭ କୋଟି ଟଙ୍କା ବ୍ୟୟରେ ପୁନଃବିକଶିତ ଏହି ଷ୍ଟେସନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଞ୍ଜାବର ଜଳନ୍ଧର କ୍ୟାଣ୍ଟନମେଣ୍ଟରୁ ଭର୍ଚୁଆଲ୍ ମାଧ୍ୟମରେ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଦେଶର ୨୦ଟି ରାଜ୍ୟର ୭୫ଟି ପୁନଃବିକଶିତ ରେଳ ଷ୍ଟେସନ ସହ ଓଡ଼ିଶାର ସାତଟି ଷ୍ଟେସନ ମଧ୍ୟ ଲୋକାର୍ପିତ ହୋଇଛି। ପାରଳାଖେମୁଣ୍ଡି ଷ୍ଟେସନ ପରିସରରେ ଆୟୋଜିତ ସ୍ଥାନୀୟ କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ରାୟଗଡ଼ ରେଳ ଡିଭିଜନର ଡିଆରଏମ ଅମିତ ସିଙ୍ଘଲ, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏବଂ ଏସ୍‌ପି ପ୍ରହ୍ଲାଦ ସହାୟ ମୀନା ଉପସ୍ଥିତ ଥିଲେ। ତେବେ ଉଦ୍ଘାଟନ ଉତ୍ସବ ମଧ୍ୟରେ ଏକ ବିବାଦ ମଧ୍ୟ ମୁଣ୍ଡ ଟେକିଥିଲା। ପାରଳାଖେମୁଣ୍ଡି ରେଳପଥ ଓ ଷ୍ଟେସନ ନିର୍ମାଣରେ ଗଜପତି ମହାରାଜା ଗୌରଚନ୍ଦ୍ର ଗଜପତି ନାରାୟଣ ଦେଓଙ୍କ ଐତିହାସିକ ଅବଦାନ ଥିବା ସତ୍ତ୍ୱେ ଷ୍ଟେସନ ପରିସରରେ ତାଙ୍କର ପ୍ରତିମୂର୍ତ୍ତି କିମ୍ବା ଫଟୋଚିତ୍ର ସ୍ଥାନ ପାଇନଥିବାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଥିଲେ। ସଞ୍ଜୟ ଜେନା, ଭଗବତ ପାଢ଼ୀଙ୍କ ସମେତ ଅନେକ ବୁଦ୍ଧିଜୀବୀ ଏହାର ପ୍ରତିବାଦ କରି ମହାରାଜାଙ୍କୁ ଯଥୋଚିତ ସମ୍ମାନ ପ୍ରଦାନ କରିବାକୁ ଦାବି ଉଠାଇଥିଲେ। ଏହି ପ୍ରସଙ୍ଗରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ କହିଥିଲେ ଯେ, ଗଜପତି ମହାରାଜାଙ୍କ ଐତିହାସିକ ଅବଦାନକୁ ସ୍ମରଣୀୟ କରି ରଖିବା ପାଇଁ ପ୍ରଶାସନ ପକ୍ଷରୁ ରେଳ ମନ୍ତ୍ରାଳୟକୁ ଚିଠି ଲେଖାଯିବ। ବିଧାୟକ ରୂପେଶ ପାଣିଗ୍ରାହୀ ମଧ୍ୟ ଦାବିକୁ ସମର୍ଥନ କରି କହିଥିଲେ ଯେ, ସେ ପୂର୍ବରୁ ରେଳ ମନ୍ତ୍ରାଳୟକୁ ଏ ସମ୍ପର୍କରେ ଚିଠି ଲେଖିଛନ୍ତି ଏବଂ ଆବଶ୍ୟକ ପଡ଼ିଲେ ପୁଣିଥରେ ଲେଖିବେ। ସେ ଆହୁରି କହିଥିଲେ, ନୂତନ ଷ୍ଟେସନରେ ଯାତ୍ରୀମାନଙ୍କ ପାଇଁ ବିଭିନ୍ନ ଆଧୁନିକ ସୁବିଧା ଉପଲବ୍ଧ ହୋଇଥିବାବେଳେ ପାରଳାଖେମୁଣ୍ଡିରୁ ଭୁବନେଶ୍ୱର, କୋଲକାତା, ଚେନ୍ନାଇ ଓ ହାଇଦ୍ରାବାଦକୁ ଅଧିକ ଟ୍ରେନ୍ ଚଳାଚଳ, ଷ୍ଟେସନ ନିକଟରେ ଓଭରବ୍ରିଜ୍ ଓ ପ୍ରସ୍ତାବିତ ଲେଭେଲ କ୍ରସିଂ ନିର୍ମାଣ ପାଇଁ ରେଳ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି। ଅନ୍ୟପକ୍ଷରେ ଡିଆରଏମ ଅମିତ ସିଙ୍ଘଲ କହିଥିଲେ, ରେଳବାଇର ପ୍ରଚଳିତ ପ୍ରୋଟୋକଲ ଅନୁଯାୟୀ କୌଣସି ବ୍ୟକ୍ତିଙ୍କ ପ୍ରତିମୂର୍ତ୍ତି ଷ୍ଟେସନ ପରିସରରେ ସ୍ଥାପନ କରାଯାଇପାରିବ ନାହିଁ। ତେବେ ଷ୍ଟେସନର ନାମକରଣ କିମ୍ବା ଅନ୍ୟ କୌଣସି ଦାବି ଥିଲେ ତାହାକୁ ଲିଖିତ ଭାବେ ଜଣାଇଲେ ରେଳ ବିଭାଗ ପକ୍ଷରୁ ବିଚାର କରାଯିବ ବୋଲି ସେ ସ୍ପଷ୍ଟ କରିଥିଲେ। ଉଦ୍ଘାଟନ ଅବସରରେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପେନସେନ ଭୋଗୀଙ୍କ ସ୍ୱତନ୍ତ୍ର ବୈଠକ

ରାୟଗଡା,୧୮।୭ (ନିପ୍ର):ରାୟଗଡା ଜିଲ୍ଲା ଅନ୍ତର୍ଗତ ଗୁଣପୁର ବ୍ଲକ ସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ପେନସେନ ଭୋଗୀଙ୍କ ସ୍ୱତନ୍ତ୍ର ବୈଠକ। ଗୁଣପୁର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ପେନସେନ ଭୋଗୀଙ୍କୁ ବିଭିନ୍ନ ବିଷୟରେ ସଚେତନ କରିବା ଏବଂ ସେମାନଙ୍କର ସମସ୍ୟା ବୁଝିବା ନିମନ୍ତେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ପରିଚାଳକ ସୁରେନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସେବା ସମ୍ବନ୍ଧୀୟ ସୂଚନା ବିଶେଷ କରି ପେନସନଭୋଗୀ ବରିଷ୍ଠ ନାଗରିକମାନଙ୍କୁ ଡିଜିଟାଲ୍ ସେବା, ଜୀବନ ପ୍ରମାଣ ପତ୍ର ଦାଖଲ ପ୍ରକ୍ରିୟା ଏବଂ ନୂତନ ସୁବିଧା ବିଷୟରେ ଅବଗତ କରି ସମସ୍ୟାର ସମାଧାନ କରାଯାଇଥିଲା। ଏହି ବୈଠକରେ ପେନସନଧାରୀମାନେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ନିରାପଦ ବ୍ୟାଙ୍କିଙ୍ଗ ନିମନ୍ତେ ବରିଷ୍ଠ ନାଗରିକଙ୍କ ଆକାଉଣ୍ଟକୁ ସାଇବର ଠକେଇରୁ ରକ୍ଷା କରିବା ପାଇଁ ସୁରକ୍ଷିତ ବ୍ୟାଙ୍କିଙ୍ଗ୍ ଅଭ୍ୟାସ ସମ୍ପର୍କରେ ବ୍ୟାଙ୍କର କର୍ମଚାରୀ ଏସ ମୋହନ,ମନୋଜ ପଣ୍ଡା, ସୌମ୍ୟ ପ୍ରମୁଖ ଯୋଗଦେଇ ପେନସେନଭୋଗୀଙ୍କୁ ବିଭିନ୍ନ ବିଷୟରେ ସଚେତନତା ସୃଷ୍ଟି କରି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିଥିଲେ। ଏହି ବୈଠକରେ ବରିଷ୍ଠ ପେନସେନ ଭୋଗୀ ବରିଷ୍ଠ ନାଗରିକ ବାଳକୃଷ୍ଣ ସେନାପତି, ନୀଳମାଧବ ପାଢ଼ୀ, ରାଧାନାଥ ପାଢ଼ୀ, ପ୍ରଫୁଲ୍ଲ ଦାଶପ୍ରମୁଖ ବ୍ୟକ୍ତି ମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ସୋନପୁର ମାଟିର ଗର୍ବ ସ୍ୱରୂପା ପ୍ରିୟଦର୍ଶିନୀ
## ନିଟ୍, ଜେଇଇ, ନାଇଜର ଓ ଓୟୁଏଟିରେ ସଫଳତା

ସୋନପୁର,୧୮।୭ (ନିପ୍ର): କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ଥିଲେ ସଫଳତା ଆପଣା ଛାଏଁ ବ୍ୟକ୍ତିକୁ ଚୁମିଥାଏ। ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ସୋନପୁର ଜିଲ୍ଲା ବୀରମହାରାଜପୁର ବ୍ଲକର ସୁନା ଝିଅ ସ୍ୱରୂପା ପ୍ରିୟଦର୍ଶିନୀ ମିଶ୍ର। ଏକାଧିକ ସର୍ବଭାରତୀୟ ତଥା ରାଜ୍ୟସ୍ତରୀୟ ପ୍ରବେଶିକା ପରୀକ୍ଷାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ସେ ନିଜ ପରିବାର ତଥା ସମଗ୍ର ଜିଲ୍ଲା ପାଇଁ ଗୌରବ ଆଣିଦେଇଛନ୍ତି। ବୀରମହାରାଜପୁର ବ୍ଲକ୍ ଅନ୍ତର୍ଗତ ସୁବଳୟା ଗ୍ରାମପଞ୍ଚାୟତର ନୂଆପଡ଼ା ଗ୍ରାମର ପ୍ରକାଶ ମିଶ୍ର ଓ ବିଶ୍ୱରଞ୍ଜିତା ମହାପାତ୍ରଙ୍କ ସୁକନ୍ୟା ସ୍ୱରୂପା ଚଳିତ ବର୍ଷ ଉଭୟ ଡାକ୍ତରୀ ଏବଂ ଇଞ୍ଜିନିୟରିଂ ପ୍ରବେଶିକା ସମେତ ଅନ୍ୟାନ୍ୟ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି।୨୦୨୬ (ନିଟ୍)ଚଳିତ ବର୍ଷର ମେଡିକାଲ୍ ପ୍ରବେଶିକା ପରୀକ୍ଷାରେ ସେ ସମୁଦାୟ ୭୨୦ରୁ ୫୮୮ ନମ୍ବର ସହ ୯୯.୨୬ ପର୍ସେଣ୍ଟାଇଲ୍ ହାସଲ କରିଛନ୍ତି। ଏଥିରେ ତାଙ୍କର ସର୍ବଭାରତୀୟ ରାଙ୍କ୍ ୧୪,୩୬୨ ଥିବାବେଳେ ସାଧାରଣ ବର୍ଗ ରେ ସେ ୫,୬୫୧ ରାଙ୍କ୍ ପାଇଛନ୍ତି। ୨୦୨୬ (ନେଷ୍ଟ ନାଇଜର) ଏହି ଜାତୀୟସ୍ତରୀୟ ପ୍ରବେଶିକା ପରୀକ୍ଷାରେ ସ୍ୱରୂପା ୧୧୫.୨ ମାର୍କ ସହ ସର୍ବଭାରତୀୟ ସ୍ତରରେ ୩୧୨ ରାଙ୍କ୍ ହାସଲ କରିଛନ୍ତି। ଏହି ସଫଳତା ଭିତ୍ତିରେ ତାଙ୍କୁ ଭୁବନେଶ୍ୱର ସ୍ଥିତ ନାଇଜର ରେ ସିଟ୍ ଆବଣ୍ଟିତ ହୋଇଛି। ୨୦୨୬ (ଜେଇଇ ମେନ୍ସ) ଇଞ୍ଜିନିୟରିଂ ପ୍ରବେଶିକାରେ ମଧ୍ୟ ସେ ପଛରେ ନାହାନ୍ତି। ୯୭.୭୬ ପର୍ସେଣ୍ଟାଇଲ୍ ଏବଂ ୩୫,୪୯୯ ସର୍ବଭାରତୀୟ ରାଙ୍କ୍ ସହ ସେ ଦେଶର ଅନ୍ୟତମ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ରାଉରକେଲା ଏନଆଇଟି ରେ କେମିକାଲ୍ ଇଞ୍ଜିନିୟରିଂ ବ୍ରାଞ୍ଚରେ ସିଟ୍ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୨୦୨୫ (ଓୟୁଏଟି) ପୂର୍ବରୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ସେ ୨୦୦ ରୁ ୧୮୫ ମାର୍କ ରଖି ୯୯.୬୭ ପର୍ସେଣ୍ଟାଇଲ୍ ସହ ଚମତ୍କାର ସଫଳତା ହାସଲ କରିଥିଲେ। ମେଧାବୀ ଛାତ୍ରୀ ସ୍ୱରୂପାଙ୍କ ଏହି ବିପୁଳ ସଫଳତା ପାଇଁ ନୂଆପଡ଼ା ଗାଁ ସମେତ ସମଗ୍ର ବୀରମହାରାଜପୁର ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି।



## ବୁଗୁଡ଼ା ପଞ୍ଚାୟତ ସମିତିର ନବମ ସାଧାରଣ ବୈଠକ
## ସମୟ ସୀମା ମଧ୍ୟରେ କାର୍ଯ୍ୟ ସାରିବା ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ବୁଗୁଡ଼ା,୧୮।୭ (ନିପ୍ର): ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ନବମ ସାଧାରଣ ବୈଠକ ବ୍ଲକ ଅଧକ୍ଷା କେ ପ୍ରିୟଦର୍ଶିନୀ ଆଚାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଧାୟକ ତଥା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଞ୍ଚଳର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଓ ଯୋଜନାର ସମୀକ୍ଷା କରିଥିଲେ। ବୁଗୁଡା ବ୍ଲକ ଅଧୀନ ସମସ୍ତ ପଞ୍ଚାୟତ ର ସର୍ବାଙ୍ଗୀନ ବିକାଶ, ଗ୍ରାମୀଣ ଭିତ୍ତିଭୂମିର ସୁଦୃଢ଼ୀକରଣ ଏବଂ ସରକାରୀ ଯୋଜନା ଗୁଡ଼ିକୁ ସମାଜର ଅନ୍ତିମ ପର୍ଯ୍ୟାୟରେ ରହୁଥିବା ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଆମ ସରକାରଙ୍କ ମୂଳଲକ୍ଷ୍ୟ ବୋଲି ମନ୍ତ୍ରୀ ଶ୍ରୀ ମଳିକ କହିଥିଲେ । ଏହି ଅବସରରେ ସ୍ଥାନୀୟ ଜନପ୍ରତିନିଧି, ବ୍ଲକ ପ୍ରଶାସନ ଓ ବିଭିନ୍ନ ବିଭାଗର ସରକାରୀ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରି କାର୍ଯ୍ୟଗୁଡ଼ିକୁ ଅଧିକ ତ୍ୱରାନ୍ୱିତ କରିବା ସହ ତୁରନ୍ତ ଅଧୁରା କାର୍ଯ୍ୟକୁ ପୁରା କରିବା ପାଇଁ ବିଭଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୁଗୁଡା ବ୍ଲକ ଅଧୀନ ଅଧିକାଂଶ ପଞ୍ଚାୟତ ରେ ପିଇବା ପାଣିର ଅସୁବିଧା ଲାଗିରହିଥିବା ବେଳେ ଦୀର୍ଘବର୍ଷ ବିତିଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଅପାରଗତା ଓ ଦାୟିତ୍ୱହୀନତା ପାଇଁ ସାଧାରଣ ଜନତା ଅସୁବିଧା ର ସମ୍ମୁଖୀନ ହେଉଥିବା ପଞ୍ଚାୟତ ସରପଞ୍ଚ ଓ ସମିତି ମେମ୍ବର ଅସନ୍ତୋଷ ଝାଡ଼ିଥିଲେ। ଏପରିକି ପଞ୍ଚାୟତ ପ୍ରତିନିଧି ଙ୍କୁ କୌଣସି ସରକାରୀ ଯୋଜନା ସମ୍ପର୍କରେ ବ୍ଲକ ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ କରିଥିଲେ।

ଯାହାକୁ ନେଇ ବ୍ଲକ ଅଧ୍ୟକ୍ଷା କେ ପ୍ରିୟଦର୍ଶିନୀ ଆଚାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଆଗାମୀ ଯୋଜନା ସମ୍ପର୍କରେ ଅବଗତ କରାଇବା ପାଇଁ ଅନୁରୋଧ କରିଥିଲେ। ସେହିପରି ଗ୍ରାମ୍ୟ ଜଳଯୋଗଣ ବିଭାଗ ଦ୍ୱାରା ବିଭିନ୍ନ ସ୍ଥାନରେ ସୋଲାର ପାନେଲ ମାଧ୍ୟମରେ ଜଳଯୋଗଣ ପାଇଁ ବ୍ୟବସ୍ଥା ହୋଇଥିଲେ ମଧ୍ୟ ତାହା କାମରେ ଆସୁନଥିବା ଜାଣି ମନ୍ତ୍ରୀ ଶ୍ରୀ ମଲ୍ଲିକ ବିରକ୍ତ ପ୍ରକାଶ କରିବା ସହ ତୁରନ୍ତ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଭଦ୍ରକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

ଭଦ୍ରକ,୧୮।୭ (ନିପ୍ର):ଭଦ୍ରକ ଗେଲପୁର ମେଡିକାଲ ନିକଟରେ୧୬ ନମ୍ବର ଜାତୀୟ ରାଜପଥ ଉପରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ହାଇୱା ଧକ୍କାରେ ୨ ବାଇକ ଆରୋହୀଙ୍କ ସହ ଦୁଇ ଜଣଙ୍କର ମୃତ୍ୟୁ, ଜଣେ ଗୁରୁତର ହୋଇଛନ୍ତି। ପରିବହନ ବିଭାଗର କୋହଳ ମନୋଭାବ ସହ ବେପରୱା ଗାଡ଼ି ଚାଳନା ଯୋଗୁଁ ଏପରି ଘଟୁଥିବା ଅଭିଯୋଗ ହୋଇଛି। ଭଦ୍ରକ ଗେଲପୁର ଗୋପବନ୍ଧୁପୁର ଛକ ଠାରେ ମର୍ମନ୍ତୁଦ ଦୁର୍ଘଟଣାରେ କେନ୍ଦୁଆପଦା ଅଞ୍ଚଳର ଦୁଇ ଜଣଙ୍କ ସହ ମୋଟ ତିନି ଜଣଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି । ଘଟଣା ସ୍ଥଳରେ ପୋଲିସ ପ୍ରଶାସନ ପହଞ୍ଚି ବୁଝାସୁଝା କରିଛନ୍ତି । ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

## ଗୁଣପୁର ପୌର ଅଧକ୍ଷା ମମତା, ଉପାଧକ୍ଷ ଶିବ ଗୌଡ଼ଙ୍କ ସହ ଶତାଧିକ ସମର୍ଥକ ବିଜେପିରେ ଯୋଗଦାନ

ରାୟଗଡା,୧୮।୭ (ନିପ୍ର); ଭୁବନେଶ୍ୱରସ୍ଥିତ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ନିୟମିତ ଭାବେ 'ମିଶ୍ରଣ ପର୍ବ' ଆୟୋଜିତ ହେଉଛି । ବିଭିନ୍ନ ଦଳରୁ ବହୁ ନେତା ଓ କର୍ମୀ ରାଜ୍ୟ ସଭାପତି ଏବଂ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ପଦ୍ମ ପୋଷାକ ପିନ୍ଧି ଦଳରେ ସାମିଲ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ଗତ ପ୍ରାୟ ଏକ ବର୍ଷ ଧରି ବିଜେପି ଦଳରେ ମିଶିବାକୁ ବିଭିନ୍ନ ମହଲରୁ ଚାପ ସୃଷ୍ଟି କରି ଶେଷରେ ସଫଳ ହୋଇଥିବା ଗୁଣପୁର ଅଞ୍ଚଳ ରାଜନୀତିରେ ଚର୍ଚ୍ଚିତ ବ୍ୟକ୍ତି ପୂର୍ବତନ ବିଜେଡି ନେତା ପୌର ଉପାଧକ୍ଷ ଶିବ ପ୍ରସାଦ ଗୌଡ଼(ସାନ) ତାଙ୍କ ଧର୍ମପତ୍ନୀ ପୌର ଅଧକ୍ଷା ମମତା ଗୌଡ଼ଙ୍କ ସହ ଆନୁଷ୍ଠାନିକ ଭାବେ ବିଜେପି ଦଳରେ ଯୋଗ ଦେବାରେ ସକ୍ଷମ ହୋଇଛନ୍ତି। ବିଜେପିରେ ମିଶିବା ପାଇଁ ତାଙ୍କ କାର୍ଯ୍ୟକଳାପ କୁ ନେଇ ବିଭିନ୍ନ ପ୍ରତିବନ୍ଧକ ଯୋଗୁଁ ମିଶ୍ରଣ ବିଳମ୍ବ ଘଟିଥିଲେ ମଧ୍ୟ ଶେଷରେ ଶିବ ଗୌଡ଼ଙ୍କୁ କୌଣସି ଶକ୍ତି ଓ ଚାପ ଅଟକାଇ ପାରିନଥିଲା। ସେ ଆଜି ଗୁଣପୁର ଅଞ୍ଚଳର ଶତାଧିକ ସମର୍ଥକ ଓ ଆଉ କିଛି ଲୋକ ପ୍ରତିନିଧି ମାନଙ୍କ ସହ ଭୁବନେଶ୍ୱରସ୍ଥିତ ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ପଟୁଆରରେ ବାଦ୍ୟ ବାଜଣା, ବାଣ ଫୁଟାଇ ଶୋଭାଯାତ୍ରାରେ ଯାଇ ପହଞ୍ଚି ଦଳରେ ଯୋଗ ଦେଇଥିଲେ। ଦଳୀୟ କାର୍ଯ୍ୟାଳୟରେ ରାଜ୍ୟ ବିଜେପି ସଭାପତି ମନ ମୋହନ




ସାମଲ,ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହ,ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବରିଷ୍ଠ ବିଜେପି ନେତା ପର୍ଶୁରାମ ମାଝିଙ୍କ ଗ୍ରହଣରେ ସେମାନେ ଦଳରେ ଯୋଗଦେଇଥିବା ନେଇ ଘୋଷଣା କରିଥିଲେ। ଏହାପରେ ସଭାପତି ଶ୍ରୀ ସାମଲ ରାଜନେତା ଶ୍ରୀ ଗୌଡ଼ଙ୍କ ସହ ଅନ୍ୟ ସମସ୍ତଙ୍କୁ ଦଳୀୟ ଟୋପି ପିନ୍ଧାଇ ଉପଢୌକନ ପକାଇ ସେମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ। ବିଜେପି ଦଳରେ ଯୋଗଦେଇଥିବା ଅନ୍ୟମାନଙ୍କ ମଧ୍ୟରେ ଗୁଣପୁର ବ୍ଲକ ଅଧକ୍ଷ ଝିଲ୍ଲୀ ଶବର, ଉପାଧକ୍ଷ ସୁଦର୍ଶନ ଶବର,ଗୁଡାରି ବ୍ଲକର ଭାରପ୍ରାପ୍ତ ଅଧକ୍ଷ ବିଶ୍ୱନାଥ ଶବର, କିଛି କାଉନସିଲର, କାଉନସିଲର ସ୍ୱାମୀ,ସମିତି ସଭ୍ୟ ସରପଞ୍ଚ,ସମର୍ଥକ ମାନେ ବିଜେପି ଦଳରେ ଯୋଗଦାନ କରିଥିବା ଜଣାପଡିଛି। ଅପର ପକ୍ଷରେ ବାଘ- ବାରିଆ ଭଳି ଶିବ ଗୌଡ଼ଙ୍କ କଠୋର ବିରୋଧୀ ଥିବା ପ୍ରଧାନୀଗୁଡାର ବିଜେଡି ନେତା ଭାଷା ଶତପଥୀ ଏବଂ ଗୁଣପୁର ନଗର କଂଗ୍ରେସ ସଭାପତି ସୁଶାନ୍ତ କୁମାର ପାଢୀ (ବୁଲୁ) ଶେଷରେ ତାଙ୍କୁ ଅନୁସରଣ କରି ବିଜେପି ଦଳରେ ଯୋଗଦେବାକୁ ବାଧ ହୋଇଥିବା ଆଲୋଚ୍ୟର ବିଷୟ ପାଲଟିଛି।

## ଭାପୁର : ପଲିଥିନ ବ୍ୟବହାର ବେ-ଲଗାମ, କଟକଣାକୁ ଫୁଁ...

ଭାପୁର,୧୮।୭ (ନିପ୍ର); ପରିବେଶ ଉପରେ ଜରି ପଲିଥିନର କୁପ୍ରଭାବ ପଡୁଥିବା ଯୋଗୁଁ ୨୦୧୮ ମସିହା ଅକ୍ଟୋବର ମାସ ୨ ତାରିଖ ଗାନ୍ଧୀ ଜୟନ୍ତୀ ଠାରୁ ବିଜେଡି ସରକାର ଏହାର ବ୍ୟବହାର ଉପରେ କଟକଣା ଲଗେଇଥିଲେ। ସେହିପରି, ୨୦୨୧ ମସିହା ସେପ୍ଟେମ୍ବର ମାସ ରୁ ୭୫ ଭାଗ ମାଇକ୍ରନରୁ କମ ଥିଲେ ବ୍ୟବହାର ଯୋଗ୍ୟ ପଲିଥିନ ବ୍ୟାଗ ଉପରେ କଟକଣା ଲାଗିଥିଲା। ଯଦି,କେହି ଏହି ଆଇନକୁ ଉଲ୍ଲଂଘନ କରେ ତେବେ ପ୍ଲାଷ୍ଟିକ ୱେଷ୍ଟ ମ୍ୟାନେଜମେଣ୍ଟ ରେଗୁଲାସନ ୨୦୨୧ ଅନୁସାରେ ଦଣ୍ଡିତ ହେବେ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ।୨୦୨୪ ମସିହା ଏପ୍ରିଲ ୧ ତାରିଖ ଠାରୁ ଅଭୟାରଣ୍ୟ,ସଂରକ୍ଷିତ ଜଙ୍ଗଲ,ଜାତୀୟ ପାର୍କ ଆଦି ଜନଗହଳି ପୂର୍ଣ୍ଣ ସ୍ଥାନ ମାନଙ୍କରେ ପ୍ଲାଷ୍ଟିକ ଓ ଜରି ର ବ୍ୟବହାର ଉପରେ ଅଙ୍କୁଶ ଲଗେଇଥିଲେ। କିନ୍ତୁ,ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ସଦରମହକୁମା ତଥା ଗ୍ରାମାଞ୍ଚଳ ମାନଙ୍କରେ ଏହି ନିଷେଧାଜ୍ଞାକୁ ଖୋଲାଖୋଲି ଭାବରେ ଉଲ୍ଲଂଘନ କରାଯାଇ ବହୁଳ ଭାବରେ ବ୍ୟବହାର ଚାଲିଛି। ପୁନଃପ୍ରକ୍ରିୟାକରଣ ହୋଇପାରୁନଥିବା ୫୦ ମାଇକ୍ରନରୁ କମ ପଲିଥିନ ସମ୍ପୂର୍ଣ୍ଣ ରୂପେ ନିଷେଧ କରାଯାଇଛି ନଚେତ୍ ,କଠୋର କାର୍ଯ୍ୟାନୁଷ୍ଠାନ ସହିତ ଜରିମାନା ବ୍ୟବସ୍ଥା ମଧ୍ୟ ହୋଇଛି। ସଚେତନତା ଅଭାବରୁ ବେ-ଲଗାମ ଭାବରେ ବଢ଼ି ଚାଲିଥିବା ପଲିଥିନ ବ୍ୟବହାର ପାଇଁ ଭାପୁର ଅଂଚଳର ପରିବେଶବିତ ମାନେ ଚିନ୍ତା ପ୍ରକଟ କରିଛନ୍ତି।ବହୁଳ ପରିମାଣ ଭାବରେ ପଲିଥିନ ବ୍ୟବହାର ଯୋଗୁଁ ବାହାରେ ଆବର୍ଜନା ରୂପେ ଫୋପଡ଼ା ହେଉଥିବାରୁ ବୁଲା ଗାଈ ଗୋରୁ ଖାଇବା ଦ୍ୱାରା ତାଙ୍କର ଜୀବନ ବିପଦରେ ପଡୁଛି। ଚାଷ ଜମିରେ ପଡିବା ଦ୍ୱାରା ମାଟିରେ ପୋତି ହୋଇ ଜମିର ଉର୍ବରତା ନଷ୍ଟ ହେଉଛି। ଆଜି ଠାରୁ ଯଦି ସରକାର ପଲିଥିନ ବ୍ୟବହାର ପ୍ରତି କଟକଣା ନ କରିବେ ତେବେ ଆଗାମୀ ଦିନରେ ବଡ଼ ବିପଦ ସମ୍ଭାବନା କୁ ଏଡାଇ ହେବ ନାହିଁ।୬ ମାସ କି ବର୍ଷକରେ ଥରେ ପ୍ରଶାସନର ଚଢ଼ାଉ କେବଳ ଲୋକ ଦେଖାଣିଆ। ତା ପରେପରେ ଯଥା ପୂର୍ବଂମ ତଥା ପରଂ,ବେପାରୀ ମାନଙ୍କ ଠାରୁ କିଛି ହାତଗୁଞ୍ଜା ପାଇଗଲେ ବିଭାଗୀୟ ଅଧିକାରୀଙ୍କ ପାଟି ଚୁପ୍ ବୋଲି କୁହାଯାଉଛି। ଫଳରେ,ବଜ଼ାର ଘାଟ, ପରିବା, ତେଜରାତି,ମାଛ,ଫଳ, ଜଳଖିଆ, ହୋଟେଲ, ବିବାହ, ବ୍ରତ, ମେଳା, ମହୋତ୍ସବର ଦୋକାନୀ ମାନଙ୍କର ପଲିଥିନ ବ୍ୟବହାର ବର୍ତ୍ତମାନ ମୁଣ୍ଡ ବିନ୍ଧାର କାରଣ ହୋଇଛି। ରାଜ୍ୟ ସରକାର ପଲିଥିନ ଫ୍ୟାକ୍ଟ୍ରି ଗୁଡିକୁ ବନ୍ଦ କରିବା ଲୋଡ଼ା। ମାତ୍ର ସାଧାରଣରେ ସମାଲୋଚନା ପ୍ରକାଶ ପାଇଛି ଯେ ସରକାର ସେମାନଙ୍କ ପାଖରେ ସତେଯେପରି ବିକ୍ରି ହୋଇ ଯାଇଛନ୍ତି । ଗୋଟିଏ ପଟେ ପଲିଥିନ ବ୍ୟବହାର ପାଇଁ କଟକଣା ଜାରି କରୁଛନ୍ତି। ତେଣେ ବଜାରରେ ଖୋଲାଖୋଲି ଭାବେ କଟକଣାର ଉଲ୍ଲଘଂନ ହେଉଛି।



# ସୋନମ ୱାଙ୍ଗଚୁକଙ୍କୁ ଜୋରଜବରଦସ୍ତ ହସ୍ପିଟାଲକୁ ନେଲା ଦିଲ୍ଲୀ ପୁଲିସ



ନୂଆଦିଲ୍ଲୀ, ୧୮।୭: ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି ଧାରଣାରେ ବସିଥିବା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କୁ ଦିଲ୍ଲୀ ପୁଲିସ ଜନ୍ତର ମନ୍ତରରୁ ହଟାଇ ସଫଦରଜଙ୍ଗ ହସ୍ପିଟାଲକୁ ନେଇଯାଇଛି। ପୁଲିସ ଅନେକ ଛାତ୍ରଙ୍କୁ ମଧ ହଟାଇ ଦେଇଛି। ମିଛରେ ଡାକ୍ତରୀ ଟିମ୍ କହି ପୋଲିସ ଧସେଇ ପଶି ସୋନମଙ୍କୁ ନେବା ସହ ଛାତ୍ରମାନଙ୍କ ଉପରେ ଲାଠିଚାର୍ଜ କରିଥିବା କକ୍ରୋଚ୍ ଜନତା ପାର୍ଟି(ସିଜେପି)ଅଭିଯୋଗ କରିଛି । ସୋନମ ୱାଙ୍ଗଚୁକ ଗତ ୨୦ ଦିନ ଧରି ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ରହିଛନ୍ତି। ସୂତ୍ର ଅନୁସାରେ, ୱାଙ୍ଗଚୁକଙ୍କୁ ଜରୁରୀକାଳୀନ ୱାର୍ଡରେ ଭର୍ତ୍ତି କରାଯାଇଛି। ସେ ଚେତାଶୂନ୍ୟ ଅଛନ୍ତି ଏବଂ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଦିଲ୍ଲୀ ପୁଲିସ ଅନୁଯାୟୀ, ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାରୁ, ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ଏବଂ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ କହିଛି ଯେ କାର୍ଯ୍ୟାନୁଷ୍ଠାନ ସମୟରେ କିଛି ପ୍ରଦର୍ଶନକାରୀ ବିରୋଧ କରିଥିଲେ, ଯାହା ଫଳରେ ସାମାନ୍ୟ ଝଗଡ଼ା ହୋଇଥିଲା, କିନ୍ତୁ ପୁଲିସ ସଂଯମତା ଅବଲମ୍ବନ କରି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସୁରକ୍ଷିତ ଭାବରେ ସମାପ୍ତ କରିଥିଲା। ପ୍ରତିବାଦ ସହିତ ଜଡିତ ସଂଗଠନଗୁଡ଼ିକ ପୁଲିସ କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନ ଉଠାଇଛନ୍ତି। ଛାତ୍ରମାନଙ୍କ ଉପରେ ଲାଠିଚାର୍ଜ କରାଯାଇଥିବା ମଧ୍ୟ ଅଭିଯୋଗ କରିଛନ୍ତି।

## ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଓକିଲ

ନୂଆଦିଲ୍ଲୀ, ୧୮।୭: ଦିଲ୍ଲୀର ଜନ୍ତର ମନ୍ତରରେ ଚାଲିଥିବା ଆନ୍ଦୋଳନ ଉପରେ ପୋଲିସର କାର୍ଯ୍ୟାନୁଷ୍ଠାନ ପରେ ଏବେ ଏହି ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଛି। ଶିକ୍ଷାବିତ୍ ତଥା ସମାଜସେବୀ ସୋନମ ୱାଙ୍ଗଚୁକ୍ ଏବଂ ଅନ୍ୟ ପ୍ରଦର୍ଶନକାରୀଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ ଭାରତର ମୁଖ୍ୟ ବିଚାରପତିଙ୍କ ନିକଟରେ ଏକ ଜରୁରୀ ଆବେଦନ ଦାଖଲ କରାଯାଇଛି। ବରିଷ୍ଠ ଓକିଲ ନରେନ୍ଦ୍ର ମିଶ୍ର ସମ୍ବିଧାନର ଧାରା ୧୪, ୧୯, ୨୧ ଓ ୩୨ କୁ ଉଦ୍ଧୃତ କରି ଏହି ଆବେଦନ କରିଛନ୍ତି। ପୋଲିସ ୱାଙ୍ଗଚୁକଙ୍କୁ ବେଆଇନ ଭାବେ ଅଟକ ରଖିଥିବା ଦର୍ଶାଇବା ସହ ସେଠାରେ ଉପସ୍ଥିତ ସମସ୍ତ ବିକ୍ଷୋଭକାରୀଙ୍କ ସ୍ୱାସ୍ଥ୍ୟ ଓ ଜୀବନ ପ୍ରତି ବିପଦ ଥିବା ନେଇ ଆବେଦନରେ ଚିନ୍ତା ପ୍ରକାଶ କରାଯାଇଛି ଏବଂ ଏହାର ତୁରନ୍ତ ଶୁଣାଣି ପାଇଁ ଅନୁରୋଧ କରାଯାଇଛି।ଗତ ୨୦ ଦିନ ଧରି ଅନଶନରେ ବସିଥିବା ସୋନମ ୱାଙ୍ଗଚୁକଙ୍କୁ ଆଜି ସକାଳେ ଦିଲ୍ଲୀ ପୋଲିସ ଜୋରଜବରଦସ୍ତ ସେଠାରୁ ହଟାଇ ସଫଦରଜଙ୍ଗ ହସ୍ପିଟାଲର ଜରୁରୀକାଳୀନ ୱାର୍ଡରେ ଭର୍ତ୍ତି କରିଥିଲା।

## ସିଜେପି ମୁଖ୍ୟ ଦୀପକେଙ୍କ ଉପରକୁ କାଳିମାଡ଼, ମହିଳା ଅଟକ




ନୂଆଦିଲ୍ଲୀ, ୧୮।୭: ଜାତୀୟ ରାଜଧାନୀ ଦିଲ୍ଲୀର ଜନ୍ତର ମନ୍ତରଠାରେ ଆଜି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି ପ୍ରତିବାଦ କରୁଥିବା 'କୋକରୋଚ୍ ଜନତା ପାର୍ଟି' (ସିଜେପି) ର ପ୍ରତିଷ୍ଠାତା ଅଭିଜିତ୍ ଦୀପକେଙ୍କ ଉପରକୁ ଜଣେ ମହିଳା ହଠାତ୍ ଆସି କାଳି ଫିଙ୍ଗିଛନ୍ତି। ଏହି ଘଟଣା ପରେ ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଦିଲ୍ଲୀ ପୋଲିସ ତୁରନ୍ତ ତତ୍ପରତା ଦେଖାଇ ଉକ୍ତ ମହିଳାଙ୍କୁ ନିଜ ହେପାଜତକୁ ନେଇଛି। ପୁଲିସ ମହିଳାଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି।

## ୨୦ ଲକ୍ଷର ଇନସୁରାନ୍ସ ପାଇଁ ସ୍ୱାମୀର ହତ୍ୟା ନିଦ ବଟିକା ଶୁଆଇ,ସାପ ଛାଡ଼ି ମାରିଲା



ନୂଆଦିଲ୍ଲୀ, ୧୮/୭: ସାପ କାମୁଡାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହେବା ପରେ ସମସ୍ତ ଏହାକୁ ଦୁର୍ଘଟଣା ବୋଲି ଭାବୁଥିଲେ । ସ୍ତ୍ରୀ କାନ୍ଦୁଥିଲେ । ପରିବାର ସ୍ତବ୍ଧ ଥିଲେ। ଶୋଇଥିବା ବେଳେ ବିଛଣାରେ ଏକ ବିଷାକ୍ତ ସାପ ବି ମିଳିଥିଲା। ହେଲେ କିଛି ଘଣ୍ଟା ପରେ ପୁଲିସ୍ ତଦନ୍ତରେ ସବୁକିଛି ଓଲଟପାଲଟ ହୋଇଗାଲ। ଏ ମୃତ୍ୟୁ ଦୁର୍ଘଟଣା ନଥିଲା ବଂର ଦୁର୍ଘଟଣାର ରୂପ ଦିଆଯାଇଥିଲା । ଏକ ଯୋଜନାବଦ୍ଧ ହତ୍ୟା କରାଯାଇଥିବା ପୁଲିସ୍ ତଦନ୍ତରୁ ଜାଣିବାକୁ ପାଇଛି । ସ୍ୱାମୀକୁ ରାସ୍ତାରୁ ହଟାଇବାକୁ ପ୍ରେମିକ ସହ ମିଶି ଏହି ଭୟଙ୍କର ଷଡ଼ଯନ୍ତ୍ର କରିଥିଲା ସ୍ତ୍ରୀ । ପ୍ରଥମେ କ୍ଷୀରରେ ନିଦ ବଟିକା ମିଶାଇ ସ୍ୱାମୀଙ୍କୁ ପିଇବାକୁ ଦେଇଥିଲା ସ୍ତ୍ରୀ। ଏହା ପରେ ହତ୍ୟାକୁ ଦୁର୍ଘଟଣାର ରୂପ ଦେବାକୁ ସେ ଘୋଡିହୋଇଥିବା କମ୍ବଳ ତଳେ ବିଷାକ୍ତ ସାପ ଛାଡି ଦେଇଥିଲା । ଉତ୍ତରପ୍ରଦେଶ ମେରଟରୁ ଆସିଛି ଏହି ଛାତିଥରା ଘଟଣା। ଅତୁଲ ପନୱାରଙ୍କ ମୃତ୍ୟୁକୁ ପ୍ରଥମେ ସର୍ପାଘାତ ଦୁର୍ଘଟଣା ବୋଲି କୁହାଯାଉଥିଲା । କିନ୍ତୁ ପୁଲିସ ତଦନ୍ତରେ ଏହା ଏକ ହତ୍ୟା ବୋଲି ଜଣାପଡିଛି । ପୁଲିସର ସୂଚନା ଅନୁଯାୟୀ, ତାଙ୍କ ପତ୍ନୀ ଦାମିନୀ, ତାଙ୍କ ପ୍ରେମିକ ତୁଷାର, ଦୁଇ ସହଯୋଗୀଙ୍କ ସହିତ ମିଶି ପ୍ରଥମେ ତାଙ୍କ ସ୍ୱାମୀଙ୍କୁ କ୍ଷୀରରେ ନିଦ ବଟିକା ଦେଇ ପିଆଇଥିଲେ ଏବଂ ତା'ପରେ ତାଙ୍କ ବେଡସିଟ୍ ତଳେ ଏକ ବିଷାକ୍ତ ସାପ ଛାଡି ଦେଇଥିଲେ । କଲ୍ ବିବରଣୀ ଏବଂ ମୋବାଇଲ୍ ଫୋନ୍ ରୁ ପ୍ରମାଣ ସମଗ୍ର ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରିଛି । ଏ ସବୁ ପଛରେ ଥିଲା ୨୦ ଲକ୍ଷ ଟଙ୍କାର ବୀମା ଟଙ୍କା । ଯାହାକୁ ହଡପ କରିବାକୁ ଚାହୁଁଥିଲେ ଅତୁଲଙ୍କ ପତ୍ନୀ ଦାମିନୀ ।

## ମୋଦି ସରକାରଙ୍କୁ ରାହୁଲଙ୍କ ତୀବ୍ର ସମାଲୋଚନା


ନୂଆଦିଲ୍ଲୀ, ୧୮।୭: ଦିଲ୍ଲୀର ଜନ୍ତର ମନ୍ତରରୁ ସମାଜସେବୀ ସୋନମ ୱାଙ୍ଗଚୁକଙ୍କୁ ପୋଲିସ ହଟାଇବା ସହ ହସ୍ପିଟାଲରେ ଭର୍ତ୍ତି କରିବା ପ୍ରସଙ୍ଗ ଏବେ ରାଜନୈତିକ ରୂପ ନେଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ଏହି ଘଟଣା ଉପରେ ନିଜର ନୀରବତା ଭାଙ୍ଗି ନରେନ୍ଦ୍ର ମୋଦି ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଏକ ପୋଷ୍ଟ ସେୟାର କରି ରାହୁଲ କହିଛନ୍ତି ଯେ, ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ଦବାଇବା ହେଉଛି ମୋଦି ସରକାରଙ୍କ ମୂଳ ନୀତି, ଯାହା ''ଅସତ୍ୟ ଏବଂ ହିଂସା'' ଉପରେ ଆଧାରିତ। ଜଣେ ବ୍ୟକ୍ତି ଅହିଂସା ମାର୍ଗରେ ଅନଶନ କରୁଥିବା ବେଳେ ତାଙ୍କୁ ସେଠାରୁ ଜୋରଜବରଦସ୍ତ ହଟାଇବା ସମ୍ପୂର୍ଣ୍ଣ ଭୁଲ୍। ଏହାସହ ଦେଶର ଛାତ୍ରଛାତ୍ରୀଙ୍କ ସମସ୍ୟା ଯେପରିକି ପେପର ଲିକ୍, ମହଙ୍ଗା ଶିକ୍ଷା ଓ ଛାତ୍ର ଆତ୍ମହତ୍ୟା ଭଳି ପ୍ରସଙ୍ଗ ଉଠାଇବା ପାଇଁ କଂଗ୍ରେସ ସମ୍ପୂର୍ଣ୍ଣ ଭାବେ ୱାଙ୍ଗଚୁକଙ୍କ ଆନ୍ଦୋଳନକୁ ସମର୍ଥନ କରୁଛି ବୋଲି ସେ ସ୍ପଷ୍ଟ କରିଛନ୍ତି।

## ବ୍ରିଟେନରେ ବ୍ୟବସାୟ ଋଣ ଠକେଇ ମାମଲା ଭାରତୀୟ ବଂଶୋଦ୍ଭବ ମହିଳାଙ୍କୁ ଜେଲ ଦଣ୍ଡ




ନୂଆଦିଲ୍ଲୀ, ୧୮।୭ : କୋଭିଡ୍ ମହାମାରୀ ସମୟରେ ବ୍ୟବସାୟକୁ ସମର୍ଥନ କରିବା ପାଇଁ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପାଞ୍ଚଟି ଋଣ ବେଆଇନ ଭାବରେ ପାଇବା ନେଇ ଠକେଇ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ଜଣେ ଭାରତୀୟ ବଂଶୋଦ୍ଭବ ମହିଳାଙ୍କୁ ବ୍ରିଟେନର ଏକ କୋର୍ଟ ଦୁଇ ବର୍ଷରୁ ଅଧିକ ଜେଲଦଣ୍ଡ ଦେଇଛନ୍ତି। ୫୦ ବର୍ଷୀୟା ରୂପାଲି ୱାଘ୍ ୨୦୨୦ ମେ' ରୁ ସେପ୍ଟେମ୍ବର ମଧ୍ୟରେ ତାଙ୍କ ବ୍ୟବସାୟର ଟର୍ଣ୍ଣଓଭରକୁ ଅଧିକ ଦର୍ଶାଇ ତାଙ୍କର ଚାରୋଟି କମ୍ପାନି ପାଇଁ ମୋଟ ୨୧୬,୨୫୦ ପାଉଣ୍ଡ ବାଉନ୍ସ ବ୍ୟାକ୍ ଲୋନ୍ ପାଇଁ ଆବେଦନ କରିଥିଲେ। ରୂପାଲି ସର୍ତ୍ତାବଳୀର ସ୍ପଷ୍ଟ ଉଲ୍ଲଂଘନ କରି ଷ୍ଟକ୍ ଓ ସେୟାର କିଣିବା ଏବଂ ବ୍ୟକ୍ତିଗତ ଆର୍ଥିକ ପରିଶୋଧ କରିବା ପାଇଁ କିଛି ପାଣ୍ଠି ବ୍ୟବହାର କରିଥିଲେ। ରୂପାଲି ନଭେମ୍ବର ମାସରେ ପାଞ୍ଚଟି ଠକେଇ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ ଓ ଶୁକ୍ରବାର ମେର୍ଥିର ଟାଇଡଫିଲ୍ କ୍ରାଉନ୍ କୋର୍ଟ ତାଙ୍କୁ ଦୁଇ ବର୍ଷ ତିନି ମାସ ପାଇଁ ଜେଲଦଣ୍ଡରେ ଦଣ୍ଡିତ କରିଛି।

## କାନାଡା ଜଙ୍ଗଲ ନିଆଁକୁ ନେଇ ଟ୍ରମ୍ପଙ୍କ କ୍ରୋଧ



ୱାଶିଂଟନ, ୧୮।୭: କାନାଡାରେ ଜଙ୍ଗଲ ନିଆଁରୁ ନିର୍ଗତ ଧୂଆଁ ସମ୍ପର୍କରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାନାଡା ସରକାରଙ୍କ ଉପରେ କଠୋର ଆକ୍ରମଣ କରିଛନ୍ତି। ଟ୍ରମ୍ପ ଅଭିଯୋଗ କରିଛନ୍ତି ଯେ କାନାଡା ଏହାର ଜଙ୍ଗଲକୁ ସଠିକ ଭାବରେ ପରିଚାଳନା କରିବାରେ ବିଫଳ ହେଉଛି, ଯାହା ଫଳରେ ବିଷାକ୍ତ ଏବଂ ପ୍ରଦୂଷିତ ବାୟୁ ଆମେରିକାର ବିଭିନ୍ନ ଅଂଶକୁ ପ୍ରବାହିତ ହେଉଛି। ସେ ଚେତାବନୀ ଦେଇଛନ୍ତି ଯେ ଏହି ପ୍ରଦୂଷଣ ଯୋଗୁ ଆମେରିକା ଯେଉଁ ଆର୍ଥିକ କ୍ଷତି ସହୁଛି ତାହା କାନାଡା ଉପରେ ଲାଗୁ ହୋଇଥିବା ଟାରିଫରେ ପରିଣତ ହୋଇପାରେ। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ ସୋସିଆଲ'ରେ ଲେଖି ଟ୍ରମ୍ପ କହିଛନ୍ତି ଯେ ଆମେରିକା 'ମଇଳା, ପ୍ରଦୂଷିତ ଏବଂ ଅସ୍ୱାସ୍ଥ୍ୟକର ବାୟଉ' ଦ୍ୱାରା ପ୍ରଭାବିତ ହେଉଛି। ସେ ଦାବି କରିଛନ୍ତି ଯେ କାନାଡା ଏହାର ଜଙ୍ଗଲ ଏବଂ ସେମାନଙ୍କ ଭିତରେ ଥିବା ଶୁଷ୍କ ବୁଦାକୁ ପର୍ଯ୍ୟାପ୍ତ ଭାବରେ ସଫା କିମ୍ବା ରକ୍ଷଣାବେକ୍ଷଣ କରୁନାହିଁ, ଯାହା ଫଳରେ ବର୍ଷ ବର୍ଷ ଧରି ଏପରି ପରିସ୍ଥିତି ସୃଷ୍ଟି ହେଉଛି। ଟ୍ରମ୍ପ ଦୃଢ଼ତାର ସହିତ କହିଛନ୍ତି ଯେ ଆମେରିକା ଏହି ସମସ୍ୟା ପାଇଁ କାନାଡାକୁ ଦାୟୀ କରୁଛି। ତାଙ୍କ ଅନୁସାରେ, ଏହି ପ୍ରଦୂଷଣ ଦ୍ୱାରା ହୋଇଥିବା କ୍ଷତିର ସଠିକ ପରିମାଣ ନିର୍ଦ୍ଧାରଣ କରିବା କଷ୍ଟକର ହେଲେ ମଧ କାନାଡାକୁ ଏହାର ମୂଲ୍ୟ ଦେବାକୁ ପଡିବ। ସେ ଆହୁରି ମଧ କହିଛନ୍ତି ଯେ ସେ ଖୁବ ଶୀଘ୍ର ଏହି ବିଷୟରେ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ସହ କଥା ହେବେ ଏବଂ ପ୍ରଦୂଷଣ କ୍ଷତି ସହିତ ଜଡିତ ଖର୍ଚ୍ଚକୁ କାନାଡା ଉପରେ ଥିବା ଶୁଳ୍କରେ ଯୋଡିବାକୁ ଦାବି କରିବେ। କାନାଡା ଏବଂ ଉତ୍ତର ମିନେସୋଟାରେ ଜଙ୍ଗଲ ନିଆଁରୁ ଧୂଆଁ ଆମେରିକାର ମଧ୍ୟପଶ୍ଚିମ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ପହଞ୍ଚିଛି। ଫଳରେ, ବିଭିନ୍ନ ରାଜ୍ୟରେ ବାୟୁ ଗୁଣବତ୍ତା ସତର୍କତା ଜାରି କରାଯାଇଛି।

## ରାମନଗର-ଡେରାଡୁନ ଏକ୍ସପ୍ରେସର ଶୁଭାରମ୍ଭ ଭିଡ଼ ନ ବଢ଼ାଇ ଉନ୍ନତ ଯାତ୍ରୀ ସୁବିଧା ଉପରେ ଗୁରୁତ୍ୱ



ନୂଆଦିଲ୍ଲୀ, ୧୮।୭(ପିଆଇବି): କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ରାମନଗର-ଡେରାଡୁନ ଏକ୍ସପ୍ରେସକୁ ଭର୍ଚୁଆଲ ମାଧ୍ୟମରେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି, ଯାହା ରାମନଗରକୁ ଡେରାଡୁନ ସହିତ ସଂଯୋଗ କରୁଥିବା ପ୍ରଥମ ସିଧାସଳଖ ଏକ୍ସପ୍ରେସ । ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ମଧ ଭିଡିଓ କନଫରେନ୍ସିଂ ଜରିଆରେ ଏହି ଅବସରରେ ଉପସ୍ଥିତ ଥିଲେ। ନୂତନ ଟ୍ରେନ୍ ଏହି ଅଞ୍ଚଳର ଲୋକଙ୍କ ଦୀର୍ଘ ଦିନର ଦାବି ପୂରଣ କରିବ ଏବଂ ଉତ୍ତରାଖଣ୍ଡର କୁମାଓଁ ଏବଂ ଗଡ଼ୱାଲ ଅଞ୍ଚଳ ମଧ୍ୟରେ ରେଳ ସଂଯୋଗକୁ ଯଥେଷ୍ଟ ମଜବୁତ କରିବ। ଏହି ଏକ୍ସପ୍ରେସ୍ ଟ୍ରେନ୍ ପ୍ରତି ବୁଧବାର ଏବଂ ଶୁକ୍ରବାର ଚାଲିବ। ଏହି ନୂତନ ସେବା ଉତ୍ତରାଖଣ୍ଡର ନୈନିତାଲ, ଉଧମ ସିଂହ ନଗର, ହରିଦ୍ୱାର ଏବଂ ଡେରାଡୁନ ଜିଲ୍ଲା ତଥା ଉତ୍ତର ପ୍ରଦେଶର ମୋରାଦାବାଦ ଏବଂ ବିଜନୋର ଜିଲ୍ଲାର ବାସିନ୍ଦା, ଛାତ୍ର, କୃଷକ, ବ୍ୟବସାୟୀ ଏବଂ ସମସ୍ତ ବର୍ଗର ଲୋକଙ୍କୁ ଉପକୃତ କରିବ। ଏହି ଟ୍ରେନ୍ ଉକ୍ତ ଅଞ୍ଚଳରେ ପର୍ଯ୍ୟଟନ ଏବଂ ତୀର୍ଥଯାତ୍ରାକୁ ମଧ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି। ଜନସାଧାରଣଙ୍କୁ ସମ୍ବୋଧିତ କରି ଶ୍ରୀ ବୈଷ୍ଣବ କହିଥିଲେ ଯେ ରାମନଗର-ଡେରାଡୁନ ଏକ୍ସପ୍ରେସ ଉତ୍ତରାଖଣ୍ଡର କୁମାଓଁ ଏବଂ ଗଡ଼ୱାଲ ଅଞ୍ଚଳ ମଧ୍ୟରେ ରେଳ ସଂଯୋଗକୁ ସୁଦୃଢ଼ କରିବ। ଦୁଇ ସହର ମଧ୍ୟରେ ଏହା ହେଉଛି ପ୍ରଥମ ସିଧାସଳଖ ଏକ୍ସପ୍ରେସ୍ ଟ୍ରେନ୍ ଏବଂ ଏହା ଉତ୍ତରାଖଣ୍ଡର ଲୋକମାନଙ୍କ ପାଇଁ ଦ୍ରୁତ, ଅଧିକ ସୁବିଧାଜନକ ଏବଂ ବିଶ୍ୱସନୀୟ ରେଳ ସେବା ପ୍ରଦାନ କରିବ ବୋଲି ଆଶା କରାଯାଉଛି। ରେଳ ମନ୍ତ୍ରୀ କହିଛନ୍ତି ଯେ ହରିଦ୍ୱାର ଏବଂ ଡେରାଡୁନ ଷ୍ଟେସନର ପୁନଃବିକାଶ ଯୋଜନା କରାଯାଉଛି ଯେଉଁଥିରେ ଗରିବ ଏବଂ ମଧ୍ୟବିତ୍ତ ଶ୍ରେଣୀର ଯାତ୍ରୀଙ୍କ ପାଇଁ ଉନ୍ନତ ସୁବିଧା ଯୋଗାଇବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ଏବଂ ଏହା ସୁନିଶ୍ଚିତ କରାଯାଉଛି ଯେ ଭିଡ଼ ଯେପରି ବୃଦ୍ଧି ନହୁଏ।

# ରୁଷ୍ ଉପରେ ୟୁକ୍ରେନର ଡ୍ରୋନ୍ ବର୍ଷା: ୭ ମୃତ, ୫୧ ଆହତ



ମସ୍କୋ, ୧୮।୭: ରୁଷ-ୟୁକ୍ରେନ୍ ଯୁଦ୍ଧ ପୁଣି ତୀବ୍ର ହୋଇଛି। ୟୁକ୍ରେନ୍ ଗତକାଲି ରାତିରେ ରୁଷର ବିଭିନ୍ନ ଅଞ୍ଚଳ ଉପରେ ଘନ ଘନ ଡ୍ରୋନ୍ ମାଡ଼ କରି ବ୍ୟାପକ କ୍ଷତି ଘଟାଇ ଥିବାବେଳେ ୭ ଜଣ ଗୋଦାମ କର୍ମଚାରୀଙ୍କର ମୃତ୍ୟୁ ହୋଇଥିବାବେଳେ ୫୧ ଜଣ ଆହତ ହୋଇଛନ୍ତି ବୋଲି ଶନିବାର ରୁଷ୍ କର୍ତ୍ତୃପକ୍ଷ କହିଛନ୍ତି। ୟୁକ୍ରେନ୍ ପକ୍ଷରୁ ରୁଷରେ ଗୋଦାମ ଘର, ତୈଳ ଡିପୋ ଓ ଏକ ଆବାସିକ କୋଠାକୁ ଟାର୍ଗେଟ କରାଯାଇଥିଲା। ରୁଷ୍ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଶତାଧିକ ଡ୍ରୋନ୍ ନଷ୍ଟ କରିବାରେ ସଫଳ ହୋଇଥିଲା। ୟୁକ୍ରେନ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କି କହିଛନ୍ତି ଯେ, ଦୀର୍ଘ ଦୂରଗାମୀ ଆକ୍ରମଣ ମସ୍କୋ ଓ ତାମ୍ବୋଭ ଅଞ୍ଚଳର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଲଜିଷ୍ଟିକ୍ ସୁବିଧା ଉପରେ ପ୍ରଭାବ ପକାଇଛି। ଏହି କେନ୍ଦ୍ରଗୁଡ଼ିକୁ ଆକ୍ରମଣକାରୀ ଡ୍ରୋନ୍ ଓ ନେଭିଗେସନ୍ ଉପକରଣ ଉତ୍ପାଦନ ପାଇଁ ଅନୁମୋଦିତ ଉପାଦାନ ଯୋଗାଣ ପାଇଁ ବ୍ୟବହାର କରୁଥିଲେ ବୋଲି ଟେଲିଗ୍ରାମରେ ଜେଲେନସ୍କି ଲେଖିଛନ୍ତି। ଏହାସହିତ ରୁଷର ତୈଳ ଡିପୋ ଉପରେ ମଧ୍ୟ ଆକ୍ରମଣ ହୋଇଛି ବୋଲି ଜେଲେନସ୍କି କହିଛନ୍ତି। ରୁଷ୍ ଅଧିକାରୀଙ୍କ ଅନୁଯାୟୀ, ରୁଷର ସବୁଠାରୁ ବଡ଼ ଅନଲାଇନ୍ ଖୁଚୁରା ବିକ୍ରେତା 'ୱାଇଲ୍ଡବେରିଜ'ର ଦୁଇଟି ବଡ଼ ଗୋଦାମ ଉପରେ ରାତିରେ ଆକ୍ରମଣ ହୋଇଥିଲା। ଗୋଟିଏ ୟୁକ୍ରେନ ସୀମାଠାରୁ ପ୍ରାୟ ୩୬୦ କିଲୋମିଟର ଦୂରରେ ତାମ୍ବୋଭ ଅଞ୍ଚଳର କୋତୋଭସ୍କରେ ଓ ଅନ୍ୟଟି ମସ୍କୋରୁ ପ୍ରାୟ ୫୦ କିଲୋମିଟର ପୂର୍ବରେ ଇଲେକ୍ଟ୍ରୋଷ୍ଟାଲରେ ଥିଲା। କୋତୋଭସ୍କର ଗୋଦାମରେ ସାତ ଜଣ ରାତ୍ରି ସିଫ୍ଟ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା ଓ ଅନ୍ୟ ୨୫ ଜଣ ଆହତ ହୋଇଥିଲେ। ଇଲେକ୍ଟ୍ରୋଷ୍ଟାଲରେ ୨୪ ଜଣ କର୍ମଚାରୀ ଆହତ ହୋଇଥିଲେ। ଇଲେକ୍ଟ୍ରୋଷ୍ଟାଲର ଉତ୍ତରରେ ଥିବା ନୋଗିନସ୍କରେ ଆଉ ଦୁଇଜଣ ଆହତ ହୋଇଛନ୍ତି, ଯେଉଁଠାରେ ୟୁକ୍ରେନୀୟ ଡ୍ରୋନ୍ ଆକ୍ରମଣ ପରେ ଏକ ତୈଳ ଡିପୋରେ ନିଆଁ ଲାଗିଯାଇଥିଲା। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ନିକଟରେ ଥିବା ଏକ ପ୍ରସୂତି ହସ୍ପିଟାଲ ଓ ଗୋଟିଏ ଆବାସିକ କୋଠାକୁ ଖାଲି କରାଯାଇଥିଲା। ମସ୍କୋଠାରୁ ୧୮୦ କିମି ପୂର୍ବରେ ଥିବା ଭ୍ଲାଦିମିଠାରେ ୟୁକ୍ରେନର ଡ୍ରୋନ୍ ମାଡ଼ ଯୋଗୁ ଆବାସିକ କୋଠାରେ ନିଆଁ ଲାଗି ଯାଇଥିଲା ବୋଲି ଗର୍ଭନର୍ ଆଲେକଜାଣ୍ଡର ଆବଦେଇଭ୍ କହିଛନ୍ତି। ସେ କହିଛନ୍ତି ଯେ, ଏଥିରେ କୌଣସି କ୍ଷତି ହୋଇନାହିଁ। ରୁଷ୍ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ, ବାୟୁ ପ୍ରତିରକ୍ଷା କ୍ରିମିଆ, ଆଜୋଭ ସାଗର ଓ କୃଷ୍ଣ ସାଗର ପ୍ରଭୃତି ୧୯ଟି ଅଞ୍ଚଳରେ ୩୭୯ଟି ୟୁକ୍ରେନୀୟ ଡ୍ରୋନକୁ ନଷ୍ଟ କରିଥିଲା।

## ହର୍ମୁଜରେ ୨ ଟ୍ୟାଙ୍କର୍ ଉପରେ ଆକ୍ରମଣ କଲା ଇରାନ

ନୂଆଦିଲ୍ଲୀ, ୧୮।୭: ଇରାନ-ଆମେରିକା ଯୁଦ୍ଧ ଶନିବାର ଦିନ ଅତି ଭୟଙ୍କର ରୂପ ନେଇଛି। ଆମେରିକୀୟ ସେନା ଲଗାତାର ସପ୍ତମ ରାତିରେ ଆକ୍ରମଣ କରିଥିବାବେଳେ ଇରାନ ଆକ୍ରମଣରେ ହର୍ମୁଜ୍ ପ୍ରଣାଳୀରେ ଦୁଇଟି ତୈଳ ଟ୍ୟାଙ୍କର୍ ବିସ୍ଫୋରଣ ହୋଇଥିବା ରିପୋର୍ଟ କରାଯାଇଛି। ଇରାନର ତସନିମ୍ ନ୍ୟୁଜ୍ ଏଜେନ୍ସି ରିପୋର୍ଟ କରିଛି, ଇରାନୀ ସେନା ହର୍ମୁଜ୍ ପ୍ରଣାଳୀ ଦେଇ ଯିବାକୁ ଚେଷ୍ଟା କରୁଥିବା ଏକ ଥାଇ ପତାକାଯୁକ୍ତ ଜାହାଜ ଉପରେ ଆକ୍ରମଣ କରିଛି। ବୁଶେହରର ଡେପୁଟି ଗଭର୍ଣ୍ଣର କହିଛନ୍ତି ଯେ, ଆମେରିକା ଖାର୍ଗ ଦ୍ୱୀପରେ ଡକିଂ ହୋଇଥିବା ଏକ ଇରାନୀ ତୈଳ ଟ୍ୟାଙ୍କର୍ ଉପରେ ଆକ୍ରମଣ କରିଛି। ଇରାନର ରିଭୋଲ୍ୟୁସନାରୀ ଗାର୍ଡସ କହିଛି, ହର୍ମୁଜ ପ୍ରଣାଳୀ ପାର କରିବାକୁ ଚେଷ୍ଟା କରିବା ସମୟରେ ସମୁଦ୍ର ମାଇନ୍ସ ଯୋଗୁଁ ଦୁଇଟି ତେଲ ଟ୍ୟାଙ୍କରରେ ନିଆଁ ଲାଗିଯାଇଥିଲା। ତେଲ ଟ୍ୟାଙ୍କର୍ ଦୁଇଟି ଲୁଚି ଆମେରିକୀୟ ଗୁଇନ୍ଦା ସଂସ୍ଥା ଦ୍ୱାରା ହର୍ମୁଜ୍ ପ୍ରଣାଳୀର ଦକ୍ଷିଣରେ ଥିବା ସାମୁଦ୍ର ମାଇନ୍ସ ବିଛାଯାଇଥିବା ଅଞ୍ଚଳ ଦେଇ ଯିବାକୁ ଚେଷ୍ଟା କରୁଥିବା ବେଳେ ବିସ୍ଫୋରଣ ଘଟିଥିଲା। ଫଳରେ ଟ୍ୟାଙ୍କରଗୁଡ଼ିକରେ ନିଆଁ ଲାଗିଯାଇଥିଲା। ତେବେ ଜାହାଜଗୁଡ଼ିକ କାହାର ସେନେଇ ଇରାନ କୌଣସି ସୂଚନା ପ୍ରଦାନ କରିନାହିଁ। ଏହା ସହିତ ହର୍ମୁଜକୁ ଅତିକ୍ରମ କରିବାକୁ ଚେଷ୍ଟା କରୁଥିବା ଚାରୋଟି ଜାହାଜକୁ ରୋକା ଯାଇଛି। ଆମେରିକୀୟ ସେନାର ସହାୟତାରେ ଜାହାଜକୁଡ଼ିକ ହର୍ମୁଜ୍ ପ୍ରଣାଳୀ ଦେଇ ଯିବାକୁ ଚେଷ୍ଟା କରୁଥିବାବେଳେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ କରାଯାଇ ଜାହାଜଗୁଡ଼ିକୁ ଅଟକାଯାଇଥିବା ରିଭୋଲ୍ୟୁସନାରୀ ଗାର୍ଡସ କହିଛି।

## ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍. ଡି ଦେବେଗୌଡ଼ାଙ୍କର ପତ୍ନୀଙ୍କ ଦେହାନ୍ତ



ନୂଆଦିଲ୍ଲୀ, ୧୮।୭: ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍ ଡି ଦେବଗୌଡାଙ୍କ ପତ୍ନୀ ଚନ୍ନମ୍ମାଙ୍କର ଦେହାନ୍ତ। ଶନିବାର ୮୫ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଛି। ଶ୍ୱାସକ୍ରିୟା ଜନିତ ସମସ୍ୟା ଯୋଗୁଁ ତାଙ୍କୁ ବେଙ୍ଗାଲୁରୁର ମଣିପାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ୧୫ ଜୁଲାଇରୁ ଆଇସିୟୁରେ ଥିଲେ ଏବଂ ବିଶେଷଜ୍ଞ ଡାକ୍ତରଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା କରାଯାଉଥିଲା। ଡାକ୍ତର ସତ୍ୟନାରାୟଣ ତାଙ୍କର ଯତ୍ନ ନେଉଥିଲେ, କିନ୍ତୁ ଚିକିତ୍ସା ଜାରି ରଖିବା ସତ୍ତ୍ୱେ ତାଙ୍କ ଅବସ୍ଥାରେ କୌଣସି ଉନ୍ନତି ହୋଇ ନଥିଲା ଏବଂ ଶେଷରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଚେନ୍ନାମାଙ୍କ ମୃତ୍ୟୁ ପରେ, ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ସମ୍ପର୍କୀୟମାନେ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ହସ୍ପିଟାଲ ଅଭିମୁଖେ ଯାଉଛନ୍ତି।

## ଅଭିଷେକ ବାନାର୍ଜୀଙ୍କ କାର୍ଯ୍ୟାଳୟ ଉପରେ ଚାଲିଲା ବୁଲଡୋଜର



କୋଲକାତା, ୧୮।୭: ପଶ୍ଚିମବଙ୍ଗରେ ବୁଲଡୋଜର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ମମତା ବାନାର୍ଜୀଙ୍କ ପୁତୁରା ତଥା ସାଂସଦ ଅଭିଷେକ ବାନାର୍ଜୀଙ୍କ କାର୍ଯ୍ୟାଳୟ ଉପରେ ବୁଲଡୋଜର ଚଲାଯାଇଛି। ପ୍ରଶାସନ ଏହାକୁ ବେଆଇନ ଭାବରେ ନିର୍ମିତ ବୋଲି କହିଛି। ତାଙ୍କ କାର୍ଯ୍ୟାଳୟ ଦକ୍ଷିଣ ୨୪ ପରଗଣାର ଅମତାଲା-ବରୁଇପୁର ରୋଡରେ ଅବସ୍ଥିତ। ଏହି ମାମଲାରେ ପ୍ରଶାସନ ଏକ ନୋଟିସ୍ ଜାରି କରିଥିବା ସୂଚନା ମିଳିଛି, କିନ୍ତୁ ଅଭିଷେକ ବାନାର୍ଜୀ କୌଣସି ପ୍ରତିକ୍ରିୟା ଦେଇ ନଥିଲେ। ଏହା ପରେ ଶନିବାର ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଶାସନ କୋଠାଟିକୁ ଭାଙ୍ଗି ଦେଇଥିଲା। ସକାଳେ, ଏକ ଦଳ ବୁଲଡୋଜର ସହିତ ଘଟଣାସ୍ଥଳରେ ପହଞ୍ଚି ପାଞ୍ଚ ମହଲା କୋଠାର ବେଆଇନ ଭାବରେ ନିର୍ମିତ ଅଂଶକୁ ଭାଙ୍ଗି ଦେଇଥିଲା। ପ୍ରଶାସନ ପ୍ରଥମେ ଏକ ନୋଟିସ୍ ଲଗାଇଥିଲା। ସେଥିରେ କୁହାଯାଇଥିଲା ଯେ କୋଠାଟି ଅନୁମତି ବିନା ନିର୍ମାଣ କରାଯାଇଛି। କିନ୍ତୁ, ଡାଇମଣ୍ଡ ହାର୍ବର ସାଂସଦ ଅଭିଷେକ ବାନାର୍ଜୀ କୌଣସି ପ୍ରତିକ୍ରିୟା ନ ଦେବାରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। କାର୍ଯ୍ୟାନୁଷ୍ଠାନ ପୂର୍ବରୁ ଘଟଣାସ୍ଥଳରେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହି କାର୍ଯ୍ୟାନୁଷ୍ଠାନ ପଶ୍ଚିମବଙ୍ଗରେ ରାଜନୈତିକ ଉଷ୍ମତା ବୃଦ୍ଧି କରିଛି। କୁହାଯାଉଛି ଯେ, ବିଧାନସଭା ନିର୍ବାଚନ ପରଠାରୁ କାର୍ଯ୍ୟାଳୟ ବନ୍ଦ ଥିଲା। ଅଭିଷେକ ବାନାର୍ଜୀଙ୍କ କାର୍ଯ୍ୟାଳୟ ଟିଏମସିର ଏକ ପ୍ରମୁଖ କାର୍ଯ୍ୟାଳୟ ଥିଲା। ଯେଉଁଠାରେ ପ୍ରାୟତଃ ପ୍ରମୁଖ ବୈଠକ ହେଉଥିଲା। କିନ୍ତୁ ବିଧାନସଭା ନିର୍ବାଚନ ଫଳାଫଳ ପରେ ଏହା ପରିତ୍ୟକ୍ତ ହୋଇପଡ଼ିଛି।

## ଗୋଟିଏ ପରିବାରର ୫ ସଦସ୍ୟଙ୍କ ମୃତଦେହ ଉଦ୍ଧାର

ରାୟପୁର, ୧୮।୭: ଛତିଶଗଡ଼ର ରାୟପୁର ସ୍ଥିତ ସଞ୍ଜୟ ନଗର ଅଞ୍ଚଳରେ ଶନିବାର ଭୋର ସମୟରେ ଗୋଟିଏ ଭଡ଼ା ଘରୁ ଗୋଟିଏ ପରିବାରର ୫ ଜଣ ସଦସ୍ୟଙ୍କ ମୃତଦେହ ମିଳିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ପରିବାରର ସମସ୍ତ ସଦସ୍ୟ କୌଣସି ବିଷାକ୍ତ ଦ୍ରବ୍ୟ ସେବନ କରି ଆତ୍ମହତ୍ୟା କରିଥିବା ପୁଲିସ ପ୍ରାଥମିକ ଯାଞ୍ଚରୁ ସନ୍ଦେହ କରୁଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଶବ ବ୍ୟବଚ୍ଛେଦ ଓ ଫୋରେନ୍ସିକ୍ ରିପୋର୍ଟ ଆସିବା ପରେ ହିଁ ସ୍ପଷ୍ଟ ହେବ ବୋଲି ପୁଲିସ ଅଧିକାରୀମାନେ ପ୍ରକାଶ କରିଛନ୍ତି। ମୃତକମାନଙ୍କୁ ପରିବାରର ମୁଖ୍ୟ ସୟଦ ସାଜିଦ ସାଜୁ (୫୦), ତାଙ୍କ ପତ୍ନୀ ରାବିଆ ବାନୋ, ସେମାନଙ୍କ ୨୦ ବର୍ଷର ପୁଅ ସୟଦ ଇରଶାଦ ଅଲି ଓ ଦୁଇ ନାବାଳିକା ଝିଅ ଶାହିନା (୧୭) ଓ ଶବା (୧୫) ଭାବେ ଚିହ୍ନଟ କରାଯାଇଛି। ଟିକରାପଡ଼ା ଥାନା ପ୍ରଭାରୀ ରାଜେଶ ମାରାଇ ଜଣାଇଛନ୍ତି ଯେ, ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଫୋରେନ୍ସିକ୍ ସାଇନ୍ସ ଲାବୋରେଟୋରୀ ଦଳକୁ ଡକାଇ ପ୍ରମାଣ ସଂଗ୍ରହ କରାଯିବା ସହ ଉକ୍ତ ସ୍ଥାନକୁ ସିଲ୍ କରାଯାଇଛି।

### ସିଏମ୍‌ଓରୁ ଫାଇଲ୍ ଗାଏବ ଘଟଣା

# କ୍ୟାପିଟାଲ୍ ଥାନାରେ ତତ୍କାଳୀନ ଆଇଟି ସଚିବ ମନୋଜ ମିଶ୍ର ହାଜର

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫାଇଲ ଗାଏବ ମାମଲାର ତଦନ୍ତ ପ୍ରକ୍ରିୟା ଜୋରଦାର ହୋଇଛି । ମାମଲା ସହ ଜଡ଼ିତ ଥିବା ଦୁଇ ପୂର୍ବତନ ସଚିବଙ୍କୁ ନୋଟିସ୍ ପରେ ଶନିବାର ଜଣେ କ୍ୟାପିଟାଲ ଥାନାରେ ହାଜର ହୋଇଛନ୍ତି । ତଦନନ୍ତକାରୀ ଟିମକୁ ଭେଟି ନିଜର ପକ୍ଷ ରଖିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫାଇଲ ହଜିବା ମାମଲାରେ ସମନ ପାଇବା ପରେ ସକାଳୁ ସକାଳୁ ଥାନାରେ ପହଞ୍ଚିଥିଲେ ତତ୍କାଳୀନ ଆଇଟି ସଚିବ ମନୋଜ ମିଶ୍ର । କ୍ୟାପିଟାଲ ଥାନାରେ ହାଜର ହୋଇ ରଖିଥିଲେ ନିଜର ପକ୍ଷ । ପ୍ରାୟ ୨ ଘଣ୍ଟା ଧରି ଥାନା ଅଧିକାରୀ ଓ ତଦନ୍ତକାରୀ ଟିମର ପ୍ରଶ୍ନର ଉତ୍ତର ରଖିଛନ୍ତି ମନୋଜ ଏବଂ ପୁଲିସର




ତଦନ୍ତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ମନୋଜ ମିଶ୍ର ହାଜର ହୋଇଥିଲେ ବି ସମନ ପାଇ ଆସି ନାହାନ୍ତି ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜେଶ ବର୍ମା । ଆସନ୍ତା ୨୨ ତାରିଖ ସୁଦ୍ଧା ହାଜର ହୋଇ ତଥ୍ୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇ ଥିବାରୁ ପରେ ଆସିପାରନ୍ତି ବୋଲି ଅନୁମାନ କରାଯାଉଛି । ଅନ୍ୟପଟେ ଆବଶ୍ୟକ ପଡ଼ିଲେ ମନୋଜ ମିଶ୍ରଙ୍କୁ ପୁଣି ଡାକରା ହୋଇପାରେ ବୋଲି କହିଛନ୍ତି ଥାନା ଅଧିକାରୀ । ସରକାର ବଦଳିବା ପରେ ୨୦୨୪ ଜୁନ୍ ୪ରେ ଗୃହ ବିଭାଗକୁ ସିଏମ୍‌ଓରୁ ସବୁ ଫାଇଲ୍ ଫେରିଥିଲା । କିନ୍ତୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ମାମଲା ଓ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡର ତଦନ୍ତ କମିସନ ରିପୋର୍ଟ ଫେରିନଥିଲା । ଏ ନେଇ ବିଧିବଦ୍ଧ ଭାବେ କ୍ୟାପିଟାଲ୍ ଥାନାରେ ଓ ପରେ ଲୋକସେବା ଭବନରେ ପୋଲିସ୍ ତଦନ୍ତ ଆରମ୍ଭ କରିଛି । ପ୍ରାଥମିକ ପର୍ଯ୍ୟାୟରେ ଦୁଇ ବଡ଼ବାବୁଙ୍କୁ ସମନ ହୋଇଛି । ଆଗକୁ ପଡ଼ିପାରେ ଅନ୍ୟମାନଙ୍କ ପାଳି ।

# ନିଖୋଜ ଯୁବତୀର ଜଙ୍ଗଲରୁ ମିଳିଲା ମୃତଦେହ

କୁଚିଣ୍ଡା: ରଥଯାତ୍ରା ଦେଖିବାକୁ ଆସିଥିବା ଯୁବତୀଙ୍କ ଅପହରଣ । ସମ୍ବଲପୁର କୁଚିଣ୍ଡା ରଥ ଯାତ୍ରା ଦେଖି ଆସିଥିବା ମହୁଲମୁଣ୍ଡା କୁସୁମୀ ଅଂଚଳର ଜଣେ ୨୪ ବର୍ଷୀୟ ଯୁବତୀଙ୍କୁ ଅପହରଣ କରାଯାଇଥିଲା ଏନେଇ ପରିବାର ପକ୍ଷରୁ କୁଚିଣ୍ଡା ଥାନାରେ ଅଭିଯୋଗ କରାଯାଇଛି । ସନ୍ଦେହରେ କୁଣ୍ଡାପୋଷିର ଜଣେ ଯୁବକଙ୍କୁ ଅଟକ ରଖି ପୁଲିସର ପଚରାଉଚରା କରୁଛି । ଇଚ୍ଛାପୁର ଗାଁର ଯୁବତୀ କୁଚିଣ୍ଡା ଟାଉନରେ ରହି ସିଲେଇ ଶିଖିବା ସହିତ ଏକ ବ୍ୟୁଟି ପାର୍ଲରରେ କାମ କରୁଥିଲେ । ଗତ ଗୁରୁବାର ଅପରାହ୍ନରେ ରଥ ଯାତ୍ରା ଦେଖିବାକୁ ଆସି ଥିବା ବେଳେ ତାଙ୍କୁ ଅପହରଣ କରାଯାଇଥବା ନେଇ କୁଚିଣ୍ଡା ଥାନାରେ ଅଭିଯୋଗ ଆଣିଛନ୍ତି ପରିବାର ଲୋକେ । ତେବେ ଜମନକିରା ଥାନା ବଡରମା ଜଙ୍ଗଲରେ ଏକ ଯୁବତୀର ମୃତଦେହ ମିଳିଥିବା ନେଇ ଖବର ପାଇବା ପରେ ଘଟଣା ସ୍ଥଳକୁ ପୋଲିସ ପହଂଚି ଅଧିକ ତଦନ୍ତ ଚଳାଇଛି ।

### ଇନ୍ସପେକ୍ଟର ବିଉଟି ମହାନ୍ତିଙ୍କ ଆତ୍ମହତ୍ୟା ଘଟଣା

# କାହିଁକି ହ୍ୱାଟ୍ସଆପ୍ ଚାଟ୍ ଡିଲିଟ୍ କରିଥିଲେ ମହିଳା ଆଇଆଇସି ?

କଟକ(ନିପ୍ର): ଚାଉଳିଆଗଞ୍ଜ ଥାନାର ପୂର୍ବତନ ଆଇଆଇସି ବିଉଟି ମହାନ୍ତିଙ୍କ ଆତ୍ମହତ୍ୟା କାରଣ ଏବେବି ରହସ୍ୟ ଘେରରେ ଅଛି । ଗୋଟିଏ ପଟେ ସେ ସୁଇସାଇଡାଲ୍ ନୋଟ୍ ଛାଡ଼ି ନାହାନ୍ତି, ଅନ୍ୟପଟେ ମୃତ୍ୟୁ ପୂର୍ବରୁ ସେ ନିଜ ହ୍ୱାଟ୍ସଆପର ଏକାଧିକ ଚାଟ୍ ମଧ୍ୟ ଡିଲିଟ୍ କରିଛନ୍ତି । ହ୍ୱାଟ୍ସଆପ୍ କଲ୍ ରେକର୍ଡକୁ ମଧ୍ୟ ଡିଲିଟ୍ କରାଯାଇଛି । ବିଉଟିଙ୍କ ଫୋନର ଏସ୍‌ଏଫ୍‌ଏସ୍‌ଏଲ୍ ରେକର୍ଡରୁ ଏଭଳି ଗୁରୁତ୍ୱପୂର୍ଣ୍ଣ କଥା ଜଣାପଡ଼ିଛି । ତେବେ ଫରେନସିକ୍ ଲାବରୁ ଆସିଥିବା ରିପୋର୍ଟକୁ ପୋଲିସ ତର୍ଜମା କରୁଛି । ବିଉଟିଙ୍କ ମୃତ୍ୟୁ ପରେ ତାଙ୍କ ରେଷ୍ଟ୍ ରୁମରୁ ୨ଟି ଫୋନ୍ ଜବତ ହୋଇଥିଲା । ପରେ ସେଗୁଡ଼ିକୁ ଅନଲକ୍ କରିବା ଓ ତାର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ବାହାର କରିବା ପାଇଁ ମୋବାଇଲକୁ ଷ୍ଟେଟ୍ ଫରେନସିକ୍ ଲାବକୁ ପଠାଯାଇଥିଲା । ଦୁଇଦିନ ହେବ ଗୋଟିଏ ଫୋନର ତଥ୍ୟ ଆସିଛି । କିଛି ଡକ୍ୟୁମେଣ୍ଟ ମଧ୍ୟ ହସ୍ତଗତ ହୋଇଛି । ଏହି ରିପୋର୍ଟକୁ ପୋଲିସ ତର୍ଜମା କରୁଥିବା କଟକ ଡିସିପି ଖିଲାରୀ ରିଷିକେଶ ସୂଚନା ଦେଇଛନ୍ତି । ଆତ୍ମହତ୍ୟା କରିବା ରାତିରେ ବିଉଟି କିଛି ନମ୍ବରରେ କଥା ହୋଇଥିଲେ । ଏହି ନମ୍ବରଗୁଡ଼ିକରୁ କିଛି ସନ୍ଦିଗ୍ଧ ନମ୍ବରକୁ ତନାଘନା କରାଯାଉଛି । ଆର୍ଥିକ କାରବାର ସମ୍ପର୍କରେ ମଧ୍ୟ କିଛି ତଥ୍ୟ ପୋଲିସର ହସ୍ତଗତ ହୋଇଛି । ଏ ନେଇ ଗଠିତ ୩ଟି ଟିମ୍ ଭିନ୍ନ ଭିନ୍ନ ଦାୟିତ୍ୱ ନେଇଛନ୍ତି । ପ୍ରଥମ ଟିମ୍ ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ଅନ୍ୟ କାଗଜପତ୍ର ସଂଗ୍ରହ କରୁଛି । ଦ୍ୱିତୀୟ ଟିମ୍ ଶେଷ କଲ୍ ରେକର୍ଡଗୁଡ଼ିକ ଯାଞ୍ଚ କରିବା ଓ ତାଙ୍କ ସହିତ ଯୋଗାଯୋଗ କରିବା । ତୃତୀୟ ଟିମ୍ ଡିଜିଟାଲ୍ ଓ ସାଇଣ୍ଟିଫିକ୍ ତଥ୍ୟ ପ୍ରମାଣଗୁଡ଼ିକ ଅନୁଧ୍ୟାନ କରୁଛି ।

# ବିଦ୍ୟୁତ୍ ଝଟକା: ମେସିନ ସଂସ୍ପର୍ଶରେ ଆସି ୨ ମୃତ

ସିମୁଳିଆ: ପଶୁ ବନ୍ୟ ଜନ୍ତୁଙ୍କ ଦାଉରୁ ଧାନ ତଳିକୁ ଉଦ୍ଧାର କରିବା ନିମନ୍ତେ ବିଦ୍ୟୁତ ଝଟକା ଲଗାଇ ନିଜେ ବିଦ୍ୟୁତ ଶିକାର ହେଲେ । ଏଭଳି ଘଟଣା ଦେଖି ମହିଳା ଉଦ୍ଧାର କରିବା ସମୟରେ ବିଦ୍ୟୁତ ଆଘାତ ପାଇ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି । ଏହି ଦୁଃଖଦ ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସିମୁଳିଆ ଥାନା ଅନ୍ତର୍ଗତ ଈଶ୍ୱରପୁର ପଞ୍ଚାୟତର ଚନ୍ଦ୍ରପଡା ଗ୍ରାମର, ମହେଶ୍ୱର ଦାସ (୫୫)ବର୍ଷ ନିଜର ଚାଷ ଜମି ଅଡା ପଞ୍ଚାୟତର ଦକ୍ଷିଣ ଅଡା ମଇଁଷା ମୁଣ୍ଡା ଅଞ୍ଚଳରେ ଗୃହପାଳିତ ପଶୁ ଓ ବନ୍ୟ ଯନ୍ତୁଙ୍କ ଦାଉରୁ ଧାନ ତଳି ଉଦ୍ଧାର କରିବା ପାଇଁ ବିଦ୍ୟୁତ ଝଟକା ମେସିନ ଲଗାଇଥିଲେ । ଶନିବାର ସକାଳେ ମେସିନଟିକୁ ବନ୍ଦ କରିବାକୁ ଯାଇ ବିଦ୍ୟୁତ ସଂସ୍ପରରେ ଆସି ଛିଟିକି ପଡ଼ିଥିଲେ । ସେଇ ସମୟରେ ମହିଳା ବିରା ମୁଣ୍ଡା ମହେଶ୍ୱରଙ୍କୁ ଉଦ୍ଧାର କରିବାକୁ ଯାଇ ବିଦ୍ୟୁତ ଆଘାତରେ ଶିକାର ହୋଇଥିଲେ । ଖବର ପାଇ ସ୍ଥାନୀୟ ଲୋକ ଦୁଇ ଜଣଙ୍କୁ ଉଦ୍ଧାର କରି ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ସିମୁଳିଆ ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

# ନିର୍ମାଣାଧୀନ ଅନ୍ତୋଦୟ ଯୋଜନା ଘର ଛାତ ଭୁଶୁଡ଼ି ୫ ଆହତ

### ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ସିକୋ ପଞ୍ଚାୟତ ଏକଦଳିଆ ମୌଜା ଆଡବନ୍ଧ ଗାଁରେ ଶନିବାର ଦିନ ଆନ୍ତୋଦୟ ଯୋଜନାରେ ଏକ ଗୃହର ଛାତ ପକାଇବା କାର୍ଯ୍ୟ ଚାଲିଥିବା ବେଳେ ଅଘଟଣ ଘଟି ୫ଆହତ ହୋଇଛନ୍ତି । ଆହତମାନେ ହେଲେ ଘର ମାଲିକ ମଞ୍ଜୁଲତା ନାୟକ (୬୦), ତାଙ୍କ ପୁଅ ସନ୍ତୋଷ କୁମାର ନାୟକ(୨୩), ମିସ୍ତ୍ରୀ ବୁଦ୍ଧିଆ ପ୍ରଧାନ, ସଂଗ୍ରାମ ସାହୁ (୧୮), ସୂର୍ଯ୍ୟକାନ୍ତ ସାହୁ । ମା-ପୁଅ ଭୁବନେଶ୍ୱର ଏମ୍ସରେ ଚିକିତ୍ସା ହେଉଥିବା ବେଳେ ଦୁଇ ଜଣ ରଣପୁର ମେଡିକାଲ ଆଉ ଜଣେ ନିକଟସ୍ଥ ମେଡ଼ିକାଲରେ ଚିକିତ୍ସା ହେଉଛନ୍ତି । ତେବେ ଏହି ଗୃହ କାର୍ଯ୍ୟରେ ସମୁଦାୟ ୯ଜଣ କାମ କରୁଥିବା ବେଳେ ଏହି ଛାତ ଭୁଶୁଡିବା ଦେଖି ଯିଏ ଯୁଆଡେ ପଳେଇଯାଇଥିବା ଦେଖିବାକୁ ମିଳିଛି । ଘଟଣା ସ୍ଥଳରେ ରଣପୁର ଅଗ୍ନିଶମ ବାହିନୀ ଓ ଜଙ୍କିଆ ଥାନା ପୋଲିସ ପହଞ୍ଚି ତଦାରଖ କରିଛନ୍ତି । ହେଲେ ଏମାନେ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ଆହତମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ମେଡିକାଲକୁ ଯାଇସାରିଥିଲେ । ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଆହତମାନଙ୍କ ସଠିକ ଖବର ମିଳିପାରିନାହିଁ । ସୂଚନା



ଅନୁଯାୟୀ, ଛାତ ଢଳେଇ କାମ ଚାଲିଥିବା ସମୟରେ ହଠାତ୍ ସମ୍ପୂର୍ଣ୍ଣ ଛାତ ଭୁଶୁଡ଼ି ପଡ଼ିଥିଲା । ଏଥିରେ କାର୍ଯ୍ୟରତ ଶ୍ରମିକମାନେ ଛାତ ତଳେ ଚାପି ହୋଇଯାଇଥିଲେ । ତୁରନ୍ତ ସ୍ଥାନୀୟ ଲୋକ ଓ ଅଗ୍ନିଶମ ବାହିନୀ ସହଯୋଗରେ ସେମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ପଠାଯାଇଥିଲା । ଏହି ଘଟଣା ପରେ ନିର୍ମାଣ କାର୍ଯ୍ୟର ଗୁଣବତ୍ତା, ବ୍ୟବହୃତ ସାମଗ୍ରୀର ମାନ ଏବଂ ତଦାରଖ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି । ସରକାରୀ ଯୋଜନାରେ ନିର୍ମାଣ କାର୍ଯ୍ୟ କରାଯିବା ସମୟରେ ନିର୍ଦ୍ଧାରିତ ବୈଷୟିକ ମାନଦଣ୍ଡ, ନକ୍ସା ଅନୁସରଣ, ଗୁଣାତ୍ମକ ସାମଗ୍ରୀର ବ୍ୟବହାର ଏବଂ ସୁରକ୍ଷା ନିୟମ ପାଳନ କରିବା ବାଧ୍ୟତାମୂଳକ । ନିର୍ମାଣ କାର୍ଯ୍ୟର ନିୟମିତ ତଦାରଖ କରିବା ଏବଂ ମାନ ଯାଞ୍ଚ କରିବା ସମ୍ପୃକ୍ତ ବିଭାଗର ଦାୟିତ୍ୱ ବୋଲି ସରକାରୀ ବ୍ୟବସ୍ଥାରେ ଉଲ୍ଲେଖ ରହିଛି । ଘଟଣା ପରେ ସ୍ଥାନୀୟ ବାସିନ୍ଦା, ଜନପ୍ରତିନିଧି ଓ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଏହାର ନିରପେକ୍ଷ ଏବଂ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରାଯାଇଛି ।

# ଦୁର୍ଘଟଣାରେ ଅଙ୍ଗନବାଡି କର୍ମୀ ମୃତ

## ଅଙ୍ଗନବାଡି ସଂଘ ତରଫରୁ ଜାତୀୟ ରାଜପଥ ଅବରୋଧ

ପାପଡାହାଣ୍ଡି(ନିପ୍ର): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଥାନା ଅନ୍ତର୍ଗତ ପ୍ରଧାନୀଗୁଡା ପେଟ୍ରୋଲ ପମ୍ପ ନିକଟରେ ଜାତୀୟ ରାଜପଥ ୨୬ରେ ଶନିବାର ଦୁର୍ଘଟଣାରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀଙ୍କ ମୃତ୍ୟୁ ହୋଇଯାଇଛି । ସୂଚନା ପ୍ରକାରେ ଦୁଲପୁର ଗ୍ରାମର ଅଙ୍ଗନବାଡି କର୍ମୀ ଦୋମୟନ୍ତି ସୌରା ସ୍କୁଟି (ଓଡି୨୪ଏନ ୮୦୮୧) ସାହାଯ୍ୟରେ ନିଜ କାର୍ଯ୍ୟସ୍ଥଳୀ ନୂଆଗୁଡା (ସି)କୁ ଯାଉଥିବା ବେଳେ ପଛପଟୁ ଟିପ୍ପର (ଓଡି୩୨ଏଲ୩୫୫୩ ) ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ଦୋମୟନ୍ତି ଛିଟିକି ପଡି ସେହିଠାରେ ହିଁ ସେ ମୃତ୍ୟୁବରଣ କରିଥିଲେ । ଖବରପାଇ ପାପଡାହାଣ୍ଡି ଏସଡିପିଓ ସତ୍ୟଜିତ କାଣ୍ଡାଂକେଲ, ଥାନା ଅଧିକାରୀ ଉମେଶ ଚନ୍ଦ୍ର ନାୟକ ଅନ୍ୟ କର୍ମଚାରୀ ପହଞ୍ଚି ଶବ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି । ଘଟଣା ସ୍ଥଳରେ ପରିବାର



ବର୍ଗ ଓ ଅଙ୍ଗନବାଡି ସଂଘ ଆସି ଦୁର୍ଘଟଣା ଘଟାଇଥିବା ଗାଡିକୁ ଧରି ୨୦ ଲକ୍ଷ କ୍ଷତିପୂରଣ ଦେବାକୁ ଏକ ଘଣ୍ଟା ଧରି ରାସ୍ତାରୋକ କରି ଦାବି କରିଥିଲେ । ଯାହାକି ଜାତୀୟ ରାଜପଥ-୨୬ ଏକ ଘଣ୍ଟା ପାଇଁ ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ରହିଥିଲା । ଘଟଣା ସ୍ଥଳରେ ପାପଡାହାଣ୍ଡି ତହସିଲଦାର ତପନ କୁମାର ନାୟକ ଆସି ରେଡ଼କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦେବାରୁ ସମସ୍ତେ ରାସ୍ତାରୁ ଓହରି ଥିଲେ । ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇପାରିଥିଲା । ସାଥୀ କର୍ମୀଙ୍କ ମୃତ୍ୟୁ ଖବରରେ ପରିବାର ବର୍ଗ ତଥା ଅଙ୍ଗନବାଡି ସଂଘରେ ଶୋକର ଛାୟା ଖେଳିଯାଇଛି । ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି ।

# ଟ୍ରାକ୍ଟର ଚାଳକଙ୍କୁ ଆକ୍ରମଣ: ଥାନାରେ ମାମଲା

ପିପିଲି(ନିପ୍ର): ପିପିଲି ଶ୍ରୀକଣ୍ଠପୁର କେନାଲ ବନ୍ଧରେ କାର୍‌କୁ ସାଇଟ୍ ନଦେବାକୁ ନେଇ ହୋଇଛି ତୁମୁଳକାଣ୍ଡ । ସେହି ଘଟଣାରେ ଜଣେ ଟ୍ରାକ୍ଟର ଚାଳକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି । ପୋଲିସ ଅଭିଯୋଗ ପାଇ ପିପିଲି ଥାନା କେସ ନଂ ୪୫୦/୨୬ ମାମଲା ଆଗତ କରିଛି । ସୂଚନା ଅନୁଯାୟୀ ନୂଆ ଶାସନ ଦକ୍ଷିଣ ସାହି ଗ୍ରାମର ଜଣେ ଟ୍ରାକ୍ଟର ଚାଳକ କେନାଲବନ୍ଧ ରାସ୍ତାରେ ଟ୍ରାକ୍ଟର ନେଇ ଆସୁଥିବା ବେଳେ ସେହି ସମୟରେ ଏକ କାର୍‌ରେ ଯୁବକମାନେ ଆସୁଥିଲେ । ରାସ୍ତା ଅଣ ଓସାର ଥିବା ଯୋଗୁ ଟ୍ରାକ୍ଟର ଚାଳକ ସାଇଟ ଦେଇନଥିଲା । ପରେ ସାଇଟ ଦେବାରୁ କାର ଚାଳକ ଓ ସେଥିରେ ଥିବା ଯୁବକମାନେ ଟ୍ରାକ୍ଟର ଚାଳକକୁ ଆକ୍ରମଣ କରିଥିଲେ । ଆକ୍ରମଣରେ ଟ୍ରାକ୍ଟର ଚାଳକ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଉଦ୍ଧାରକରି ଚିକିତ୍ସା ପାଇଁ ପିପିଲି ଡାକ୍ତରଖାନା ଆଣିଥିଲେ ଓ ପରେ ପିପିଲି ଡାକ୍ତର ଭୁବନେଶ୍ୱର ପଠାଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି । ଏନେଇ ପିପିଲି ଥାନା ଆଇଆଇସି ସୌମେନ୍ଦ୍ର ଶେଖର ତ୍ରିପାଠୀଙ୍କ ମତାମତ ଲୋଡିଥିବା ବେଳେ ପ୍ରତିକ୍ରିୟା ମିଳିନଥିଲା।

# ୧୨୧ ନକଲି ହୋଟେଲ ୱେବସାଇଟ୍ ଏବଂ ୩୩ ୱେବପେଜ୍ ବ୍ଲକ୍ କଲା ସିଆଇଡି

ଭୁବନେଶ୍ୱର: ରଥଯାତ୍ରାରେ ମାଳମାଳ ନକଲି ହୋଟେଲ୍ ବୁକିଂ ୱେବସାଇଟ୍ । ହୋଟେଲ ବୁକିଂ ନାଁରେ ଲୁଟି ନେଇଯାଉଛନ୍ତି ହଜାର ହଜାର ଟଙ୍କା । ବିଗତ ଦେଢ଼ ମାସ ମଧ୍ୟରେ ଓଡ଼ିଶା ପୋଲିସର ସିଆଇଡି ଶାଖା ୧୨୧ଟି ନକଲି ହୋଟେଲ ୱେବସାଇଟ୍ ଏବଂ ୩୩ଟି ନକଲି ହୋଟେଲ ୱେବପେଜ୍ ହଟାଇଥିବା ସୂଚନା ଦେଇଛି । ସିଆଇଡି ବିଭାଗର ସୂଚନା ଅନୁସାରେ, ରଥଯାତ୍ରାକୁ ଦୃଷ୍ଟିରେ ରଖି ସାଇବର ଶାଖାକୁ ଖୁବ ସକ୍ରିୟ ରଖାଯାଇଥିଲା । ରଥଯାତ୍ରା ଉପଲକ୍ଷେ ରାଜ୍ୟକୁ ଆସୁଥିବା ଲକ୍ଷ ଲକ୍ଷ ତୀର୍ଥଯାତ୍ରୀ ଏବଂ ଭକ୍ତମାନଙ୍କୁ ସୁରକ୍ଷା ଦେବା ପାଇଁ, କ୍ରାଇମବ୍ରାଞ୍ଚ ସିଆଇଡି ସାଇବର କ୍ରାଇମ ୟୁନିଟ୍ ୧ ଜୁନଠାରୁ ୧୮ ଜୁଲାଇ ପର୍ଯ୍ୟନ୍ତ ଏକାଧିକ ସକ୍ରିୟ ପୋଲିସିଂ ଏବଂ ପ୍ରତିରୋଧୀ ପଦକ୍ଷେପ ଗ୍ରହଣ କରିଛି । ଯେଉଁ ଭକ୍ତମାନେ ଅନଲାଇନରେ ହୋଟେଲ, ପରିବହନ ଏବଂ ଅନ୍ୟାନ୍ୟ ସେବା ବୁକ୍ କରୁଛନ୍ତି ସେମାନଙ୍କୁ ସାଇବର ଅପରାଧୀମାନେ ଠକିବାକୁ ବସିଛନ୍ତି । ଯାହା ଉପରେ ସାଇବର କ୍ରାଇମ ୟୁନିଟ୍ କଡ଼ା ନଜର ରଖିଥିଲା ଏବଂ ଏପରି ଠକଙ୍କ ବିରୁଦ୍ଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ଏହି ସମୟ ମଧ୍ୟରେ ମୋଟ ୧୨୧ଟି ନକଲି ହୋଟେଲ ୱେବସାଇଟ୍ ଏବଂ ୩୩ ଟି ନକଲି ହୋଟେଲ ୱେବପେଜ୍ ହଟାଯାଇଛି । ରଥଯାତ୍ରା ସହିତ ଜଡିତ ୧୯ଟି ବିଭ୍ରାନ୍ତିକର ବିଷୟବସ୍ତୁ ହଟାଯାଇଛି । ଏହା ବ୍ୟତୀତ, ସମ୍ପୃକ୍ତ ସେବା ପ୍ରଦାନକାରୀଙ୍କ ସହ ସମନ୍ୱୟ ରଖି, ଗ୍ରାହକ ସେବା ଠକେଇ, ଇ-କମର୍ସ ଠକେଇ, ହୋଟେଲ ବୁକିଂ ଠକେଇ ଏବଂ ଭକ୍ତମାନଙ୍କୁ ଟାର୍ଗେଟ କରୁଥିବା ଅନ୍ୟାନ୍ୟ ସାଇବର ଠକେଇ ପାଇଁ ବ୍ୟବହୃତ ହେଉଥିବା ମୋଟ ୮୯୩ ମୋବାଇଲ୍ ନମ୍ବର ଏବଂ ୭୯୩ ଆଇଏମଇଆଇ ଗୁଡ଼ିକୁ ଅବରୋଧ କରାଯାଇଛି । ନାଗରିକ ଏବଂ ଭକ୍ତମାନଙ୍କୁ ହୋଟେଲ, ଅତିଥି ଭବନ ବୁକ୍ କରିବାକୁ ଏବଂ କେବଳ ସରକାରୀ ୱେବସାଇଟ୍ ଏବଂ ଯାଞ୍ଚ ହୋଇଥିବା ଆବେଦନ ମାଧ୍ୟମରେ ଯାତ୍ରା କରିବାକୁ କ୍ରାଇମବ୍ରାଞ୍ଚ ଅନୁରୋଧ କରିଛି । ସେହିପରି ଏସ୍‌ଏମ୍‌ଏସ୍, ୱାଟ୍ସଆପ୍ କିମ୍ବା ସୋସିଆଲ ମିଡିଆ ମାଧ୍ୟମରେ ଆସୁଥିବା ଲିଙ୍କଗୁଡ଼ିକୁ ଅଣଦେଖା କରିବାକୁ ଅନୁରୋଧ କରାଯାଇଛି ।

# ଦେଶୀ ମଦ ବୋଝେଇ ସ୍କୁଟିକୁ ଅଟକ ରଖି ପୁଲିସ ଜିମା ଦେଲେ ଗ୍ରାମବାସୀ



ଖଣ୍ଡପଡ଼ା(ନିପ୍ର): ଖଣ୍ଡପଡ଼ା ଥାନା ଅଧୀନ ଖଳିସାହି ପଞ୍ଚାୟତ କୋଟପୋଖରୀ ଗ୍ରାମରେ ଦୀର୍ଘଦିନ ଚୋରାରେ ଦେଶୀ ମଦ ବେପାର ଚଳାଇ ଆସୁଥିବା ଅଖିଳ ସ୍ୱାଇଁଙ୍କ ଦେଶୀ ମଦ ବୋଝେଇ ହୋଇଥିବା ଏକ ସ୍କୁଟିଗାଡିକୁ ସ୍ଥାନୀୟ ବାସିନ୍ଦା ଅଟକ ରଖି ଖଣ୍ଡପଡ଼ା ପୁଲିସକୁ ହସ୍ତାନ୍ତର କରିଥିବା ଜଣାଯାଇଛି । ଗ୍ରାମବାସୀଙ୍କ ଠାରୁ ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦେଶୀ ମଦ ବୋଝେଇ ହୋଇଥିବା ସ୍କୁଟିକୁ ମଦ ବେପାରୀଙ୍କ ବାସଗୃହ ସମ୍ମୁଖରୁ ଜବତ କରି ଖଣ୍ଡପଡ଼ା ଥାନାକୁ ନେଇଥିବା ଜଣାପଡିଛି । ତେବେ ମଦ ବେପାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଏ ସଂପର୍କରେ ଏକ ମାମଲା ରୁଜୁକରି ପୁଲିସ ଘଟଣାର ତଦନ୍ତ ଚଳାଇଥିବା ଖଣ୍ଡପଡ଼ା ଥାନାଧିକାରୀ କୃତିବାସ ହରିଚନ୍ଦନଙ୍କ ଠାରୁ ପ୍ରକାଶ । ସୂଚନାଯୋଗ୍ୟ କୋଟପୋଖରୀ ଗ୍ରାମବାସୀଙ୍କ ବାରମ୍ବାର ବାରଣ ସତ୍ତ୍ୱେ ମଧ୍ୟ ସଂପୃକ୍ତ ମଦ ବେପାରୀଙ୍କ ଜଣକ ବିଭିନ୍ନ ସମୟରେ ଗ୍ରାମବାସୀଙ୍କୁ ଗାଳିଗୁଲଜ କରି ଭୟଭୀତ କରିବା ସହ ନିର୍ବିଘ୍ନରେ ଚୋରାରେ ଦେଶୀ ମଦ ବେପାର ଚଳାଇ ଆସୁଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି । ଏହି ଘଟଣା ଏବେ ଖଳିସାହି ପଞ୍ଚାୟତରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ସହରରେ ସାର୍ବଜନୀନ ସ୍ଥାନରେ ଅଗ୍ନି ନିରାପତ୍ତା ସୁଦୃଢ଼ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ଜିଲ୍ଲା ପ୍ରଶାସନର ଆଭିମୁଖ୍ୟକୁ ପ୍ରଶଂସା

କଟକ(ନିପ୍ର): ଦିଲ୍ଲୀ ଓ ଲକ୍ଷ୍ନୌରେ ସମ୍ପ୍ରତି ଘଟିଥିବା ଅଗ୍ନିକାଣ୍ଡ ଘଟଣାକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ (ସିଏମସି) ଅଞ୍ଚଳରେ ଥିବା ସାର୍ବଜନିନ ସ୍ଥାନଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ ଓଡ଼ିଶା ହାଇକୋର୍ଟ ଗୁରୁତ୍ୱ ପ୍ରକାଶ କରିଛନ୍ତି । ହାଇକୋର୍ଟ ଅତିରିକ୍ତ ଜିଲ୍ଲାପାଳ ତଥା ନୋଡାଲ ଅଫିସର ନୋଡାଲ ଅଫିସର କମଲଜିତ ଦାସଙ୍କୁ କୋଚିଂ ସେଣ୍ଟର, ହୋଟେଲ ଏବଂ ଅନ୍ୟାନ୍ୟ ସାର୍ବଜନିନ ସ୍ଥାନରେ ଥିବା ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସମୀକ୍ଷା କରି ଏହା ସମ୍ପର୍କରେ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ବିଷୟରେ ଏକ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶୁଣାଣି ସମୟରେ ଶ୍ରୀ ଦାସ କୋର୍ଟଙ୍କୁ



ଅବଗତ କରାଇଥିଲେ ଯେ, ସମସ୍ତ ସମ୍ପୃକ୍ତ ବିଭାଗ ଓ ଅଂଶୀଦାରଙ୍କଠାରୁ ତଥ୍ୟ ସଂଗ୍ରହ କରି ଏକ ସମନ୍ୱିତ ରିପୋର୍ଟ ପ୍ରସ୍ତୁତ କରାଯିବ । ଏହି ରିପୋର୍ଟରେ ବିଭିନ୍ନ ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ନିୟମର ପାଳନ ସ୍ଥିତି, ନିୟମ ଉଲ୍ଲଂଘନ କରୁଥିବା ପ୍ରତିଷ୍ଠାନଗୁଡ଼ିକୁ କେତେ ସମୟ ମଧ୍ୟରେ ଅନୁପାଳନ କରାଯିବ ଏବଂ ଅନୁପାଳନ ନ ହେଲେ କେଉଁ ପଦକ୍ଷେପ ଗ୍ରହଣ କରାଯିବ, ସେ ସମ୍ପର୍କରେ ସ୍ପଷ୍ଟ ଉଲ୍ଲେଖ ରହିବ । ଜିଲ୍ଲାର ପ୍ରଶାସନର ଆଭିମୁଖ୍ୟ ନେଇ ଅତିରିକ୍ତ ଜିଲ୍ଲାପାଳ ତଥା ନୋଡାଲ ଅଧିକାରୀ ଶ୍ରୀ ଦାସଙ୍କ ସକ୍ରିୟ ପଦକ୍ଷେପକୁ ଜଷ୍ଟିସ କେ. ଆର. ମହାପାତ୍ର ଓ ଜଷ୍ଟିସ ଭି. ନରସିଂହଙ୍କୁ ନେଇ ଖଣ୍ଡପୀଠ ପ୍ରଶଂସା କରିଛନ୍ତି । ପ୍ରସ୍ତାବିତ ପଦକ୍ଷେପଗୁଡ଼ିକ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହିତ ମୂଲ୍ୟବାନ ମାନବ ଜୀବନର ସୁରକ୍ଷାରେ ଫଳପ୍ରଦ ହେବ ବୋଲି ନ୍ୟାୟାଳୟ ଆଶା ପ୍ରକାଶ କରିଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୩୦କୁ ଧାର୍ଯ୍ୟ କରାଯାଇଛି ।

### ରେଳବାଇ ବିଦ୍ୟୁତୀକରଣ ତମ୍ବା ତାର ଚୋରି ଘଟଣାର ପର୍ଦ୍ଦାଫାସ

# ୬ ଅଭିଯୁକ୍ତ ଗିରଫ, ୧୫୦ କେଜି ତମ୍ବା ତାର ଓ କାର୍ ଜବତ

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲା ବନହରପାଲି ପୋଲିସ ଏକ ସଂଗଠିତ ଆନ୍ତଃଜିଲ୍ଲା ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାସ କରି ବଡ଼ ସଫଳତା ହାସଲ କରିଛି । ରେଳବାଇ ବିଦ୍ୟୁତୀକରଣ କାର୍ଯ୍ୟରେ ବ୍ୟବହୃତ ଦାମୀ ତମ୍ବା ତାର ଚୋରି ଅଭିଯୋଗରେ ଗ୍ୟାଙ୍ଗର ମୁଖ୍ୟ ସମେତ ୬ ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କ ନିକଟରୁ ପ୍ରାୟ ୨.୪୦ ଲକ୍ଷ ଟଙ୍କା ମୂଲ୍ୟର ୧୫୦ କିଲୋଗ୍ରାମ ତମ୍ବା ତାର, ଚୋରିରେ ବ୍ୟବହୃତ ଏକ ମାରୁତି ବାଲେନୋ କାର୍ ସହ ଶାବଳ, ତାର କଟା ନିଆଳି, ଟାଙ୍ଗିଆ, ଛୁରୀ ଓ ବାଟୁଳି ଭଳି ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । ପୋଲିସ ସୂଚନା ଅନୁଯାୟୀ, ଗତ ଜୁଲାଇ ୧୪ ତାରିଖ ବିଳମ୍ବିତ ରାତି ପ୍ରାୟ ୩ଟା ୫୦ ମିନିଟ୍ ସମୟରେ ଡାଲଗାଁସ୍ଥିତ ସନସିଟି ଉର୍ଜା ପ୍ରାଇଭେଟ୍ ଲିମିଟେଡର ଷ୍ଟୋର ୟାର୍ଡରେ ୮ରୁ ୧୨ ଜଣ ସଶସ୍ତ୍ର ଦୁର୍ବୃତ୍ତ ପାଚେରୀ ଭାଙ୍ଗି ପ୍ରବେଶ କରିଥିଲେ । ସୁରକ୍ଷା କର୍ମୀଙ୍କ ଉପରକୁ ପଥର, ଇଟା ଓ କାଚ ବୋତଲ ଫିଙ୍ଗି ଆକ୍ରମଣ କରିବା ସହ ବିପୁଳ ପରିମାଣର ତମ୍ବା ତାର ଲୁଟି ନେବାକୁ ଉଦ୍ୟମ କରିଥିଲେ । ତେବେ କମ୍ପାନୀ କର୍ମଚାରୀଙ୍କ ତତ୍ପରତାରେ ଘଟଣାସ୍ଥଳରୁ ଦୁଇ ଜଣଙ୍କୁ କାବୁ କରାଯାଇଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ । ଏହି ଘଟଣାରେ ବନହରପାଲି ଥାନାରେ ମାମଲା ରୁଜୁ କରି ପୋଲିସ ବୈଜ୍ଞାନିକ ଏବଂ ବୈଷୟିକ ପ୍ରମାଣ ଆଧାରରେ ତଦନ୍ତ ଆରମ୍ଭ କରିଥିଲା । ପରବର୍ତ୍ତୀ ଚଢ଼ଉରେ ଗ୍ୟାଙ୍ଗର ମୁଖ୍ୟ ତଥା ସ୍କ୍ରାପ୍ ବ୍ୟବସାୟୀ ମନୋରଞ୍ଜନ ପ୍ରଧାନ ଓରଫ ପପୁଙ୍କ ସମେତ ପ୍ରଶାନ୍ତ ମାଝୀ, ନେତ୍ର ମାର୍ଡି, ରବି ବାର୍ଲା, ଡାକ୍ତର ସେଠ୍ ଓ ଦିନେଶ ହାତୀଙ୍କୁ ଗିରଫ କରାଯାଇଛି । ତଦନ୍ତରୁ ଜଣାପଡ଼ିଛି ଯେ, ଗ୍ୟାଙ୍ଗର ମୁଖ୍ୟ ମନୋରଞ୍ଜନ ପ୍ରଧାନ ବିଭିନ୍ନ ଶିଳ୍ପାଞ୍ଚଳରେ ପୂର୍ବରୁ ରେକି କରି ଗ୍ୟାଙ୍ଗ ସଦସ୍ୟଙ୍କୁ ଚୋରି ପାଇଁ ନିୟୋଜିତ କରୁଥିଲେ । ପରେ ଚୋରି ହୋଇଥିବା ତମ୍ବା ତାରକୁ ସ୍କ୍ରାପ୍ ବଜାରରେ ବେଆଇନ ଭାବେ ବିକ୍ରି କରାଯାଉଥିଲା । ଗିରଫ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏହି ଗ୍ୟାଙ୍ଗ ସହ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ଏବଂ ଏଭଳି ଅନ୍ୟ ଚୋରି ଘଟଣାରେ ସେମାନଙ୍କ ସଂପୃକ୍ତି ରହିଛି କି ନାହିଁ, ସେନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ବନହରପାଲି ପୋଲିସ ସୂଚନା ଦେଇଛି ।

### ସ୍ୱତନ୍ତ୍ର ଚେକ୍ ବାଉନ୍ସ ଲୋକ ଅଦାଲତ

# ୬୬ ମୋକଦ୍ଦମାର ଫଇସଲା: ୧କୋଟି ୨୨ ଲକ୍ଷ ୧ହଜାର ୨୩ ଟଙ୍କା ଜରିମାନା ଆଦାୟ

କଟକ(ନିପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ କଟକ ଜିଲ୍ଲା ଓ ଦୌରାଜଜ୍ କୋର୍ଟ ପରିସରରେ ୨୦୨୬ ମସିହାର ପ୍ରଥମ ସ୍ୱତନ୍ତ୍ର ଚେକ୍ ବାଉନ୍ସ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଲୋକ ଅଦାଲତରେ ବହୁ ସଂଖ୍ୟକ ଲୋକ ଯୋଗଦାନ କରି ଲୋକ ଅଦାଲତ ମାଧ୍ୟମରେ ସେମାନଙ୍କର ଚେକ୍ ବାଉନ୍ସଜନିତ ମକଦ୍ଦମାର ଫଇସଲା କରାଇଥିଲେ । କଟକ ଜିଲ୍ଲା ଓ ଦୌରାଜଜ୍ ତଥା କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ମାନସ ରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ କଟକ ଜିଲ୍ଲା କୋର୍ଟର ସମସ୍ତ ବିଚାରପତିମାନେ ନିଜ ନିଜ କୋର୍ଟରେ ଥିବା ଚେକ୍ ବାଉନ୍ସ ମକଦ୍ଦମାର ଫଇସଲା କରାଇଥିଲେ । ଏହି ଲୋକ ଅଦାଲତରେ ମୋଟ ୭୩୯ ମକଦ୍ଦମା ମଧ୍ୟରୁ ସମୁଦାୟ ୬୬ଟି ମକଦ୍ଦମାର ଫଇସଲା କରାଯାଇଥିଲା ଏବଂ ୧କୋଟି ୨୨ ଲକ୍ଷ ୧ ହଜାର ୨୩ ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ଏହି ଲୋକ ଅଦାଲତକୁ କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଜଗଦିଶ୍ ଚନ୍ଦ୍ର ଜେନା ପରିଚାଳନା କରିଥିଲେ ।

## ଏମ୍ସ ଭୁବନେଶ୍ୱରରେ ଷଷ୍ଠ ସମାବର୍ତ୍ତନ ଉତ୍ସବ

# ୩୨ ମେଧାବୀ ଛାତ୍ରଛାତ୍ରୀଙ୍କୁ ୬୧ ସ୍ୱର୍ଣ୍ଣ ପଦକ




ଭୁବନେଶ୍ୱର, ୧୮/୭(ପିଆଇବି): ଏମ୍ସ ଭୁବନେଶ୍ୱର ଶନିବାର ଏହାର ଷଷ୍ଠ ସମାବର୍ତ୍ତନ ସମାରୋହକୁ ସଫଳତାର ସହିତ ପାଳନ କରିଛି, ଯାହା ଚିକିତ୍ସା ଶିକ୍ଷା, ଗବେଷଣା, ନବସୃଜନ ଏବଂ ରୋଗୀ ସେବାରେ ପ୍ରତିଷ୍ଠାନର ଉତ୍କର୍ଷତା ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ। ଏହି ଉତ୍ସବରେ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ରସାୟନ ଏବଂ ସାର ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ମଧ୍ୟ ଯୋଗ ଦେଇଥିଲେ। ସମାବର୍ତ୍ତନ ଭାଷଣ ପ୍ରଦାନ କରି, ଅନୁପ୍ରିୟା ପଟେଲ ସ୍ନାତକ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଉତ୍ସାହିତ କରିଥିଲେ ସେମାନଙ୍କୁ ନୈତିକ, କରୁଣାପୂର୍ଣ୍ଣ ଏବଂ ରୋଗୀ-କୈନ୍ଦ୍ରିକ ସ୍ୱାସ୍ଥ୍ୟସେବା ପାଇଁ ନିଜକୁ ଉତ୍ସର୍ଗ କରିବା ପାଇଁ। ଡାକ୍ତରୀ ବୃତ୍ତି ସହିତ ଜଡିତ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ। ଭାରତର ସ୍ୱାସ୍ଥ୍ୟସେବା କ୍ଷେତ୍ରର ଅଭିବୃଦ୍ଧି ଏବଂ ପରିବର୍ତ୍ତନ ଉପରେ ଆଲୋକପାତ କରି, ଅନୁପ୍ରିୟା ପଟେଲ ଦେଶରେ ପ୍ରମୁଖ ଚିକିତ୍ସା ପ୍ରତିଷ୍ଠାନର ବିସ୍ତାର ବିଷୟରେ ଉଲ୍ଲେଖ କରିଥିଲେ ଯେ ଏମ୍ସ ପ୍ରତିଷ୍ଠାନ ସଂଖ୍ୟା ୭ରୁ ୨୩କୁ ବୃଦ୍ଧି ପାଇଛି। ଯାହା ସାରା ଦେଶରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ଶିକ୍ଷାର ସୁଗମତାକୁ ସୁଦୃଢ଼ କରିଛି। ସେ ଗୁରୁତ୍ୱାରୋପ କରିଥିଲେ ଯେ ଏମ୍ସରୁ ସ୍ନାତକ ହୋଇଥିବା ଡାକ୍ତରମାନେ ଏକ ସ୍ୱତନ୍ତ୍ର ପରିଚୟ ବହନ କରନ୍ତି, ସେମାନଙ୍କୁ 'ଡକ୍ଟର+' ଭାବରେ ବର୍ଣ୍ଣନା କରି ବିଶ୍ୱସ୍ତରୀୟ ଭିତ୍ତିଭୂମି, ଉନ୍ନତ ଚିକିତ୍ସା ସୁବିଧା, ଗବେଷଣା ସୁଯୋଗ, ବିଶେଷଜ୍ଞ ପରାମର୍ଶ ଏବଂ ସର୍ବୋପରି, ସେମାନଙ୍କ ତାଲିମ ସମୟରେ ପ୍ରଦାନ କରାଯାଇଥିବା କରୁଣା ଏବଂ ସହାନୁଭୂତିର ମୂଲ୍ୟବୋଧ ମାଧ୍ୟମରେ ସେମାନେ ପାଇଥିବା ଅସାଧାରଣ ଏବଂ ଅତୁଳନୀୟ ଏକ୍ସପୋଜରର କାରଣ।

## 'ଆୟୁଷ୍ମାନ'ରେ ମିଳିବ କ୍ୟାନ୍ସର ଚିକିତ୍ସା ସୁବିଧା

ଭୁବନେଶ୍ୱର, ୧୮।୭: ଏଣିକି ଆୟୁଷ୍ମାନ ଭାରତ କାର୍ଡରେ କ୍ୟାନ୍ସର ଚିକିତ୍ସା ସୁବିଧା ମିଳିବ। ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏନେଇ ସୂଚନା ଦେଇଛନ୍ତି। ବଜେଟ୍‌ରେ 'ମୁଖ୍ୟମନ୍ତ୍ରୀ କ୍ୟାନ୍ସର ଆରୋଗ୍ୟ ଯୋଜନା' ସାମିଲ ହୋଇଛି। ୧୨୧ଟି ପ୍ୟାକେଜ୍‌କୁ ଗୋପବନ୍ଧୁ ଆରୋଗ୍ୟ ଯୋଜନାରେ ସାମିଲ କରିଛୁ। ଏହା ଭିତରେ କ୍ୟାନ୍ସର ଚିକିତ୍ସା ପାଇଁ ମଧ୍ୟ ବ୍ୟବସ୍ଥା ରହିଛି। କ୍ୟାନ୍ସର ଚିକିତ୍ସା ବାବଦ ଖର୍ଚ୍ଚ ରାଜ୍ୟ ପାଣ୍ଠିରୁ ବହନ କରାଯିବ।

## ଅସ୍ଥାୟୀ ଆଇନସେବା କେନ୍ଦ୍ର ଉଦ୍ଘାଟିତ

**ପୁରୀ, ୧୮/୭(ନିପ୍ର):** ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ ଅନୁଯାଇ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ୍ୟ ତଥା ଜିଲ୍ଲା ଓ ଦୌରାଜଜ ଆନନ୍ଦ ନାରାୟଣ ମହାରଣାଙ୍କ ତତ୍ତ୍ୱାବଧାନରେ ପୁରୀ ସରଧାବାଲିରେ ଏକ ଅସ୍ଥାୟୀ ଆଇନ ସେବା କେନ୍ଦ୍ର ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଛନ୍ତି। ପବିତ୍ର ଘୋଷ ଯାତ୍ରା ସମୟର ବହୁଳ ଜନସମଗମକୁ ଦୃଷ୍ଟିରେ ରଖି ଏହି ଆଇନ ସହାୟତା କେନ୍ଦ୍ରଟିକୁ ଖୋଲାଯାଇଛି। ଏହି କେନ୍ଦ୍ର ମାଧ୍ୟମରେ ପବିତ୍ର ଘୋଷଯାତ୍ରା ସମୟରେ ଆସୁଥିବା ବହୁ ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କୁ ମାଗଣା ଆଇନସେବା ଓ ପରାମର୍ଶ ଯୋଗାଇ ଦିଆଯିବା ପାଇଁ ବିଚାରପତି ମତ ପୋଷଣ କରିଛନ୍ତି। ଜିଲ୍ଲା ଆଇନ ସେବା ପ୍ରାଧିକରଣ, ପୁରୀ ତରଫରୁ ଏହି କେନ୍ଦ୍ରରେ ନ୍ୟାୟରକ୍ଷକ ଏବଂ ଅଧିକାରୀ ମିତ୍ରଙ୍କୁ ମାଗଣା ଓ ନିରବଛିନ ଆଇନ ସେବା ଯୋଗାଇ ଦେବା ପାଇଁ ନିଯୋଜନ କରାଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଆଗନ୍ତୁକମାନଙ୍କୁ ଜାତୀୟ ଆଇନ ସେବା ପ୍ରାଧିକରଣ ତଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁମୋଦିତ ଯୋଜନା, ସାମ୍ବିଧାନିକ ଅଧିକାର ଏବଂ ଅନ୍ୟାନ୍ୟ ଆଇନ ସେବା ସମ୍ବନ୍ଧୀୟ ପ୍ରଚାର ପତ୍ରମାନ ବାଣ୍ଟି ଥିଲେ।

## ଆଦିବାସୀ ଯୁବତୀଙ୍କୁ ଚାକିରି ଆଶା ଦେଖାଇ ନିର୍ଯାତନା

**ନିମାପଡ଼ା,୧୮।୭(ନିପ୍ର):** ନିମାପଡ଼ା ପୌରାଞ୍ଚଳରେ ଅନେକ ଯୁବତୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇବା ସାଙ୍ଗକୁ ଚାକିରି ଦେବାର ପ୍ରତିଶ୍ରୁତି ଦେଇ ଠକିଥିବା ନେଇ ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ପ୍ରାଥମିକ ତଦନ୍ତ କରି ଏକ ମୋକଦ୍ଦମା ରୁଜୁ କରିବା ସହିତ ସଂସ୍ଥା କର୍ତ୍ତୃପକ୍ଷଙ୍କୁ ଡ଼କାଇଛନ୍ତି ବୋଲି ବରିଷ୍ଠ ଅଧିକାରୀ ଦିଲ୍ଲୀପ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଅନେକ ଆଦିବାସୀ ଯୁବତୀଙ୍କଠାରୁ ୨୦-୨୫ ହଜାର ଟଙ୍କା ନେଇ ବିସ୍କୁଟ କାରଖାନାରେ କାମ କରାଇ ଦେବା ପ୍ରତିଶ୍ରୁତି ଦେଇଥିଲେ ହେଁ ଗତ ୨ ମାସ ହେଲା କସ୍‌ମେଟିକ୍ ପ୍ରଡ଼କ୍ଟ ଦେଇ ଗାଁ ଗହଳିରେ ବିକ୍ରି କରିବା ପାଇଁ ବାଧ କରୁଥିବା ଯୁବତୀମାନେ ଗଣମାଧ୍ୟମ ନିକଟରେ ପ୍ରକାଶ କରିଥିଲେ। ଯୁବତୀମାନଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ପାଇ ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ୍ ରାଜ୍ୟ ସଂପାଦକ ଜ୍ୟୋତି ରଂଜନ ମହାପାତ୍ର, ପୁରୀ ଜିଲ୍ଲା ସଂପାଦକ ଜିତେନ୍ଦ୍ରୀୟ ବେହେରା ପ୍ରମୁଖ ନିମାପଡ଼ା ଥାନାରେ ପହଞ୍ଚି ଏତାଲା ଦାୟର କରିଥିଲେ। ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଯୁବତୀ ଏହି ବେନାମୀ ସଂସ୍ଥା ଦ୍ୱାରା ପ୍ରଲୋଭିତ ହୋଇ ଚାକିରି ଆଶାରେ ପ୍ରଶିକ୍ଷଣ ନେଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି।

## ଏସସିବି ଅଗ୍ନିକାଣ୍ଡ ଘଟଣା: ବଢ଼ିଲା ତଦନ୍ତ କମିଶନଙ୍କ କାର୍ଯ୍ୟକାଳ

**କଟକ, ୧୮/୭(ନିପ୍ର):** କଟକ ଏସ୍‌ସିବି ମେଡିକାଲର ଟ୍ରମା କେୟାର ଆଇସିୟୁରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାର ତଦନ୍ତ ପାଇଁ ଗଠିତ ନ୍ୟାୟିକ ତଦନ୍ତ କମିଶନଙ୍କ କାର୍ଯ୍ୟକାଳକୁ ରାଜ୍ୟ ସରକାର ପୁଣି ବୃଦ୍ଧି କରିଛନ୍ତି। ଅବସରପ୍ରାପ୍ତ ବିଚାରପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ଏକକ ସଦସ୍ୟ ବିଶିଷ୍ଟ କମିଶନଙ୍କ କାର୍ଯ୍ୟକାଳ ଦୁଇ ମାସ ବୃଦ୍ଧି କରାଯାଇଛି। ଆସନ୍ତା ୧୫ ସେପ୍ଟେମ୍ବର ତଦନ୍ତ ରିପୋର୍ଟ ସରକାରଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ଗୃହ (ସ୍ୱତନ୍ତ୍ର) ବିଭାଗ ପକ୍ଷରୁ ନୂତନ ବିଜ୍ଞପ୍ତି ଜାରି ହୋଇଛି। ପୂର୍ବରୁ ଲକ୍ଷ୍ମୀଧର ବିଶ୍ୱାଳଙ୍କ ତଦନ୍ତ କମିଶନକୁ ୧୫ ଜୁଲାଇ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ତଦନ୍ତ ଚାଲିଥିବାରୁ ସରକାର କମିଶନଙ୍କ କାର୍ଯ୍ୟକାଳକୁ ଆହୁରି ଦୁଇ ମାସ ବୃଦ୍ଧି କରିଛନ୍ତି। ଦ୍ୱିତୀୟ ଥର ପାଇଁ କମିଶନଙ୍କ କାର୍ଯ୍ୟକାଳ ବୃଦ୍ଧି ହୋଇଛି। ୧୫ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ରିପୋର୍ଟ ଦାଖଲକୁ ସମୟ ସୀମା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୧୬ ମାର୍ଚ୍ଚ ୨୦୨୬ରେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ଆଇସିୟୁରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା।

## ନ୍ୟାୟ ନ ମିଳିଲେ ଆନ୍ଦୋଳନ: ଚାଷୀଙ୍କ ଚେତାବନୀ

ରାୟଗଡା,୧୮/୭(ନିପ୍ର): ନ୍ୟାୟ ନମିଳିଲେ ଆନ୍ଦୋଳନ ହେବ, ଚାଷୀଙ୍କ ଚେତାବନୀ। ଟଙ୍କା ଫେରସ୍ତ ପାଇଁ ଚାଷୀ ଉପ-ଜିଲ୍ଲାପାଳଙ୍କ ଦ୍ୱାରସ୍ଥ। ଚାଷୀଙ୍କ ପାଖରୁ କ୍ୱିଣ୍ଟାଲ ପିଛା ୧୦୦୦ ଟଙ୍କା ଆଦାୟ କଲେ ମିଲର ଓ ଲ୍ୟାମ୍ପସ ଅଧିକାରୀ। ରାୟଗଡା ଜିଲ୍ଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ଖିଲାମୁଣ୍ଡା ମଣ୍ଡିରେ ଧାନ କ୍ରୟକୁ ନେଇ ଏକ ସଂଗୀନ ଅଭିଯୋଗ ସାମ୍ନାକୁ ଆସିଥିବା ବେଳେ ମିଲର ଓ ଲ୍ୟାମ୍ପସର କିଛି ଅଧିକାରୀଙ୍କ ଅସାଧୁ ମେଣ୍ଟ ଫଳରେ ଚାଷୀମାନଙ୍କଠାରୁ ଧାନ ବିକ୍ରି ପୂର୍ବରୁ କୁଇଣ୍ଟାଲ ପିଛା ୧୦୦୦ ଟଙ୍କା ଆଦାୟ କରାଯାଉ ଥିବା କିଛି ଚାଷୀ ଗୁଣପୁର ଉପ-ଜିଲ୍ଲାପାଳ ଅଭିଷେକ ଦୁଧାଲଙ୍କ ହୋଇ ଏ ବିଷୟକୁ ନେଇ ଏକ ଅଭିଯୋଗ ପତ୍ର ଦାଖଲ କରିଛନ୍ତି। ଚାଷୀଙ୍କ କହିବା ପ୍ରକାରେ ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସ୍‌ପି) ଅନୁସାରେ କ୍ୱିଣ୍ଟାଲ ପିଛା ପ୍ରାୟ ୩୧୦୦/-ଟଙ୍କା ସେମାନଙ୍କ ବ୍ୟାଙ୍କ ଖାତାକୁ ଆସୁଥିଲେ ମଧ୍ୟ ଧାନ କିଣିବା ଆଗରୁ ମିଲରଙ୍କ ପକ୍ଷରୁ କ୍ୱିଣ୍ଟାଲ ପିଛା ଏକ ହଜାର ନଗଦ ଟଙ୍କା ଦେବାପାଇଁ ବାଧ କରାଯାଉଛି ଆଉ ଟଙ୍କା ଯଦି ନଦିଆଯାଏ ତେବେ ଧାନ କିଣା ଯାଉନଥିବା ଚାଷୀ ଅଭିଯୋଗ କରିଛନ୍ତି। ଏଣୁ ଅଧିକାଂଶ ଚାଷୀ ନଗଦ ଦାବୀ କରାଯାଉଥିବା ୧୦୦୦ ଟଙ୍କା କରି ପ୍ରଦାନ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଯାହା ଫଳରେ କି ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଚାଷୀମାନେ ଅଧିକ କ୍ଷତି ସହୁଥିବା ବେଳେ ସରକାରଙ୍କ ଚାଷୀ କଲ୍ୟାଣ ନୀତିର ବିପରୀତ, ସେମାନଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି।

## ସାପୁଆ ନଦୀ ବନ୍ୟା: ପ୍ରଶାସନର ସହାୟତା

**ଆଠଗଡ଼, ୧୮।୭(ନିପ୍ର):** କଟକ ଜିଲ୍ଲା ଆଠଗଡ଼ରେ ଗତ କିଛିଦିନ ଧରି ଲଗାଣ ବର୍ଷା ଯୋଗୁଁ ସାପୁଆ ନଦୀରେ ଅତ୍ୟଧିକ ବନ୍ୟା ଜଳ ପ୍ରବାହିତ ହେବା ଫଳରେ ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହୋଇ ବ୍ୟାପକ କ୍ଷୟକ୍ଷତି ହୋଇଛି। ବନ୍ୟା ପରିସ୍ଥିତିର ପ୍ରତ୍ୟକ୍ଷ ଅନୁଧ୍ୟାନ ପାଇଁ ଉପଜିଲ୍ଲାପାଳ ଆଠଗଡ଼, ତହସିଲଦାର ଆଠଗଡ଼, ମଣ୍ଡଳ ଉନ୍ନୟନ ଅଧିକାରୀ ଆଠଗଡ଼ଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ମାନେ ମିଳିତ ଭାବରେ ତରଡିଙ୍ଗ, ସମସରପୁର ଓ ଇଛାପୁର ପଞ୍ଚାୟତ ସମେତ ବିଭିନ୍ନ ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତିର ସମୀକ୍ଷା କରିଥିଲେ। ଏହି ପରିପ୍ରେକ୍ଷୀରେ ଜଳବନ୍ଦୀ ଓ ବିପଦସଙ୍କୁଳ ଅବସ୍ଥାରେ ଥିବା ପରିବାରଗୁଡ଼ିକୁ ପ୍ରଶାସନର ସହଯୋଗରେ ସୁରକ୍ଷିତ ଭାବେ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀ ଓ ବିଦ୍ୟାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ପ୍ରଭାବିତ ଲୋକମାନଙ୍କ ନିମନ୍ତେ ଆବଶ୍ୟକ ରିଲିଫ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ପ୍ରଶାସନ ପକ୍ଷରୁ ପ୍ରାୟ ୫୦୦ଜଣ ବନ୍ୟା ପ୍ରଭାବିତ



ବ୍ୟକ୍ତିଙ୍କୁ ଚୁଡ଼ା, ଗୁଡ଼, ବିସ୍କୁଟ ଆଦି ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା ବେଳେ ୧୫୦ ଜଣଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିଲା। ଅନ୍ୟ ପକ୍ଷରେ କୃଷି ବିଭାଗ ପକ୍ଷରୁ ଫସଲ କ୍ଷୟକ୍ଷତିର ପ୍ରାଥମିକ ଆକଳନ କରାଯାଇଛି। ପ୍ରାଥମିକ ଆକଳନ ଅନୁଯାୟୀ ଆଠଗଡ଼ ବ୍ଲକର ୧୫ଟି ପଞ୍ଚାୟତର ପ୍ରାୟ ୬୯୦୦ ହେକ୍ଟର ଚାଷଜମି କ୍ଷୟକ୍ଷତି ହୋଇଥିବା ଜଣାପଡିଛି। ଅଧିକ ସଠିକ୍ ଆକଳନ ପାଇଁ ବିଭାଗୀୟ ଅଧିକାରୀ ମାନେ କ୍ଷେତ୍ର ପରିଦର୍ଶନ ଜାରି ରଖିଛନ୍ତି।

## ଡ୍ରେନ୍‌ରେ ଗଲା ଶିଶୁର ଜୀବନ

ଭୁବନେଶ୍ୱର,୧୮।୭: ଯାଜପୁର ଜିଲ୍ଲାର ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ହଳଦିଡିହା ପଞ୍ଚାୟତର ଫଳପୁରା ଗାଁରେ ଶୁକ୍ରବାର ବର୍ଷାଜଳ ଭର୍ତ୍ତି ଡ୍ରେନ୍‌ରେ ବୁଡ଼ି ଜଣେ ୨ ବର୍ଷର ଶିଶୁ ମୃତ୍ୟୁ ହୋଇଛି। ମୃତକଙ୍କ ନାମ ଗ୍ରାମର ଆକାଶ ମଲିକଙ୍କ ପୁଅ ଶ୍ରେୟାଂଶୁ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମଧ୍ୟାହ୍ନ ଭୋଜନ ପରେ ଶ୍ରେୟାଂଶୁ ତାଙ୍କ ଘର ପାଖରେ ବାହାରକୁ ପାଦ ଦେଇଥିଲେ। ପିଲାଟି ଦୁର୍ଘଟଣାବଶତଃ ବର୍ଷାପାଣି ଭର୍ତ୍ତି ଡ୍ରେନ୍‌ରେ ପଡ଼ିଯାଇଥିଲା। ପରିବାର ଲୋକେ ପିଲାଟି ନିଖୋଜ ଥିବା ଦେଖି ଖୋଜାଖୋଜି ଆରମ୍ଭ କରିବା ପରେ ସନ୍ଦେହ କରି ତାକୁ ଡ୍ରେନ୍‌ରେ ପଡ଼ିଥିବା ଦେଖିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବାହାର କରାଯାଇ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା। ସେଠାରେ ଡାକ୍ତରମାନେ ପିଲାଟିକୁ ମୃତ ଘୋଷଣା କରିଥିଲେ।

## ନକଲି ପଦୋନ୍ନତି ଚିଠି ଭାଇରାଲ

**ଭୁବନେଶ୍ୱର, ୧୮/୭(ନିପ୍ର):** ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନାଁରେ ନକଲି ପଦୋନ୍ନତି ବିଜ୍ଞପ୍ତି ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବାରେ ଲାଗିଛି। ଏଥିପାଇଁ ସତର୍କ ରହିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ସତର୍କ କରିଛନ୍ତି ବିଭାଗର ସ୍ୱତନ୍ତ୍ର ସଚିବ ସୂର୍ଯ୍ୟନାରାୟଣ ଦାଶ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଜିପିଡିଓ ଓ ପିଏଙ୍କ ପଦୋନ୍ନତି ନେଇ ଏକ ନକଲି ବିଜ୍ଞପ୍ତି ଭାଇରାଲ ହେଉଛି। ଯାହା ବାବଦରେ ବିଭାଗ ଅବଗତ ହେବା ପରେ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ସତର୍କ କରିଛି। ନକଲି ଆଦେଶନାମାକୁ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ଖାରଜ କରିଛି। ଏହା ଉପରେ କୌଣସି ବିଶ୍ୱାସ ନ କରିବାକୁ ଚିଠିରେ କୁହାଯାଇଛି। ଏହା ସହିତ ଏ ନେଇ ଏତଲା ଦେବା ସହିତ ସାଇବର ତଦନ୍ତ କରିବାକୁ ଗୃହ ବିଭାଗକୁ ପଞ୍ଚାୟତିରାଜ ବିଭାଗ ଅନୁରୋଧ କରିଛି।

## ତିନିବର୍ଷିଆ ଏଲଏଲବି ନାମଲେଖା ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୧୮/୭: ତିନିବର୍ଷିଆ ଏଲଏଲବି (ଆଇନ୍) ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶିତ ପାଇଛି। ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲକୁ ଯାଇ ତିନିବର୍ଷିଆ ଏଲଏଲବି ପାଠ୍ୟକ୍ରମ ନିମନ୍ତେ ନିଜର କମନ୍ ଆପ୍ଲିକେସନ ଫର୍ମପୂରଣ କରିପାରିବେ। ଶନିବାରଠାରୁ ୩୦ ଜୁଲାଇ ରାତ୍ର ୧୧.୪୫ଟା ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ କମନ ଆପ୍ଲିକେସନ ଫର୍ମପୂରଣ କରିପାରିବେ। ଅଗଷ୍ଟ ୬ ତାରିଖରେ ପ୍ରଥମ ମେଧା ତାଲିକା ପ୍ରକାଶିତ ହେବ। ପ୍ରଥମ ମେଧା ତାଲିକାରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୬ ଅଗଷ୍ଟ ରୁ ୧୧ ତାରିଖ ଅପରାହ୍ନ ପର୍ଯ୍ୟନ୍ତ ନିଜର ସିଟ୍ ପାଇଁ ସ୍ଲାଇଡ଼/ଫ୍ରିଜ ବିକଳ୍ପ ବାଛି ପାରିବେ। ଅଗଷ୍ଟ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଆଡ଼ମିସନ ପ୍ରକ୍ରିୟା ଅନୁଷ୍ଠିତ ହେବ। ୧୭ ଅଗଷ୍ଟରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶିତ ହେବ।

## ପ୍ରଧାନଶିକ୍ଷକ ବଦଳି ନେଇ ବିଦ୍ୟାଳୟରେ ତାଲା

### ଧାରଣାରେ ବସିଲେ ଛାତ୍ରଛାତ୍ରୀ ସମେତ ଅଭିଭାବକ

**ରେଢ଼ାଖୋଲ, ୧୮।୭(ନିପ୍ର):** ଶିକ୍ଷାର ବିକାଶ ଦିଗରେ ସରକାର ପଦକ୍ଷେପ ନେଉ ଥିବା ବେଳେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ କଦଳୀଗଡ ପଞ୍ଚାୟତ ପଣ୍ଡକିମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ବଦଳି ପାଇଁ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଲେ ଅଭିଭାବକ ସମେତ ଛାତ୍ରଛାତ୍ରୀ। ସୂଚନାଯୋଗ୍ୟ ଯେ ଶନିବାର ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ସମେତ ଅବିଭାବକମାନେ ପ୍ରଧାନ ଶିକ୍ଷକଙ୍କ ମାନମାନି ତଥା ଅବହେଳା ଯୋଗୁଁ ଶିକ୍ଷାଦାନରେ ଅବହେଳା, ମଧ୍ୟାହ୍ନ ଭୋଜନରେ ଅନିୟମିତତା ସ୍କୁଲ କମିଟିକୁ ଅବମାନନା, ନୂତନ ନାମ ଲେଖାରେ ବାଧା ସୃଷ୍ଟି କରୁଥିବା ଅଭିଯୋଗ କରି ଏହି ଧାରଣା ଦେଇଥିବା କହିଛନ୍ତି ଅଭିଭାବକ। ଏପଟେ ଏହିସବୁ ଅଭିଯୋଗ ଭିତ୍ତିହୀନ କହିବା ସହ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି ପ୍ରଧାନ ଶିକ୍ଷକ। ଘଟଣାସ୍ଥଳରେ



ରେଢ଼ାଖୋଲ ଶିକ୍ଷା ଅଧିକାରୀ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ପରେ ଲୋକେ ଧାରଣାରୁ ଉଠିବା ସହ ସ୍କୁଲ ଖୋଲିଥିଲେ। ଏହି ଘଟଣାରେ ସକାଳୁ ପ୍ରାୟ ତିନିଘଣ୍ଟା ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରହିଥିଲା। ଯାହାଫଳରେ ସ୍କୁଲରେ ଶିକ୍ଷାଦାନରେ ତ୍ରୁଟି ଦେଖାଯାଇଥିଲା।

## ଅଗ୍ରସେନ ସ୍ପଞ୍ଜକୁ ସିଲ୍ କଲା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ

ରାଉରକେଲା ୧୮/୭(ନିପ୍ର), କଠିନ ଆବର୍ଜନା ଓ ଫ୍ଲାଏ ଆଶର ଅବୈଧ ଡମ୍ପିଂ ପାଇଁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ରାଉରକେଲା ଆଞ୍ଚଳିକ ଶାଖା ପକ୍ଷରୁ ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନ ଓ ସଂସ୍ଥାଙ୍କ ଠାରୁ ୨୦୨୫-୨୬ ଆର୍ଥିକ ବର୍ଷରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୧ କୋଟି ୮୦ ଲକ୍ଷ ଟଙ୍କା ପରିବେଶଗତ କ୍ଷତିପୂରଣ ଆଦାୟ କରାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ରାଉରକେଲା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ରାଜଗାଙ୍ଗପୁର ସ୍ଥିତ ଅଗ୍ରସେନ ସ୍ପଞ୍ଜର ୩ଟି ୟୁନିଟକୁ ସିଲ୍ କରାଯାଇଛି। ଏସପିସିବିର ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ତଥା ରାଉରକେଲା ଆଞ୍ଚଳିକ ଅଧିକାରୀ ଡ଼କ୍ଟର ଅନୁପ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ କାରଖାନା ପରିସର




ମଧ୍ୟରେ ୩ଟି ସ୍ଥାନରେ ଏକସଙ୍ଗେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେଗୁଡ଼ିକ ମଧ୍ୟରେ ପିଏଲସି କଣ୍ଟ୍ରୋଲ ରୁମ୍, କଞ୍ଚାମାଲ ଫିଡିଂ ପଏଣ୍ଟ ଏବଂ ୩୩ କେଭି ବିଦ୍ୟୁତ ସଂଯୋଗ ସ୍ଥଳ। ରାଉରକେଲା ଏସପିସିବି ପକ୍ଷରୁ କୁହାଯାଇଛି ଯେ ବାୟୁ ଏବଂ ଜଳ ଆଇନ ଅନୁଯାୟୀ ଦିଆଯାଇଥିବା ସର୍ତ୍ତାବଳୀ ଉଲ୍ଲଂଘନ କରି କାରଖାନା ଚାଲୁଥିଲା। ବାରମ୍ବାର ନିୟମ ଅଣଦେଖା ଏବଂ ନିର୍ଦ୍ଧାରିତ ପରିବେଶ ମାନଦଣ୍ଡ ପୂରଣ ନକରିବା ଯୋଗୁଁ ବିଭିନ୍ନ ଶିଳ୍ପ କାରଖାନାରେ ଏହି ସିଲ୍ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ରାଉରକେଲା ଏସପିସିବିର ଏକ ଟିମ୍, ସ୍ଥାନୀୟ ପ୍ରଶାସନ, ଟିପିଡବ୍ଲୁଓଡି ଏବଂ ପୋଲିସ ଉପସ୍ଥିତିରେ ସିଲ୍ କାର୍ଯ୍ୟ ସମ୍ପନ୍ନ କରିଛି। ସିଲ୍ ହୋଇଥିବା ସ୍ଥାନରେ ନୋଟିସ୍ ମଧ୍ୟ ଲଗାଯାଇଛି ଯେ ବୋର୍ଡର ପରବର୍ତ୍ତୀ ଅନୁମତି ନମିଳିବା ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରାଯାଇପାରିବ ନାହିଁ।

## ସେବାକେନ୍ଦ୍ର ସ୍ଥାପନ କଲା ଆଇଆରଇଡିଏ

**ପୁରୀ, ୧୮/୭(ନିପ୍ର):** ସରକାରୀ ଉଦ୍ୟୋଗ - ଭାରତୀୟ ଅକ୍ଷୟ ଶକ୍ତି ବିକାଶ ସଂସ୍ଥା (ଆଇଆରଇଡିଏ) ପୁରୀରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ଯୋଗ ଦେଇଥିବା ଭକ୍ତମାନଙ୍କ ପାଇଁ ଏକ ସେବା କେନ୍ଦ୍ର ସ୍ଥାପନ କରିଛି। ଶ୍ରୀଗୁଣ୍ଡିଚା ମନ୍ଦିର ନିକଟସ୍ଥ ବଡ଼ ଦାଣ୍ଡରେ ଏହି କେନ୍ଦ୍ରକୁ ଅଧକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ବିଜୟ କୁମାର ମହାନ୍ତି ଉଦଘାଟନ କରିଥିଲେ। ସେବା କେନ୍ଦ୍ର ଜୁଲାଇ ୧୬ ରୁ ଆରମ୍ଭ ହୋଇଛି। ଏହା ୨୪ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ। ବାର୍ଷିକ ରଥ ମହୋତ୍ସବରେ ଆସୁଥିବା ହଜାର ହଜାର ତୀର୍ଥଯାତ୍ରୀଙ୍କୁ ଏଠାରେ ମାଗଣା ପାନୀୟ ଜଳ ଏବଂ ଖାଦ୍ୟ ଯୋଗାଣ କରୁଛି। କଲ୍ୟାଣମୂଳକ ପଦକ୍ଷେପ ସହିତ ଆଇଆରଇଡିଏ ମହୋତ୍ସବକୁ ଆସୁଥିବା ଭକ୍ତମାନଙ୍କ ମଧ୍ୟରେ ଅକ୍ଷୟ ଶକ୍ତି ଏବଂ ସ୍ଥାୟୀ ବିକାଶ ବିଷୟରେ ସଚେତନତା ମଧ୍ୟ ପ୍ରସାର କରୁଛି। ଏହି ଅବସରରେ ଡକ୍ଟର ବିଜୟ କୁମାର ମହାନ୍ତି କହିଛନ୍ତି ଯେ ପବିତ୍ର ରଥଯାତ୍ରା ସମୟରେ ଭକ୍ତମାନଙ୍କୁ ସେବା କରିବା ପାଇଁ ଆଇଆରଇଡିଏ ଲାଗି ଗର୍ବର ବିଷୟ।

## ଭଲ ମଣିଷରୂପେ ନିଜ ପରିଚୟ ସୃଷ୍ଟି କରିଥିଲେ ନାଗଭୂଷଣ



ଗୁଣପୁର, ୧୮/୭(ନିପ୍ର): ଗୁଣପୁର ନୀଳାଦ୍ରି ବିହାର ବାସିନ୍ଦା ରାଷ୍ଟ୍ରପତି ପୁରସ୍କାର ଅସରପ୍ରାପ୍ତ ଶିକ୍ଷକ ନାଗଭୂଷଣ ରାଓ ପଟ୍ଟନାୟକଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ତାଙ୍କ ଆକସ୍ମିକ ବିୟୋଗ ଗୁଣପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅନ୍ତିମଶଯ୍ୟା ନିକଟରେ ପୁଅ ଅବସରପ୍ରାପ୍ତ ଶିକ୍ଷକ ଗୌରୀ ପଟ୍ଟନାୟକ, ଶିକ୍ଷକ ରାବଣା ପଟ୍ଟନାୟକ, ନରସିଂହ ପଟ୍ଟନାୟକ, ଆଇନଜୀବୀ ସତ୍ୟ ପଟ୍ଟନାୟକ ବୋହୂ ନାତି, ନାତୁଣୀ, ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଗୁଣପୁର ଅଞ୍ଚଳରେ ସେ ଜଣେ ଛାତ୍ର ବତ୍ସଳ ଆଦର୍ଶ ଶିକ୍ଷକ, ସରଳ, ନିଷ୍ପାପର ଭଲ ମଣିଷ ରୂପେ ନିଜର ପରିଚୟ ସୃଷ୍ଟି କରିଥିଲେ। ଏଥିପାଇଁ ସରକାର ସ୍ୱର୍ଗତ ପଟ୍ଟନାୟକଙ୍କୁ ୧୯୮୭ ମସିହାରେ ରାଜ୍ୟପାଳ ପୁରସ୍କାର ଏବଂ ୧୯୮୯ ମସିହାରେ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରିଥିଲେ। ଦୀର୍ଘ ବର୍ଷ ଧରି ମାଠିଆ ସାହି ସ୍କୁଲରେ ପ୍ରଧାନ ଶିକ୍ଷକ ରୂପେ କାର୍ଯ୍ୟ କରିଥିଲେ। ଗୁଣପୁର ବଂଶଧାରା ନଦୀକୂଳରେ ସ୍ୱର୍ଗତ ପଟ୍ଟନାୟକଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା।

## ପ୍ରଯୁକ୍ତି ଓ କୃତ୍ରିମ ବୁଦ୍ଧିମତ୍ତା ଆଇନଗତ ବିଚାରର ବିକଳ୍ପ ହୋଇପାରିବ ନାହିଁ: ମୁଖ୍ୟ ବିଚାରପତି

ଭୁବନେଶ୍ୱର, ୧୮/୭(ନିପ୍ର): ପ୍ରଯୁକ୍ତିର ଅଗ୍ରଗତି ଓ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଆବିର୍ଭାବ ଅଦାଲତର କାର୍ଯ୍ୟ ପରିଚାଳନାରେ ଦକ୍ଷତା ବୃଦ୍ଧି କରିଥିଲେ ମଧ୍ୟ ଏହା କେବେ ମଧ୍ୟ ସଚେତନ ସମ୍ବେଦନଶୀଳତା, ସ୍ୱତନ୍ତ୍ର ଓ ସ୍ୱାଧୀନ ଆଇନଗତ ବିଚାରର ବିକଳ୍ପ ହୋଇପାରିବ ନାହିଁ ବୋଲି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ହରିଶ ଟଣ୍ଡନ ଶନିବାର କହିଛନ୍ତି। ସୋଆ (ଶିକ୍ଷା 'ଓ' ଅନୁସନ୍ଧାନ) ଡିମ୍ଡ-ଟୁ-ବି ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନ୍ୟାୟମୂର୍ତି ଶ୍ରୀ ଟଣ୍ଡନ କହିଥିଲେ ଯେ, ପ୍ରଯୁକ୍ତିର ବିକାଶ ପାରଂପରିକ ଅଦାଲତ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଥାଏ, କିନ୍ତୁ ଏହା କେବେ ବି ମାନବୀୟ ବିଚାର ଶକ୍ତିର ସ୍ଥାନ ନେଇପାରିବ ନାହିଁ। ନ୍ୟାୟମୂର୍ତ୍ତି ଶ୍ରୀ ଟଣ୍ଡନ୍ କହିଥିଲେ "ମୁଁ ପ୍ରଯୁକ୍ତିକୁ ବିରୋଧ କରୁନାହିଁ। କାରଣ ଏହା କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ସହ ଅତ୍ୟନ୍ତ ଦ୍ରୁତ ଗତିରେ ସୂଚନା ପ୍ରକ୍ରିୟାକରଣରେ ସହାୟକ ହେଉଛି। କିନ୍ତୁ ଏହା କେବେ ବି ମାନବୀୟ ସମ୍ବେଦନଶୀଳତା ଓ ଆଇନଗତ ଯୁକ୍ତିର ସ୍ଥାନ ନେଇପାରିବ ନାହିଁ" ବୋଲି ସେ କହିଥିଲେ। ସୋଆ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ସମାବର୍ତ୍ତନ ଉତ୍ସବ ପରିପ୍ରେକ୍ଷୀରେ ୩୦୦ରୁ ଅଧିକ ଗବେଷକଙ୍କୁ ପିଏଚ୍.ଡି. ଉପାଧି ପ୍ରଦାନ କରାଯାଇଥିଲା। ଏହି ଅବସରରେ ସୋଆ ପକ୍ଷରୁ ଓଡ଼ିଶା ହାଇକୋର୍ଟର




ବିଚାରପତି ନ୍ୟାୟମୂର୍ତ୍ତି କୃଷ୍ଣ ଶ୍ରୀପଦ ଦୀକ୍ଷିତଙ୍କୁ ସମ୍ମାନସୂଚକ ଡକ୍ଟର ଅଫ୍ ଲ' (ହନରିସ କଜା) ଉପାଧି ପ୍ରଦାନ କରାଯାଇଥିଲା। ସମାବର୍ତ୍ତନ ଉତ୍ସବରେ ଓଡ଼ିଶା ହାଇକୋର୍ଟର ୧୫ ଜଣ ଏବଂ କର୍ଣ୍ଣାଟକ ହାଇକୋର୍ଟର ୫ ଜଣ ବିଚାରପତି ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର (ଡା.) ଅମିତ ବାନାର୍ଜୀ ଏହି ସମାବର୍ତ୍ତନ ଉତ୍ସବରେ ଅଧ୍ୟକ୍ଷତା କରିଥିବା ବେଳେ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ବିଶ୍ୱବିଦ୍ୟାଳୟର ଅଗ୍ରଗତି ସଂପର୍କରେ ରିପୋର୍ଟ ଉପସ୍ଥାପନ କରିଥିଲେ। ନ୍ୟାୟମୂର୍ତ୍ତି ଶ୍ରୀ ଟଣ୍ଡନ କହିଥିଲେ ଯେ ଏକ ସମାଜର ପ୍ରକୃତ ମୂଲ୍ୟାଙ୍କନ ତାହାର ନ୍ୟାୟସଙ୍ଗତ ଆଇନ ବ୍ୟବସ୍ଥା ଉପରେ ନିର୍ଭର କରେ। ଆଇନର ଶାସନ କେବଳ ଏକ ଧାରଣା ନୁହେଁ, ବରଂ ଏହା ନୈତିକତା, ସତ୍ୟନିଷ୍ଠା ଓ ସ୍ୱଚ୍ଛତାକୁ ନେଇ ଗଠିତ ଯାହାର ମୂଳ ଉଦ୍ଦେଶ୍ୟ ହେଉଛି ନ୍ୟାୟ ପ୍ରଦାନ। ସେ କହିଥିଲେ, "ସାମ୍ବିଧାନିକ ନୈତିକତା ହେଉଛି ଆମର ସଂଘୀୟ ବ୍ୟବସ୍ଥାର ପ୍ରାଣଶକ୍ତି। ଏହା ସମ୍ବିଧାନରେ ନିହିତ ଆଦର୍ଶଗୁଡ଼ିକୁ ସୁରକ୍ଷିତ ରଖିବା ସହ ନ୍ୟାୟ, ମର୍ଯ୍ୟାଦା ଓ ଦାୟିତ୍ୱବୋଧ ମାଧ୍ୟମରେ ସମାଜର ଅଗ୍ରଗତିକୁ ସୁନିଶ୍ଚିତ କରିଥାଏ।" ଭାରତର ପୂର୍ବତନ ମୁଖ୍ୟ ବିଚାରପତି ନ୍ୟାୟମୂର୍ତି ଶ୍ରୀ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ 'ସନ୍ତୋଷ ସିଂହ ବନାମ ୟୁନିଅନ ଅଫ୍ ଇଣ୍ଡିଆ' ମାମଲାର ରାୟକୁ ଉଲ୍ଲେଖ କରି ସେ କହିଥିଲେ ଯେ ଗଣତନ୍ତ୍ରର ପ୍ରକୃତ ଶକ୍ତି କେବଳ ସମ୍ବିଧାନର ବିଭିନ୍ନ ଧାରାରେ ନୁହେଁ, ବରଂ ଯେଉଁମାନେ ଏହାକୁ କାର୍ଯ୍ୟକାରୀ କରୁଛନ୍ତି ସେମାନଙ୍କର ଦାୟିତ୍ୱବୋଧ ଓ ପ୍ରତିବଦ୍ଧତାରେ ନିହିତ। ସେ କହିଥିଲେ ଯେ, ନ୍ୟାୟପୂର୍ଣ୍ଣ ସମାଜ ଗଠନ ପାଇଁ ବିଭିନ୍ନ ମତ ଓ ଚିନ୍ତାଧାରାକୁ ସମ୍ମାନ ଦେବା, ସହନଶୀଳତା ଏବଂ ସମାଜର ଅବହେଳିତ ଲୋକଙ୍କ ପ୍ରତି ସହାନୁଭୂତି ପ୍ରକାଶ କରିବା ଅତ୍ୟନ୍ତ ଆବଶ୍ୟକ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ